e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
32 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୨୬୪ ● ୨୫ ଅକ୍ଟୋବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-264 ● 25th October 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

୬ ରୋମାଞ୍ଚକର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଧରାଶାୟୀ କଲା ଭାରତ



CBC 19101/13/0018/2627
Ministry of Home Affairs
Government of India
ନକ୍ସଲବାଦକୁ ପରାସ୍ତ କରିଥିବା ବୀରମାନଙ୍କର ଜୟ ହେଉ
ଆନ୍ତରିକ ସୁରକ୍ଷା ବଳକୁ ସମ୍ମାନ
ଏକ ସ୍ଥାନରେ ଏକତାର ଅନେକ ରଙ୍ଗ ଦେଖନ୍ତୁ
Rashtriya Ekta Diwas
31st OCTOBER, 2026
ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ
ଭାରତ ପର୍ବ
୧ ରୁ ୧୫ ନଭେମ୍ବର,୨୦୨୬ ଏକତା ନଗର, ଗୁଜରାଟ
ସୂଚନା ଏବଂ ବାସସ୍ଥାନ ବୁକିଂ ପାଇଁ rashtriyaektadiwas.comକୁ ସ୍କାନ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ

ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ


## ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୫ ଜିଲ୍ଲାରେ ୨୮-୨୯ ସ୍କୁଲ କଲେଜ ଛୁଟି

ଭୁବନେଶ୍ୱର, ୨୪।୧୦
ନ୍ୟୁଜ୍ ବ୍ୟୁରୋ



ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଅଛି, ଏଥର ମଧ୍ୟ ଆମ ଜିରୋ କାଜୁଆଲ୍‌ଟି ହାସଲ କରିବୁ । ଶନିବାର ଦିନ ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବନ୍ୟା ଓ ବାତ୍ୟା ମୁକାବିଲାରେ ଆମର ପୂର୍ବରୁ ଅଭିଜ୍ଞତା ରହିଛି। ବାତ୍ୟା ଦାନା ଓ ମୋନ୍ଥା'ର ସଫଳ ମୁକାବିଲା କରାଯାଇଥିଲା । ଏହା ସହିତ ଅନେକ ବନ୍ୟା ପରିସ୍ଥିତିର ମୁକାବିଲା ମଧ୍ୟ କରାଯାଇଛି । ତେଣୁ ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ଜିରୋ କାଜୁଆଲ୍‌ଟି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ ଛୁଇଁବ। ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ଏବଂ ପ୍ରାୟ ୮୦ ରୁ ୯୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ରହିଛି । ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି।

ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ୫ଟି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି। ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଅନ୍ୟ ଜିଲ୍ଲା ଗୁଡ଼ିକରେ ସ୍କୁଲ କଲେଜ ଛୁଟି କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ ।

ସେ କହିଥିଲେ ଯେ, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି । ବିଶେଷକରି ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି।

ଓଡ୍ରାଫ୍, ଅଗ୍ନିଶମ ଏବଂ ଏନ୍.ଡି.ଆରଏଫ୍ ଟିମ୍ ନିୟୋଜିତ କରାଯାଇଛି । ପ୍ରାୟ ୬୦ଟି ଓଡ୍ରାଫ୍ ଟିମ୍ ଓ ୧୭ଟି ଏନଡିଆରଏଫ୍ ଟିମ୍ କୁ ନିୟୋଜିତ କରାଯାଇଛି । ୨୨୫ ଟି ଅଗ୍ନିଶମ ଦଳ ସଜାଗ ଅଛନ୍ତି ବୋଲି ଜଣାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ *(ପୃଷ୍ଠା ୭ରେ)*

## ଆଜି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

# କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା



ଭୁବନେଶ୍ୱର, ୨୪।୧୦
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଠାରେ ଆରବିଆଇ ଡାଟା ସେଣ୍ଟରର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି।

ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ସହରରେ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଗମ ଓ ନିୟନ୍ତ୍ରିତ ରଖିବା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ରବିବାର ଅପରାହ୍ଣ ୪ଟା ୪୦ ମିନିଟ୍‌ରୁ ସନ୍ଧ୍ୟା ୭ଟା ୪୦ ମିନିଟ୍ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି।

ଆରବିଆଇ ଡାଟା ସେଣ୍ଟର, ଇନଫୋଭାଲି, ତଳଖେତ, ଭୁଆସୁଣୀ ଛକ, ଏନ୍ଏଚ୍ ୧୬, ଜୟଦେବ ବିହାର, ବେହେରା ସାହି, ଶାସ୍ତ୍ରୀ ନଗର, ୧୨୦ ବିଏନ୍ ଛକ, ପାୱାର ହାଉସ, ଲୋକ ଭବନ, ଏଜି ଓ ହସ୍ପିଟାଲ ଛକରେ ଯାତାୟାତ କଟକଣା ଲାଗୁ କରାଯାଇଛି। ବିକଳ୍ପ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- କୃଷ୍ଣଙ୍କ ଜୀବନ ଉପରେ କାର୍ଯ୍ୟ କରୁଥିବା ଗବେଷକ ଏବଂ ଅନୁଷ୍ଠାନଗୁଡ଼ିକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରାଯିବ: ମୋହନ ଯାଦବ।
- ଡକ୍ଟର ସଜ୍ଜନ ସିଂହ ଯାଦବ ଜମ୍ମୁ-କଶ୍ମୀରର ନୂତନ ମୁଖ୍ୟ ଶାସନ ସଚିବ ନିଯୁକ୍ତ।
- ପ୍ରଶାନ୍ତ ମହାସାଗରର ଭାନୁଆଟୁରେ ୬.୯ ତୀବ୍ରତାର ଭୂମିକମ୍ପ।
- ଆଇଟିବିପି ପ୍ରତିଷ୍ଠା ଦିବସ ଅବସରରେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା।
- ହିମାଚଳ ପ୍ରଦେଶରେ ୩୨୦ଟି ନୂତନ ପିଜି ମେଡ଼ିକାଲ ସିଟ୍‌କୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୫୮ (+୧୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୭୦ (+୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୯୪ (+୮)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୨୦ (+୦)

# ଆଇନ ଶୃଙ୍ଖଳା ସ୍ଥିତି ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କଲେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ, ୨୪।୧୦

ଦିଲ୍ଲୀରେ ଗତ କିଛି ଦିନ ହେବ ଲଗାତାର ଆନ୍ଦୋଳନ ଜାରି ରହିଛି। ପ୍ରଥମେ ନିଟ୍ ବିବାଦକୁ ନେଇ ସିଜେପି ଆନ୍ଦୋଳନ ଏବଂ ପରେ ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଜାରି ରହିଥିବାରୁ ଦିଲ୍ଲୀରେ ଆଇନ ଶୃଙ୍ଖଳା ସ୍ଥିତି ସଂକ୍ରାନ୍ତରେ ଆଲୋଚନା କରିବାପାଇଁ ଶନିବାର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଜୟ ସିଂହ ରୋଡ୍ ସ୍ଥିତ ଦିଲ୍ଲୀ ପୁଲିସ ମୁଖ୍ୟାଳୟରେ ପହଞ୍ଚି ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହ ଆଇନ ଶୃଙ୍ଖଳା ସ୍ଥିତି ଉପରେ ଆଲୋଚନା କରିଛନ୍ତି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ଶାହଙ୍କ ସହ ପୁଲିସ ମୁଖ୍ୟାଳୟରେ ହୋଇଥିବା ବୈଠକରେ ଯୋଗ ଦେଇଥିଲେ। ଶାହ ଶନିବାର ଅପରାହ୍ଣ ପ୍ରାୟ ୩ଟାରେ ପୁଲିସ ମୁଖ୍ୟାଳୟରେ ପହଞ୍ଚିଥିଲେ। ବରିଷ୍ଠ ଅଫିସରମାନେ ଶାହଙ୍କୁ ପୁଲିସ ବାହିନୀର ପ୍ରଦର୍ଶନ, ବିଭିନ୍ନ ମାମଲାରେ ଜାରି ରହିଥିବା ତଦନ୍ତ ଏବଂ ବିଭିନ୍ନ ଚ୍ୟାଲେଞ୍ଜ ସଂକ୍ରାନ୍ତରେ ଅବଗତ କରାଇଥିଲେ।

ଉଲ୍ଲେଖଯୋଗ୍ୟ ଗତ ଜୁଲାଇରେ ସିଜେପିର 'ସଂସଦ ଚଲୋ' ପଦଯାତ୍ରା ସମୟରେ ଆନ୍ଦୋଳନକାରୀଙ୍କ ବିରୋଧରେ ଅତ୍ୟଧିକ ପୁଲିସ ବର୍ବରତା ଅଭିଯୋଗ ମଧ୍ୟରେ ଶାହ ପୁଲିସ ମୁଖ୍ୟାଳୟକୁ ଗସ୍ତ କରିଛନ୍ତି। ତେବେ ଶାହ ୪ ବର୍ଷ ପରେ ଶନିବାର ଦିଲ୍ଲୀ ପୁଲିସ ମୁଖ୍ୟାଳୟକୁ ଯାଇଛନ୍ତି। ଶେଷ ଥର ପାଇଁ ସେ ୨୦୨୨ ଅଗଷ୍ଟ ୩୦ ତାରିଖରେ ପୁଲିସ ମୁଖ୍ୟାଳୟକୁ ଯାଇଥିଲେ। ଆସନ୍ତା ନଭେମ୍ବର ୧ ତାରିଖରେ କଂଗ୍ରେସ ଏବଂ ଅନ୍ୟ *(ପୃଷ୍ଠା ୭ରେ)*

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

ଭୁବନେଶ୍ୱର, ୨୪।୧୦
ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଆଶଙ୍କା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ସ୍ଥଗିତ ରହିଛି। ଆସନ୍ତା ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତିଙ୍କର ମୟୂରଭଞ୍ଜ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ତେବେ ଅକ୍ଟୋବର ବଦଳରେ ଆସନ୍ତା ନଭେମ୍ବର ୪ ଓ ୫ରେ ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତିଙ୍କ ସଚିବାଳୟର ଟୁର୍ ସେକ୍ସନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ୨୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୨୪।୧୦
ନ୍ୟୁଜ୍ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ୨୬ ତାରିଖରେ ଭୁବନେଶ୍ୱର ୟୁନିଟ–୨, ଅଶୋକ ନଗର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ ରହିବ। ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜିକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।




## ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ପିଏମ୍ ଇ-ବସ୍ ସେବା ଯୋଜନାରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ




ଭୁବନେଶ୍ୱର, ୨୪।୧୦
ନ୍ୟୁଜ୍ ବ୍ୟୁରୋ

୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ ।

ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହା ୪୦ ପ୍ରତିଶତକୁ ବୃଦ୍ଧି *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ଛେଚାକୁଟା ଖାଇ ସେଣ୍ଟେନର ଭାଇ
କରୁଥାନ୍ତି ବସି ଚିନ୍ତା
ଟିମ୍‌କୁ ମାଡ ବର୍ଷାରେ
ଚିରି ଉଡିଗଲା ଛତା
ଏବେ ପଶିଲା ଚେତା
ହାଲକାରେ ନେଲେ ଆୟର ବାବୁଙ୍କୁ
କଟିଯିବ ପୂରା ଫିତା ।।

# ଏଲ୍‌ନିନୋ : ପ୍ରଶାନ୍ତ ମହାସାଗର ତାପମାତ୍ରା ୩୦ ଡିଗ୍ରୀ ଛୁଇଁଲା



ନୂଆଦିଲ୍ଲୀ, ୨୪।୧୦

ବିଶ୍ୱ ଜଳବାୟୁ ପ୍ରକ୍ରିୟାରେ ଏକ ବଡ଼ ବିପର୍ଯ୍ୟୟର ସଙ୍କେତ ଦେଇ ପ୍ରଶାନ୍ତ ମହାସାଗର ତାପମାତ୍ରା ନିଜର ସମସ୍ତ ପୂର୍ବ ରେକର୍ଡ ଭାଙ୍ଗିଛି। ଏକ ଅତ୍ୟନ୍ତ ଶକ୍ତିଶାଳୀ ଏଲ୍ ନିନୋ ପ୍ରଭାବରେ ଜଳଭାଗର ତାପମାତ୍ରା ସର୍ବକାଳୀନ ସର୍ବୋଚ୍ଚ ସ୍ତରକୁ ଗତି କରିଛି, ଯାହା ଭାରତ ସମେତ ସମଗ୍ର ବିଶ୍ୱର ପାଣିପାଗ ପଦ୍ଧତିକୁ ପ୍ରଭାବିତ କରିବା ଆରମ୍ଭ କରିଛି । ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ପ୍ରଶାସନ (ନୋଆ)ର ତଥ୍ୟ ଅନୁଯାୟୀ, ଗତ ଅକ୍ଟୋବର ୨୨ ତାରିଖରେ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରର ପୃଷ୍ଠଭାଗ ତାପମାତ୍ରା ପ୍ରଥମ ଥର ପାଇଁ ୩୦ ଡିଗ୍ରୀ ସେଲସିୟସ୍ ଛୁଇଁଛି। ଉପଲବ୍ଧ ସାମୁଦ୍ରିକ ଇତିହାସରେ ଏଭଳି ସ୍ଥିତି କେବେ ହେଲେ ଦେଖାଯାଇନଥିଲା।

ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମଓ) ନିଜର ବୁଲେଟିନ୍‌ରେ ପ୍ରକାଶ କରିଛି ଯେ, କେନ୍ଦ୍ରୀୟ ଏବଂ ପୂର୍ବ କ୍ରାନ୍ତୀୟ ପ୍ରଶାନ୍ତ ମହାସାଗରର ଏହି ତାପମାତ୍ରା ଚଳିତ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଏକ ବିପଜ୍ଜନକ ସ୍ତରକୁ ଗତି କରିବ ଏବଂ ଡିସେମ୍ବର ମାସରେ ଏହି ଏଲ୍ ନିନୋ ନିଜର ସର୍ବୋଚ୍ଚ ଶିଖରରେ ପହଞ୍ଚିବ। ସାଧାରଣତଃ ଏହି ଅଞ୍ଚଳର ହାରାହାରି ତାପମାତ୍ରା ଗତ ଜୁନ୍ ମାସରେ ସ୍ୱାଭାବିକ ଠାରୁ ୧.୬ ଡିଗ୍ରୀ ସେଲସିୟସ୍ ଅଧିକ ଥିବା *(ପୃଷ୍ଠା ୭ରେ)*

# କାର୍ - ଟ୍ରକ୍ ଧକ୍କା ଗୋଟିଏ ପରିବାରର ୬ ମୃତ

ଚୁରୁ, ୨୪।୧୦

ରାଜସ୍ଥାନର ଚୁରୁ ଜିଲ୍ଲାରେ ଏକ ଟ୍ରକ୍ ସହିତ କାର୍ ଧକ୍କା ହେବା ଫଳରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଏବଂ ସେମାନଙ୍କ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଜଣେ ସାତ ମାସର ଶିଶୁ କନ୍ୟା ଗୁରୁତର ଆହତ ହୋଇଛି। ଏହି ପରିବାର ଗୋଗାମେଡ଼ି ଠାରେ ଦେବୀଙ୍କୁ ଦର୍ଶନ କରିବା ପାଇଁ ଯାଉଥିଲେ। ଦୁର୍ଘଟଣାର ଖବର ପ୍ରଚାରିତ ହେବା ପରେ ପରିବାରର ଗ୍ରାମ ସୋମସୀସର ସମେତ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ପ୍ରାଥମିକ ସୂଚନା ଅନୁଯାୟୀ, ଚୁରୁ ଜିଲ୍ଲାର ତାରାନଗର ଅଞ୍ଚଳର ସୋମସୀସର ଗାଁର ଏକ ପରିବାର ହନୁମାନଗଡ଼ ଜିଲ୍ଲାର ଗୋଗାମେଡ଼ି ଅଭିମୁଖେ ଦେବୀଙ୍କୁ ଦର୍ଶନ କରିବା ପାଇଁ ଯାଉଥିଲେ। ପରିବାର ସଦସ୍ୟମାନେ ଏକ କାରରେ ସେମାନଙ୍କର ଧାର୍ମିକ ଯାତ୍ରାରେ ଯାଉଥିଲେ। ଏହି ସମୟରେ ସାଦୁଲପୁର ଅଞ୍ଚଳର ଦଦରେୱା ଗ୍ରାମ ନିକଟରେ କାରଟି ଆଗକୁ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ କାରର ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଏହି ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ଘଟିଛି।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର ୨୫ ଅକ୍ଟୋବର ରବିବାର ୨୦୨୬





# ସୋନପୁର ରାବଣ ପୋଡ଼ି ଉତ୍ସବରେ ସହସ୍ରାଧିକ ଦର୍ଶକ ସମାଗମ



**ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ**

ଚଳିତବର୍ଷ ବ୍ଲକଛକ ଦୁର୍ଗାପୂଜା କମିଟି ପକ୍ଷରୁ ଏବର୍ଷ ଆକର୍ଷଣୀୟ ସାଜସଜା ସହ ହୋଇଛି । ରାବଣ ପୋଡି ଉତ୍ସବରେ ପ୍ରାୟ ୨୦ହଜାର ଦର୍ଶକଙ୍କ ଭିଡ ଜମି ଥିଲା । ଏ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ରାବଣ ଦରବାରରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହ ଓ ସମ୍ମାନିତ ଅତିଥି ଭାବରେ ଏସପି ନାରାୟଣ ନାଏକ ଯୋଗ ଦେଇ ଅନ୍ୟାୟ ଉପରେ ନ୍ୟାୟ, ଓ ଅଧର୍ମ ଉପରେ ଧର୍ମର ବିଜୟ ର ପ୍ରତୀକ ଏ ରାବଣ ପୋଡ଼ି ମହୋତ୍ସବ ବୋଲି କହିଥିଲେ । ସଭାପତି ଅରବିନ୍ଦ ବାରିକ ସଂପାଦକ ନିଶାନ୍ତ ମହାନ୍ତି, ଦିଲ୍ଲିପ ପାତ୍ର ବଳଦେବ ବେଦବାକ, ଶରତ ମହାପାତ୍ର, ଡଃ ଜ୍ୟୋତି ରଞ୍ଜନ ବହିଦାର ପ୍ରମୁଖ ମଞ୍ଚାସିନ ଥିବାବେଳେ ପୂଜା କମିଟିର ସ୍ମରଣିକା ଶାକମ୍ଭରୀ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ରାବଣ ଭୂମିକାରେ ନାଟ୍ୟଶ୍ରୀ ଦେବରାଜ ଛତ୍ରିଆଙ୍କ ଅଭିନୟ ଖୁବ ଉଚ୍ଚକୋଟୀର ଥିଲା । ଏ ଅବସରରେ ମଞ୍ଚ ଉପରେ ନାଚଗୀତ ର ଆସରକୁ ଅନେକ ରାତିଯାଏ ଦର୍ଶକ ମନଭରି ଉପଭୋଗ କରିଥିଲେ । ଶେଷରେ ଅତିଥି ଙ୍କ ଦ୍ୱାରା ରାବଣଙ୍କ ଦେହରେ ଅଗ୍ନି ସଂଯୋଗ କରାଯାଇଥିଲା । ପିପିଲି ରୁ ଆସିଥିବା ବିଭିନ୍ନ ଆତସବାଜୀର ପ୍ରଦର୍ଶନ କୁ ଦର୍ଶକ ଖୁବ ପ୍ରଶଂସା କରିଥିଲେ ।

# ୪ ଦଶନ୍ଧି ପରେ ଆଲୁଅ ଦେଖିଲା ଆବୁଝମାଡ଼ : ହଟିଲେ ନକ୍ସଲ, ବିକାଶ ଗତିଶୀଳ



ମାଲକାନଗିରି, ନ୍ୟୁଜ ବ୍ୟୁରୋ

ଚାରି ଦଶନ୍ଧି ଧରି ଥିଲା ନକ୍ସଲଙ୍କ ଦବ୍‌ଦବା । ପୁଲିସ ଓ ସୁରକ୍ଷା ବାହିନୀ ପଶି ପାରୁନଥିଲେ । ନକ୍ସଲ ହଟିବା ପରେ ଛତିଶଗଡ଼ର ଆବୁଝମାଡ଼ରେ ଆରମ୍ଭ ହୋଇଛି ବିକାଶର ନୂଆ ଅଧ୍ୟାୟ । ବର୍ଷ ବର୍ଷ ଧରି ଅନ୍ଧାରରେ ରହୁଥିବା ଗ୍ରାମବାସୀଙ୍କ ଘରେ ପହଞ୍ଚିଛି ବିଦ୍ୟୁତ୍ ସେବା । ଏଥି ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ମଧ ପରିବର୍ତ୍ତନ ଆସୁଛି । ଓଡ଼ିଶାର ମାଲକାନଗିରି ସମେତ ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳ, ବିଶେଷକରି ଛତିଶଗଡ଼ର ଆବୁଝମାଡ଼ ଇଲାକା ନକ୍ସଲଙ୍କ ପ୍ରମୁଖ ଆଶ୍ରୟସ୍ଥଳୀ ଭାବେ ପରିଚିତ ଥିଲା । ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ଼ ଘେରା ଏହି ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ଗାଁ ବର୍ଷ ବର୍ଷ ଧରି ବିକାଶଠାରୁ ଦୂରରେ ରହିଥିଲା । ଫଳରେ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ପାଇବା ପାଇଁ ମଧ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଥିଲା । ନକ୍ସଲ ପ୍ରଭାବ ଯୋଗୁଁ ଏହି ଅଞ୍ଚଳର ଅନେକ ଗାଁରେ ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ସଡ଼କ ଭଳି ମୌଳିକ ସୁବିଧା ପହଞ୍ଚିପାରିନଥିଲା । ଲୋକେ ରାତିରେ ଡିବିରି ଆଲୁଅ ଉପରେ ନିର୍ଭର କରୁଥିଲେ । ଆଧୁନିକ ଜୀବନର ଅନେକ ସୁବିଧା ସେମାନଙ୍କ ପାଇଁ ସ୍ୱପ୍ନ ହୋଇ ରହିଥିଲା । ନକ୍ସଲ ବିରୋଧୀ ଅଭିଯାନ ପରେ ଆବୁଝମାଡ଼ ଅଞ୍ଚଳରେ ପରିବର୍ତ୍ତନର ଚିତ୍ର ଦେଖିବାକୁ ମିଳୁଛି । ଛତିଶଗଡ଼ ସରକାରଙ୍କ ପକ୍ଷରୁ ଦୁର୍ଗମ ଗାଁ ଗୁଡ଼ିକରେ ସର୍ବେକ୍ଷଣ ସହ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି । ଧୀରେ ଧୀରେ ଗାଁ ଗୁଡ଼ିକୁ ସଡ଼କ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ବିଦ୍ୟୁତୀକରଣ କାର୍ଯ୍ୟ ଆଗକୁ ବଢୁଛି । ବିଦ୍ୟୁତ୍ ସଂଯୋଗୀକରଣ ପରେ ରାତିରେ ଆଲୁଅ ଦେଖି ଗ୍ରାମବାସୀ ଖୁସି ପ୍ରକାଶ କରିଛନ୍ତି । ମୋବାଇଲ୍ ଫୋନ୍ ଚାର୍ଜ ସହ ଦୈନନ୍ଦିନ ଜୀବନରେ ବିଦ୍ୟୁତ୍‌ର ବ୍ୟବହାର କରିବାର ସୁଯୋଗ ପାଇଛନ୍ତି ଲୋକେ । ଏହି ପରିବର୍ତ୍ତନ କେବଳ ବିଦ୍ୟୁତ୍ ସେବାରେ ସୀମିତ ନୁହେଁ । ବହୁ ବର୍ଷ ଧରି ବିକାଶଠାରୁ ଦୂରେଇ ରହିଥିବା ଆବୁଝମାଡ଼ର ଗାଁ ଗୁଡ଼ିକୁ ମୁଖ୍ୟସ୍ରୋତରେ ସାମିଲ କରିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି ।

# କ୍ରୀଡା ପ୍ରତି ରୁଚି ରଖିବାକୁ ଶିଶୁମାନଙ୍କୁ ଉତ୍ସାହିତ କଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ମାନଙ୍କୁ ନେଇ କ୍ରୀଡ଼ା ଉତ୍ସବ 'ଉତ୍ସାହ'-୨୦୨୬ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଉତ୍ସାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଦେବାଶିଷ ସିଂ ଶିଶୁ ମାନଙ୍କୁ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର,ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲିନା ବାବୁ ଯୋଗଦେଇ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରୁ ଆସିଥିବା ଶିଶୁ ମାନେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ଵଡିଆଁ, କେରମ୍, ଚେଶ୍ ଆଦି ଖେଳରେ ଭାଗ ନେଇଥିଲେ । ସମସ୍ତ କୃତିତ୍ୱ ହାସଲ କରିଥିବା ଶିଶୁ ମାନଙ୍କୁ ଅତିଥି ମାନେ ମାନପତ୍ର ଓ ପଦକ ଦେଇ ସମ୍ମାନିତ କରିଥିଲେ । ପୁରସ୍କାର ବିତରଣ ଉତ୍ସବ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାପତିତ୍ୱ କରିଥିଲେ । ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ଧନ୍ୟବାଦ ଦେଉଥିଲେ । କାର୍ଯ୍ୟକ୍ରମ କୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ମୃତ୍ୟୁଞ୍ଜୟ ସାହୁ, ଗୌତମ ମହାପାତ୍ର, ଥବିର କାଲସେ, ଅନିଲ ମହଲା, ସ୍ୱାଗତ ରାଜ ମିଶ୍ର, ଭାସ୍କର ଦାଶ, ମାନିନୀ ମହାନ୍ତି, ଜିତେନ୍ଦ୍ର ମଣ୍ଡଳ, ପ୍ରଶାନ୍ତ ମହାକୁଡ଼, ରୁଦ୍ର ପ୍ରସନ୍ନ ମିଶ୍ର ଆଦି ସହଯୋଗ କରିଥିଲେ ।

# ମହୋତ୍ସବ ମାଧ୍ୟମରେ ଶିଶୁଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କହ୍ନେଇପୁର ରାମ ଚନ୍ଦ୍ର ମର୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି - ୨୦୨୬'ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ପ୍ରଧାନ ଶିକ୍ଷକ ଲଡ୍ଡୁ କିଶୋର ଜାଲିଙ୍କ ସଭାପତିତ୍ୱରେ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି । କହ୍ନେଇପୁର କ୍ଲଷ୍ଟର ଆଞ୍ଚଳିକ ସାଧନ ସଂଯୋଜିକା ଲିପନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ପ୍ରକାଶ ସାସମଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏ ବି ଇ ଓ ସୁଶାନ୍ତ କୁମାର ନାୟକ,କିଶୋର ଚନ୍ଦ୍ର ଘାସି,ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ,ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଓ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ।ଏହି ଶିଶୁ ମହୋତ୍ସବରେ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ୧୧ ଟି ବିଦ୍ୟାଳୟର ୧୧୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ । ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ସୃଜନାତ୍ମକ ପ୍ରତିଯୋଗିତାରେ କୁନି କୁନି ପ୍ରତିଭାମାନେ ଅଂଶଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମରେ ଶିକ୍ଷକ,ଶିକ୍ଷୟିତ୍ରୀ ଅଭିଭାବକ ଓ ଅତିଥିମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା କଳା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ 'ସୁରଭି' ଏକ ଉତ୍ତମ ମଞ୍ଚ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଆୟୋଜକଙ୍କ ପକ୍ଷରୁ ସମସ୍ତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।



# ସୁରଭି କାର୍ଯ୍ୟକ୍ରମର ସଫଳତା କାମନା କଲେ ଅତିଥି

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କନକା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ , ସମଲ ପରିସରରେ ପ୍ରଧାନଶିକ୍ଷକ ଆଶିଷକାନ୍ତ ପାଢୀଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୬ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଉତ୍ସାହ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସିଆରସିସି ଯୁବ ସାହିତ୍ୟିକ ଡକ୍ଟର ଦ୍ୱାରିକାନାଥ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ , ଡିମିରିଆର ପ୍ରଧାନ ଶିକ୍ଷକ ଅଭିରାମ ବେହେରା ମୁଖ୍ୟ ବକ୍ତା, ସାମ୍ବାଦିକ ନୀଳାଚଳ ସେନାପତି, ଏସ ଏମ ସି ସଭାପତି ମିଥୁନ ଜାଲି, ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଦେବରାଜ ଗୌଡ଼ ନିରଞ୍ଜନ ଜାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଠନରତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଶିଶୁ ମହୋତ୍ସବ ସୁରଭି -୨୦୨୬



କାର୍ଯ୍ୟକ୍ରମର ସଫଳତା କାମନା ସହ ଶୁଭେଚ୍ଛା ଶୁଭ ଅଭିନନ୍ଦନ ଜଣାଇଥିଲେ । ବକ୍ତୃତା, ତର୍କ, ଅଭିନୟ, ସଙ୍ଗୀତ, ଚିତ୍ରକଳା, ପି ଏମ୍ ପୋଷଣ ଶିଳ୍ପ କଳା, ଦଳଗତ ନୃତ୍ୟ, ପ୍ରବନ୍ଧ, ସୃଜନଶୀଳ ଲିଖନ ଆଦି ପ୍ରତିଯୋଗିତା ଆୟୋଜନ ଫଳରେ ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇଥାଏ, ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଦଳଗତ ନୃତ୍ୟ ଶହ ଶହ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ସିଲ୍ ସହିତ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷକ ତ୍ରିନାଥ ସ୍ୱାଇଁ । କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗ୍ରାମବାସୀ ସୁରଭି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବାର ପାଲି ବିଶାସେ କଲଙ୍ଗା ସମାଜର ବାର୍ଷିକ ଉତ୍ସବ

**ପାଟଣାଗଡ, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଦମାଇପାଲି ପଞ୍ଚାୟତ ଲଛିମାଲ ଗ୍ରାମ ଠାରେ ବାର ପାଲି ବିଶସେ ଗଙ୍ଗା କଲଙ୍ଗା ସମାଜ ତରଫ ରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଏହି ଉତ୍ସବ ରେ ମୂଖ୍ୟ ଅତିଥି ରୂପେ ଓଡ଼ିଶା ରାଜ୍ୟ କଲଙ୍ଗା ସମାଜ ସଭାପତି ଚକ୍ରଧର ସାଗର, ସମ୍ମାନୀତ ଅତିଥି ରୁପେ ବୋଡାସମ୍ବର୍ ଅଞ୍ଚଳ କେନ୍ଦ୍ର ସଭାପତି ଜୟ ପତି ସାଗର, ବାରପାଲି ପାଟଣାଗଡ ସମାଜ ସଭାପତି ସୀତାରାମ ସର୍ଦ୍ଦାର, ସମ୍ପାଦକ ରୋହିତ୍ ଭୂର୍ଣ୍ଣ, ସଭାପତି ଅଭିମନ୍ୟୁ ମାଝୀ, ଛତିଶଗଡ ଆଞ୍ଚଳିକ ସମ୍ପାଦକ ଜଗତ ମାଝୀ, ବାଇସା ଅଞ୍ଚଳର ଉପଦେଷ୍ଟା ପୀତାମ୍ବର ପଧାନ, ବୟୋଜ୍ୟେଷ୍ଠ ସମାଜସେବୀ ବାଇଲୋଚନ ଗିର୍ଦ୍ଦା, ଲଛିମାଲ ଗୌନ୍ତିଆ ବୀରେନ୍ଦ୍ର ଭୋଇ, ଲଛିମାଲ୍ କଲଙ୍ଗା ସମାଜ ମୂଖ୍ୟ ଚିତ୍ର ବଣ୍ଡା, ଉପଦେଷ୍ଟା ଜୟ ଚନ୍ଦ୍ର ପଧାନ ଉପସ୍ଥିତ ଥିଲେ ଓ ଏହି ଅବସରରେ ପାରମ୍ପାରିକ ପୂଜା ପାଠ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ ଉତ୍ସବ ରେ ଅତିଥି ମାନେ କଲଙ୍ଗା ଜାତିକୁ ଛତିଶଗଡ ରାଜ୍ୟ ଭଳି ଅନୁସୂଚୀତ ଜନ ଜାତି ମାନ୍ୟତା ଦେବାକୁ ଦାବୀ କରିଥିଲେ । ଏହି ଅବସରରେ ପତତ୍ରାପାଲି ଗାଁ ର କଲଙ୍ଗା ଦଣ୍ଡ ନାଚ, ବର ବାହାଲ ଗାଁ ର ଶୁଆ ନାଚ ପ୍ରଦର୍ଶିତ ହୋଇଥିଲା ଓ କାର୍ଯ୍ୟକ୍ରମ ରେ କୃତି ଛାତ୍ରୀଛାତ୍ର, ଚାଷୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ବିନୋଦ ପ୍ରଧାନ୍, ପୂର୍ଣ୍ଣ ଚନ୍ଦ୍ର ବଣ୍ଡା ପରିଚାଳନା କରିଥିବା ବେଳେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ ।

# ପୁନର୍ବାସ ପକ୍ଷରୁ ସୁକାନ୍ତ ଚୌଧୁରୀ ସ୍ମାରକୀ ସମ୍ମାନ ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଦେଢ଼ ଦଶନ୍ଧି ଧରି ଥେରାପି ଚିକିତ୍ସା ସେବା ଓ ଭିନ୍ନକ୍ଷମଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ପ୍ରଥମ ସୁକାନ୍ତ ଚୌଧୁରୀ ସ୍ମାରକୀ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବାକ୍ ଓ ଶ୍ରବଣବାଧିତ ଜଣେ ପ୍ରତିଷ୍ଠିତ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱଙ୍କୁ ଏହି ସ୍ମାରକୀ ସମ୍ମାନ ଚଳିତ ବର୍ଷଠାରୁ ପ୍ରଦାନ କରାଯାଇଛି । ସମ୍ମାନ ରାଶି ଦଶ ହଜାର ଟଙ୍କା ଓ ଏକ ସ୍ମାରକୀ ମାନପତ୍ର କେନ୍ଦ୍ରାପଡା ସହର ମାଧପୁର ଗ୍ରାମର ବାକ୍ ଓ ଶ୍ରବଣବାଧିତ ସୁଖ୍ୟାତ ଜାତୀୟ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ସ୍ୱର୍ଗତ ସୁକାନ୍ତ ଚୌଧୁରୀଙ୍କ ନାମରେ ପ୍ରତିବର୍ଷ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର କୋଷାଧକ୍ଷ ଶିବ ଚରଣ ସାମଲ ପ୍ରକାଶ କରିଛନ୍ତି । ପୁନର୍ବାସ ପକ୍ଷରୁ ସ୍ଥାନୀୟ ମାଧପୁରସ୍ଥିତ ଅମରଉଦ୍ୟାନସ୍ଥ ଶିଶୁ ଥେରାପି କେନ୍ଦ୍ରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ କେନ୍ଦ୍ରାପଡ଼ା ସଦର ଥାନାର ଅତିରିକ୍ତ ଆଇଆଇସି ସୋମ୍ୟରଞ୍ଜନ ପାଣିଗ୍ରାହୀ ଓ ଜୟନ୍ତୀ ଚୌଧୁରୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଓଡିଶା ଶ୍ରବଣବାଧିତ ମହାସଂଘର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ବର୍ଷୀୟାନ ଅଶୀତପର ଦିବ୍ୟାଙ୍ଗଙ୍କୁ ଏହି ରାଜ୍ୟସ୍ତରୀୟ ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ । ମଣିଷର ଭାଷାହୀନ ନୀରବତା,ଶ୍ରବଣ ବଧିରତା,ଦକ୍ଷତା ଓ ସାମର୍ଥ୍ୟ ପ୍ରତିପାଦନର ଅନ୍ତରାୟ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ବିରଜା ରାଉତରାୟଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଅଭିଭାଷଣ ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ ରଖିଥିବା ବେଳେ ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବାକ୍ ଓ ଶ୍ରବଣବାଧିତଙ୍କ ସଂକେତ ଭାଷା ବ୍ୟାଖ୍ୟାକାର ପ୍ରମୋଦ ମହାପାତ୍ର ସଭାର କାର୍ଯ୍ୟକ୍ରମ ସହିତ ଉପସ୍ଥିତ ବାକ୍ ଓ ଶ୍ରବଣବାଧିତ ଦଧିବାମନଜୀୟୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବକମାନଙ୍କ ମଧ୍ୟରେ ଏକ ସେତୁ ପରି ବର୍ଣ୍ଣନା କରୁଥିବାର ଦୃଶ୍ୟ ଏକ ଆକର୍ଷଣୀୟ ଅନୁଭବ ଆଣି ଦେଉଥିଲା । ପୁନର୍ବାସ ପକ୍ଷରୁ କାର୍ଯ୍ୟକ୍ରମଟିକୁ ମୁଖ୍ୟ ସିବିଆର୍ ଅଭିଷେକ ଓ ଧରଣୀଧର ସେଠୀ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ବ୍ରହ୍ମ କୁମାରୀ ପକ୍ଷରୁ ଚୈତନ୍ୟ ଦେବୀ ଝାଙ୍କି

**ରମ୍ଭା , ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶରଣ ପୁରରେ ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଓଁ ଶାନ୍ତି ପକ୍ଷରୁ ଚୈତନ୍ୟ ଦେବୀ ନବଦୁର୍ଗାଙ୍କ ଝାଙ୍କି ପାଳିତ ହୋଇଯାଇଛି । ରାଜ ଯୋଗିନୀ କସ୍ତୁରୀ ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଧର୍ମ ଉପରେ ଧର୍ମର ଜୟ, ଅନ୍ୟାୟ ଉପରେ ନ୍ୟାୟର ଜୟ, ଅସତ୍ୟ ଉପରେ ସତ୍ୟର ବିଜୟ କୁନେଇ ସ୍ଥାନୀୟ କଳାକାର ମାନଙ୍କୁ ନେଇ ନାଟକ ପରିବେଷଣ ହୋଇଥିଲା । ସମାଜରେ ଆସୁରିକ ଶକ୍ତିର ବିନାଶ କରି ଶାନ୍ତି ଓ ଅହିଂସା ପ୍ରତିଷ୍ଠା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବି କେ ସୁନିତା ଓ ବି କେ ଯମୁନା ଭଉଣୀ ସୁପରିଚାଳନା କରିଥିଲେ । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ନନ୍ଦିନୀ ତ୍ରିପାଠି,ପଞ୍ଚୁ ପ୍ରଧାନ, କାଳିଆ ପ୍ରଧାନ,ଯୋଗେନ୍ଦ୍ର ଖୁଣ୍ଟିଆ, ରାଜେନ୍ଦ୍ର ପୋଲାଇ,ଯୋଗି ପ୍ରଧାନ, ସୁଦୂରୁ ପରିଡା,ଭାଗିରଥି ପ୍ରଧାନ, ତନୁ ପରିଡା,ସୁନିତା ପଣ୍ଡା, ବସନ୍ତ ପଣ୍ଡା,ସୁଶାନ୍ତ ପଣ୍ଡା, ସନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ କରିଥିଲେ । ଶିବାନୀ, କାହ୍ନା,କ୍ରିଷ୍ଣା, ଆଦିତ୍ୟ ଶ୍ରୀନୁ,ଜୁଲେସ, ଆଶିଷ, ପାୟେଲ,ସ୍ମୃତି, ବୈଷ୍ଣବି,ଅମ୍ବିକା, ଇତିଶ୍ରୀ, ସୃଷ୍ଟି,ଶ୍ରଦ୍ଧା, ସୁହାନି, ବର୍ଷା,ସୋନାଲି, ମୀରା ପ୍ରମୁଖ କୁନି କଳାକାର ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ କଳା ପ୍ରଦର୍ଶନ କରିଥିଲେ । ସ୍ଥାନୀୟ ଗ୍ରାମ୍ୟ ଆଧ୍ୟାତ୍ମିକ କମିଟି ସହଯୋଗ ରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଏକ ହଜାର ରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ ।



# ରଥ ପରିକ୍ରମା ମାଧ୍ୟମରେ ଜଳ ସଂରକ୍ଷଣ ସଚେତନତା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚୌଦ୍ୱାର ସହରାଞ୍ଚଳରେ ସୁଜଳ ରଥ ପରିକ୍ରମା କରି ଜଳ ସଂରକ୍ଷଣ ସମ୍ପର୍କରେ ସଚେତନ କରାଇଛି ।ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସହାୟତାରେ ତଥା ସ୍ଥାନୀୟ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଦୀପଙ୍କର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ସଂରକ୍ଷଣ ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନ କରାଇବା ଏହାର ଲକ୍ଷ ବୋଲି ବିଭାଗ ତରଫରୁ ସୂଚନା ଦିଆ ଯାଇଛି ।ଏହି ପରିକ୍ରମା କାର୍ଯ୍ୟକ୍ରମରେ ସ୍ଥାନୀୟ ଜଳସାଥୀ ମାନେ ସହଯୋଗ କରିବା ସହ ସଂରକ୍ଷିତ ଜଳ-ସୁରକ୍ଷିତ ଜୀବନ,ସଂରକ୍ଷିତ ଜଳ ନଷ୍ଟତି,ଆଗାମୀ ପିଢିର ଭବିଷ୍ୟତ,ଶୁଦ୍ଧ ଜଳ-ସୁସ୍ଥ ଜୀବନ ଆଦି ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜଳ ସଂରକ୍ଷଣ ପାଇଁ ସଚେତନ କରାଯିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଂପର୍କିତ ସନସ୍ୟାର ସମାଧାନ ପାଇଁ ବିଭାଗ ପକ୍ଷରୁ ଜାରୀ ଟୋଲଫ୍ରି ନମ୍ବର ପ୍ରଦାନ କରାଯାଇଥିବା ଚୌଦ୍ୱାର ଜନ ସ୍ୱାସ୍ଥ୍ୟ ବିଭାଗ ଜେଇ ପ୍ରୀୟଦର୍ଶନୀ ଶତପଥି ପ୍ରକାଶ କରିଛନ୍ତି ।

# ବୈଜ୍ଞାନିକଙ୍କ ବଡ଼ ଚେତାବନୀ : ପୃଥିବୀକୁ ବଞ୍ଚାଇବା ପାଇଁ ତୁରନ୍ତ ପଦକ୍ଷେପ ଆବଶ୍ୟକ



**ନୂଆଦିଲ୍ଲୀ:**

ଜଳବାୟୁ ପରିବର୍ତ୍ତନ ଆଉ କେବଳ ବହିରେ ପଢ଼ିବା କଥା କିମ୍ବା ଭବିଷ୍ୟତର ଆଶଙ୍କା ହୋଇ ରହିନାହିଁ । ଏହା ଏବେ ବାସ୍ତବତାରେ ପରିଣତ ହୋଇଛି । ଆସୁଥିବା ଝଡ଼, ବଦଳୁଥିବା ପାଣିପାଗ ଏବଂ ବଢୁଥିବା ବାତ୍ୟା ଏହାର ପରିଣାମକୁ ସ୍ପଷ୍ଟ କରୁଛି । ସମୁଦ୍ରର ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିବା ସହିତ ମରୁଡ଼ି, ବନ୍ୟା, ଜଙ୍ଗଲରେ ନିଆଁ ଏବଂ ପ୍ରବଳ ଗ୍ରୀଷ୍ମପ୍ରବାହ ଦର୍ଶାଉଛି ଯେ ପୃଥିବୀର ପ୍ରାକୃତିକ ବ୍ୟବସ୍ଥା ଉପରେ ଚାପ ବଢୁଛି । ପ୍ରକୃତି ଆମକୁ ଅନେକ କିଛି ଦେଇଛି । କିନ୍ତୁ ଆମେ ଏହାର ସଂରକ୍ଷଣ କରିବା ପରିବର୍ତ୍ତେ ଅତ୍ୟଧିକ ଶୋଷଣ କରିବାରେ ଲାଗିଛୁ । ଏହାର ପରିଣାମ ଏପରି ହୋଇଛି ଯେ, ପୃଥିବୀ ନିଜର 'ସ୍ୱାସ୍ଥ୍ୟ ପରୀକ୍ଷା'ରେ ବିଫଳ ହୋଇଛି । ମଣିଷ ପ୍ରକୃତିର ନିର୍ଦ୍ଧାରିତ ସୀମାକୁ ଅତିକ୍ରମ କରିସାରିଛି । ପୃଥିବୀର ସ୍ୱାସ୍ଥ୍ୟ ଯାଞ୍ଚ କରୁଥିବା ବୈଜ୍ଞାନିକମାନେ ଏବେ ବଡ଼ ଚେତାବନୀ ଦେଇଛନ୍ତି । ନୂଆ 'ପ୍ଲାନେଟାରୀ ହେଲ୍ଥ ରିପୋର୍ଟ'ରେ ଜଣାପଡ଼ିଛି ଯେ ମଣିଷ ପୃଥିବୀର ଅଧିକାଂଶ ପ୍ରାକୃତିକ ସୀମାକୁ ଅତିକ୍ରମ କରିସାରିଛି । ଏହି ନୂତନ ରିପୋର୍ଟକୁ ପଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚର ପ୍ଲାନେଟାରୀ ବାଉଣ୍ଡାରିଜ୍ ସାଇନ୍ସ ଲ୍ୟାବ୍ ପ୍ରସ୍ତୁତ କରିଛି । ଏହି ଗବେଷଣାରେ ୬୦ରୁ ଅଧିକ ବୈଜ୍ଞାନିକ ଭାଗ ନେଇଥିଲେ । ପୃଥିବୀର ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ବୈଜ୍ଞାନିକମାନେ ୯ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । 'ପ୍ଲାନେଟାରୀ ବାଉଣ୍ଡାରିଜ୍' ବା ପୃଥିବୀର ପ୍ରାକୃତିକ ସୀମା ହେଉଛି ସେହି ଗୁରୁତ୍ୱପୂର୍ଣ୍ଣ ସୀମା, ଯାହା ପୃଥିବୀର ପ୍ରାକୃତିକ ବ୍ୟବସ୍ଥାକୁ ସ୍ଥିର ଓ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ । ୨୦୨୬ର ଏହି ରିପୋର୍ଟ ଅନୁଯାୟୀ, ଅଧିକାଂଶ ମାନଦଣ୍ଡରେ ପୃଥିବୀ ନିର୍ଦ୍ଧାରିତ ସୁରକ୍ଷିତ ସୀମାକୁ ଅତିକ୍ରମ କରିସାରିଛି । ଜଳବାୟୁ, ଜଙ୍ଗଲ, ଜଳ, ସମୁଦ୍ର ଓ ପ୍ରଦୂଷଣ ଆଦି ଏହି ୯ଟି ଗୁରୁତ୍ୱପୂର୍ଣ୍ଣ ସୀମାର ଅନ୍ତର୍ଭୁକ୍ତ । ଏହି ସୀମାଗୁଡ଼ିକ ଅତିକ୍ରମ ହେଲେ ପୃଥିବୀର ପ୍ରାକୃତିକ ସନ୍ତୁଳନ ବିଗିଡ଼ିପାରେ । ସଦ୍ୟତମ ରିପୋର୍ଟ ଅନୁଯାୟୀ, ପୃଥିବୀ ପାଇଁ ନିର୍ଦ୍ଧାରିତ ୯ଟି ସୀମା ମଧ୍ୟରୁ ୭ଟି ପୂର୍ବରୁ ହିଁ ଅତିକ୍ରମ ହୋଇସାରିଛି ।

ପୃଥିବୀର ଯେଉଁ ୭ଟି ସୀମା ଅତିକ୍ରମ ହୋଇସାରିଛି ତାହା ନିମ୍ନରେ ପ୍ରଦତ୍ତ : ୧. ଜଳବାୟୁ ପରିବର୍ତ୍ତନ ୨. ଜୈବ ବିବିଧତାର ହ୍ରାସ ୩. ଭୂମି ବ୍ୟବସ୍ଥାରେ ପରିବର୍ତ୍ତନ ( ଯେପରିକି ଜଙ୍ଗଲ କାଟିବା) ୪. ମଧୁର ଜଳ ବ୍ୟବସ୍ଥାରେ ପରିବର୍ତ୍ତନ ୫. ରାସାୟନିକ ଚକ୍ରରେ ବିଭ୍ରାଟ (ବିଶେଷକରି ନାଇଟ୍ରୋଜେନ୍ ଓ ଫସ୍‌ଫରସ୍‌ର ଅସନ୍ତୁଳନ) ୬. ନୂଆ ପ୍ରଦୂଷକ ପଦାର୍ଥର ପ୍ରବେଶ (ଯେପରିକି ପ୍ଲାଷ୍ଟିକ୍ ଓ ବିଭିନ୍ନ ରାସାୟନିକ ପଦାର୍ଥ) । ୭. ସମୁଦ୍ରର ଅମ୍ଳୀକରଣ । ରିପୋର୍ଟ ଅନୁଯାୟୀ, ୨୦୨୫ରେ ସମୁଦ୍ରର ଅମ୍ଳୀକରଣ ସମ୍ପର୍କିତ ସୀମା ମଧ ଅତିକ୍ରମ ହୋଇଥିଲା । ଅନ୍ୟପଟେ, ୯ଟି ସୀମା ମଧ୍ୟରୁ ମାତ୍ର ୨ଟି କ୍ଷେତ୍ରରେ ପରିସ୍ଥିତି ତୁଳନାତ୍ମକ ଭାବେ ଭଲ ରହିଛି । ସେଗୁଡ଼ିକ ହେଉଛି ଓଜୋନ୍ ସ୍ତର ଏବଂ ବାୟୁମଣ୍ଡଳରେ ଏରୋସୋଲ୍ (ଧୂଳିକଣା ଓ ଅନ୍ୟ କ୍ଷୁଦ୍ର କଣିକା)ର ପରିମାଣ । ତେବେ କେତେକ ଅଞ୍ଚଳରେ ପ୍ରଦୂଷଣ ଏବେ ମଧ ବିପଜ୍ଜନକ ସ୍ତରରେ ରହିଛି ବୋଲି ବୈଜ୍ଞାନିକମାନେ କହିଛନ୍ତି । ପିଆଇକେର ନିର୍ଦ୍ଦେଶକ ତଥା ଏହି ରିପୋର୍ଟର ସହ-ଲେଖକ ଜୋହାନ୍ ରକ୍‌ଷ୍ଟ୍ରମ୍ କହିଛନ୍ତି ଯେ ଆମ ପାଖରେ ଆଉ ସମୟ ନାହିଁ । ତଥାପି ଏହି ସଙ୍କଟର ସମାଧାନ ପାଇଁ ଆବଶ୍ୟକ ଜ୍ଞାନ, କ୍ଷମତା ଓ ଉପାୟ ଆମ ପାଖରେ ରହିଛି । ପୃଥିବୀର ସମସ୍ତ ପ୍ରାକୃତିକ ସୀମାକୁ ପୁନର୍ବାର ସୁରକ୍ଷିତ ସ୍ତରକୁ ଆଣିବା ପାଇଁ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ । ଏହାଦ୍ୱାରା ହିଁ ଆମେ ଜୀବନ ଓ ଜୀବିକାକୁ ସୁରକ୍ଷା ଦେବା ସହ ଏକ ସମୃଦ୍ଧ ଭବିଷ୍ୟତର ସ୍ୱପ୍ନ ପୂରଣ କରିପାରିବା ।

ଏହି ରିପୋର୍ଟରୁ ସ୍ପଷ୍ଟ ହେଉଛି ଯେ ପୃଥିବୀ ଉପରେ ଚାପ କ୍ରମାଗତ ଭାବେ ବଢୁଛି । ଏହାଦ୍ୱାରା ବଡ଼ ଧରଣର ଓ ଦୀର୍ଘକାଳୀନ କ୍ଷତିର ଆଶଙ୍କା ମଧ ବୃଦ୍ଧି ପାଉଛି । ବିଶ୍ୱର ବିଭିନ୍ନ ସ୍ଥାନରେ ଘଟୁଥିବା ଅନେକ ପ୍ରାକୃତିକ ବିପର୍ଯ୍ୟୟ ଏହି ସୀମାଗୁଡ଼ିକ ଅତିକ୍ରମ ହେବା ସହ ଜଡ଼ିତ । ଉଦାହରଣ ସ୍ୱରୂପ, ଗତବର୍ଷ ପାକିସ୍ତାନରେ ବନ୍ୟା ଯୋଗୁଁ ୬୯ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ । ଅନ୍ୟପଟେ ସମୁଦ୍ରର ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିଛି, ଯାହା ଅନେକ ଉପକୂଳ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଛି । ବିଶ୍ୱର ୮୪ ପ୍ରତିଶତ ପ୍ରବାଳ ପ୍ରାଚୀର ବା କୋରାଲ୍ ରିଫ୍‌ରେ ବ୍ଲିଚିଂର ପ୍ରଭାବ ଦେଖାଯାଇଛି । ୟୁରୋପ, କାନାଡା, ଜାପାନ ଓ ମଧ୍ୟପ୍ରାଚ୍ୟରେ ମଧ ଗତବର୍ଷ ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଜଙ୍ଗଲରେ ନିଆଁ ଲାଗିବା ଭଳି ଘଟଣା ଦେଖିବାକୁ ମିଳିଥିଲା । ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଏହି ସବୁ ସଙ୍କଟକୁ ଅଲଗା ଅଲଗା ଘଟଣା ଭାବେ ଦେଖିବା ଉଚିତ୍ ନୁହେଁ । ପୃଥିବୀର ବିଭିନ୍ନ ପ୍ରାକୃତିକ ବ୍ୟବସ୍ଥା ଏକାସାଙ୍ଗରେ ଅସନ୍ତୁଳିତ ହେଉଥିବାର ସଙ୍କେତ ଏହା ଦେଉଛି । ଏବେଠାରୁ ଠୋସ୍ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଏହାର ପରିଣାମ ଆହୁରି ଭୟଙ୍କର ହୋଇପାରେ ।

# ଧର୍ମଶାଳା ସାହିତ୍ୟ ସମାଜର ୩୭ତମ ବାର୍ଷିକ ଉତ୍ସବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ସାହିତ୍ୟ ସମାଜର ୩୭ ତମ ବାର୍ଷିକ ଉତ୍ସବ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ସମାଜ ସଭାପତି ମନୋରଞ୍ଜନ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆକାଶବାଣୀ ଓ ଦୂରଦର୍ଶନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ଼କ୍ଟର ଶାନ୍ତନୁ କୁମାର ରଥ ଯୋଗଦେଇ ସାହିତ୍ୟକ୍ଷେତ୍ର କ୍ରମଶଃ ପୁରସ୍କାର ସର୍ବସ୍ୱ ହୋଇଯାଉଥିବା ନେଇ କ୍ଷୋଭପ୍ରକାଶ କରିଥିଲେ । ମୁଖ୍ୟବକ୍ତା ପ୍ରଗତିବାଦୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇ ଶୋଷଣ ବିରୁଦ୍ଧରେ ସ୍ୱର ଉଠାଇବାକୁ ସାହିତ୍ୟିକ ମାନଙ୍କୁ ଆହ୍ୱାନ ଦେଇଥିଲେ । ଅତିଥିମାନେ ମୁଖପତ୍ର ଗଙ୍ଗଶିଉଳି କୁ ଉନ୍ମୋଚନ କରିଥିଲେ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅକ୍ଟୋବର, ୨୦୨୬ ରବିବାର





# କାଦମ୍ବିନୀ ଓ ଶେଫାଳୀ ପକ୍ଷରୁ 'କଳିଙ୍ଗ ସ୍ୱର ସମିଟ୍-୨୦୨୬' ମହୋତ୍ସବ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଏସ୍ଏନ୍ଏମ୍ ଗ୍ରୁପ୍, ଓମ୍ଫେଡ୍ ଓ ଆର୍ ସ୍କୋୟାର୍ ଇନ୍‌ଭେଷ୍ଟମେଣ୍ଟସ୍ ସହଯୋଗରେ ଦୀର୍ଘ ୨୭ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଏବଂ ପ୍ରତିଷ୍ଠିତ ବୟନକଳା ଅନୁଷ୍ଠାନ 'ଶେଫାଳୀ' ପକ୍ଷରୁ 'କଳିଙ୍ଗ ସ୍ୱର ସମିଟ୍-୨୦୨୬' ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମି ଠାରେ ଆୟୋଜିତ ଏହି ମହୋତ୍ସବ ଅନ୍ତର୍ଗତ ଦୁଇଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଟିଏ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଏବଂ ଅନ୍ୟଟି 'ଶେଫାଳୀ'ର ବ୍ଲାକ୍ ପାଗୋଡା:ଦି କଳିଙ୍ଗ ଓଡ଼େଶୀ। 'କାଦମ୍ବିନୀ' ସଂପାଦିକା ଡ. ଲତି ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାଦମ୍ବିନୀ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ସାହିତ୍ୟିକା, ଚଳଚ୍ଚିତ୍ର ପ୍ରଯୋଜିକା ଓ ନିର୍ଦ୍ଦେଶିକା ବିଜୟପ୍ରଜ୍ଞା ତ୍ରିପାଠୀ, ଶିକ୍ଷାବିତ୍ ବନ୍ଦିତା ଦାଶ, ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ଶିଳ୍ପୀ ସଂଗୀତା ଗୋସାଇଁ, ଅଲିମ୍ପିଆନ୍ ଆଥଲେଟ୍ ଅନୁରାଧା ବିଶ୍ୱାଳ, ଅଭିନେତ୍ରୀ ଅନୁ ଚୌଧୁରୀ ଓ ସମାଜସେବୀ ରୀନା ରାଉତରାୟ। ସଭା ସଞ୍ଚାଳନା କରିଥିଲେ ମୃତ୍ୟୁଞ୍ଜୟ ରଥ ଦ୍ୱିତୀୟ ଅଧିବେଶନରେ ଗୀତିକବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଗୀତିକବି ଓ ଅବସରପ୍ରାପ୍ତ ପ୍ରଶାସକ ରବିନାରାୟଣ ସେନାପତି ଏବଂ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ଗୀତିକବି ମନୋରମା ବିଶ୍ୱାଳ ମହାପାତ୍ର, ଗୀତିକବି ମନୋଜ ପଟ୍ଟନାୟକ ଓ ଗୀତିକବି ଧନଞ୍ଜୟ ସ୍ୱାଇଁ। କବିତା ପାଠୋତ୍ସବ ସଂଚାଳନ କରିଥିଲେ ଗୀତିକବି ଚମକଚାନ୍ଦିନୀ ଦାଶ ଓ ଗୀତିକବି ଶ୍ରୀଗୋବିନ୍ଦ। ଏଥିରେ ବହୁ ଗୀତିକବି ସେମାନଙ୍କ ସ୍ୱରଚିତ ଗୀତି କବିତା ପାଠ କରିଥିଲେ। 'କଳିଙ୍ଗ ସ୍ୱର ସମିଟ୍-୨୦୨୬'ର ଦ୍ୱିତୀୟ ସୋପାନରେ 'ଶେଫାଳୀ' ପକ୍ଷରୁ ଆୟୋଜିତ ହୋଇଥିଲା ଆକର୍ଷଣୀୟ କାର୍ଯ୍ୟକ୍ରମ 'ବ୍ଲାକ୍ ପାଗୋଡା:ଦି କଳିଙ୍ଗ ଓଡ଼ିଶେ'। ଏହାକୁ ଉଦ୍‌ଘାଟନ କରିଥିଲେ ଭୁବନେଶ୍ୱର ମେୟର ସୁଲୋଚନା ଦାସ। ଏହି ଅବସରରେ ଲୋକପ୍ରିୟ ଅଭିନେତ୍ରୀ ଶିବାନୀ ସଂଗୀତାଙ୍କ ସମେତ ବୁଣାକାର ଓ ଜନଜାତି ସମ୍ପ୍ରଦାୟର ଝିଅମାନେ ଶେଫାଳୀ ଡିଜାଇନର ବସ୍ତ୍ର ପରିଧାନ କରି ଫ୍ୟାଶନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ 'ଶେଫାଳୀ' ପକ୍ଷରୁ ମହିଳା ଉଦ୍ୟୋଗୀମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଆରଜେ ଗୁଡ୍ଡି ଓ ଆରଜେ କେପି। କଳିଙ୍ଗ ସ୍ୱର ସମିଟ୍‌ର ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ବୟନକଳା ସହ ସଂପୃକ୍ତ ଓ ରୁଚିରଖୁଥିବା ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

# ତେଲେନପାଲି ଡକାୟତି ଘଟଣାର ପର୍ଦ୍ଦାଫାସ୍

## ଦୁଇ ଅଭିଯୁକ୍ତ ଗିରଫ:ଲୁଟ୍ ସୁନା ଓ ରୁପା ଅଳଙ୍କାର ଜବତ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ତେଲେନପାଲିରେ ଘଟିଥିବା ଘରୁ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚୋରି ହୋଇଥିବା ଏକ ସୁନା ମଙ୍ଗଳସୂତ୍ର ଓ ଏକ ରୁପା ବ୍ରେସଲେଟ୍ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ସନ୍ଦିଗ୍ଧଙ୍କୁ ଧରିବା ସହ ଅବଶିଷ୍ଟ ଅଳଙ୍କାର ଓ ଟଙ୍କା ଉଦ୍ଧାର ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ୨୧ ତାରିଖରେ ତେଲେନପାଲି ସ୍କୁଲପଡ଼ା ବାସିନ୍ଦା ଗୀତାରାଣୀ ପଟ୍ଟନାୟକ ଓ ତାଙ୍କ ସ୍ୱାମୀ ସକାଳ ପ୍ରାୟ ୮ଟା ସମୟରେ ଚିକିତ୍ସା ପାଇଁ ଝାରସୁଗୁଡ଼ା ସ୍ଥିତ ଡି.ଏଚ୍.ଏଚ୍.କୁ ଯାଇଥିଲେ। ସେମାନେ ଅପରାହ୍ନ ପ୍ରାୟ ୫ଟା ୩୦ରେ ଘରକୁ ଫେରିବା ପରେ କବାଟର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଘର ଭିତରେ ଜିନିଷପତ୍ର ଏଣେତେଣେ ପଡ଼ିଥିବା ସହ ଆଲମିରା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ଗୀତାରାଣୀ ପଟ୍ଟନାୟକଙ୍କ ଲିଖିତ ଅଭିଯୋଗ ଆଧାରରେ ବ୍ରଜରାଜନଗର ଥାନାରେ କେସ୍ ନଂ ୨୫୦, ୨୨ ତାରିଖ, ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୩୧(୩)/୩୦୫(ଏ)/୩(୫) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ମାମଲାର ତଦନ୍ତ କରି ପୋଲିସ ଚଢ଼ଉ କରିବା ସହ ତେଲେନପାଲି କରମସାନିପଡ଼ା ବାସିନ୍ଦା ପୁସ୍ତମ ବାଞ୍ଛୋର ଓରଫ୍ ବେଡ଼ା ଓରଫ୍ ଦାନିଶ (୨୫)ଙ୍କୁ ଧରିଥିଲା। ତଦନ୍ତ ସମୟରେ ଚୋରି ହୋଇଥିବା ସୁନା ମଙ୍ଗଳସୂତ୍ରଟି ସନ୍ତୋଷ ସେନ୍ଦ୍ରିଆ (୫୯)ଙ୍କୁ ବିକ୍ରି କରାଯାଇଥିବା ଜଣାପଡ଼ିଥିଲା। ଏହାପରେ ପୋଲିସ ସନ୍ତୋଷଙ୍କୁ ଧରି ସାକ୍ଷୀଙ୍କ ଉପସ୍ଥିତିରେ ତାଙ୍କ ଠାରୁ ମଙ୍ଗଳସୂତ୍ରଟି ଉଦ୍ଧାର କରିଥିଲା। ଏହା ସହ ଏକ ରୁପା ବ୍ରେସଲେଟ୍ ମଧ୍ୟ ଉଦ୍ଧାର କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ପୁସ୍ତମ ବାଞ୍ଛୋର ଓରଫ୍ ବେଡ଼ା ଓରଫ୍ ଦାନିଶ ଏବଂ ସନ୍ତୋଷ ସେନ୍ଦ୍ରିଆ। ଉଭୟେ ତେଲେନପାଲି ଅଞ୍ଚଳର ବାସିନ୍ଦା। ଉଭୟ ଅଭିଯୁକ୍ତଙ୍କୁ ୨୩ ଅକ୍ଟୋବରରେ ଗିରଫ କରାଯିବା ପରେ ଡାକ୍ତରୀ ପରୀକ୍ଷା କରାଯାଇ ଅଦାଲତକୁ ପଠାଯାଇଛି। ଘଟଣାରେ ଅନ୍ୟ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ଅବଶିଷ୍ଟ ଅଳଙ୍କାର ଓ ନଗଦ ଟଙ୍କା ଉଦ୍ଧାର ପାଇଁ ପୋଲିସର ଉଦ୍ୟମ ଜାରି ରହିଛି।

# କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରକ୍ରିୟାକୁ ବିଜେଡ଼ିର ବିରୋଧ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବିବାଦୀୟ ସୀମାନ୍ତ ଅଞ୍ଚଳ କୋଟିଆରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ କରାଯିବାକୁ ନେଇ ବିଜୁ ଜନତା ଦଳ ଶୁକ୍ରବାର ବିରୋଧ ପ୍ରଦର୍ଶନ କରିଛି। କୋରାପୁଟରୁ ଯାଇଥିବା ବିଜେଡିର ଏକ ୧୬ ଜଣିଆ ପ୍ରତିନିଧି ଦଳ କୋଟିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ ଏବଂ ଆନ୍ଧ୍ର ପ୍ରଦେଶ ଦ୍ୱାରା ପରିଚାଳିତ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିଥିଲେ। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଗସ୍ତ ପରେ ପ୍ରତିନିଧି ଦଳ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିବେ। ବିଜେଡି ଅଭିଯୋଗ କରିଛି ଯେ, ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ସମୟରେ କୋଟିଆର ବିକାଶ ପାଇଁ ଏବଂ ସେଠାକାର ବାସିନ୍ଦାଙ୍କୁ ବିଭିନ୍ନ ସୁବିଧା ଓ ସୁଯୋଗ ଯୋଗାଇ ଦେବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ତେବେ ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଏହି ଅଞ୍ଚଳର ବିକାଶ ପାଇଁ ଯଥେଷ୍ଟ ଉଦ୍ୟମ କରିବାରେ ବିଫଳ ହୋଇଛନ୍ତି ବୋଲି ଦଳ ଅଭିଯୋଗ କରିଛି। କୋଟିଆ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପୁନର୍ବାର ଦୋହରାଇ, ଏହି ଆଞ୍ଚଳିକ ଦଳ କହିଛି ଯେ ସେମାନେ ଆନ୍ଧ୍ର ପ୍ରଦେଶର ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିବେ ଏବଂ ସେଠାରେ ନିର୍ବାଚନ ହେବାକୁ ଦେବେନାହିଁ। ବିଜେଡ଼ିର କହିବା ଅନୁଯାୟୀ, କୋଟିଆର ବାସିନ୍ଦାମାନେ ଓଡ଼ିଶା ସପକ୍ଷରେ ରହିଛନ୍ତି ଏବଂ ଆନ୍ଧ୍ର ପ୍ରଦେଶ ଦ୍ୱାରା କରାଯାଉଥିବା ପଞ୍ଚାୟତ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଚାହୁଁନାହାନ୍ତି। କୋରାପୁଟ ଜିଲ୍ଲାର ସୀମାନ୍ତ ଗ୍ରାମଗୁଡ଼ିକୁ ନେଇ ଗଠିତ କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉଭୟ ଦାବି କରିଆସୁଛନ୍ତି। ଏହି ଅଞ୍ଚଳର ଅଧିକାରକୁ ନେଇ ଉପୁଜିଥିବା ବିବାଦ ମଧ୍ୟରେ ଏହି ଗସ୍ତ ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

# ହାତୀ ଉପଦ୍ରବ, ଫସଲ ନଷ୍ଟ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ପାଟପୁର ବ୍ଲକର ବିଭିନ୍ନ ଗ୍ରାମରେ ଦୁଇଦିନ ହେଲା ଜଙ୍ଗଲି ହାତୀଙ୍କ ଉପଦ୍ରବ ଦେଖାଦେଇଛି। ରାତିରେ ନିକଟସ୍ଥ ଜଙ୍ଗଲରୁ ଏହି ହାତୀମାନେ ଜନବସତି ଆଡ଼କୁ ଆସି କ୍ଷେତରେ ପଶି ଧାନ ଓ ପନିପରିବା ଫସଲ ବ୍ୟାପକ ଖାଇ ଫସଲକୁ ଦଳିଚକଟି ନଷ୍ଟ କରୁଛନ୍ତି। ଏହି ଅଞ୍ଚଳରେ ତିନିଟି ଗାଁର କ୍ଷେତରେ ଫସଲ ନଷ୍ଟ କରିଥିବାରୁ ଆର୍ଥିକ ଦିଗରୁ ଚାଷୀମାନେ ବିଶେଷ କ୍ଷତି ଗ୍ରସ୍ତ ହୋଇଛନ୍ତି। ଏହି କାରଣରୁ ଜନସାଧାରଣ ରାତିରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ଏହି ଅଞ୍ଚଳରୁ ହାତୀ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି।

# ପାଖେଇ ଆସୁଛି ମା' ଶ୍ୟାମାକାଳୀ ପୂଜା:ଜମୁଛି ଖୁସିର ଆସର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ପଖେଇ ଆସୁଛି ଜଗତ୍ ଜନନୀ ମାଆ ଶ୍ୟାମା କାଳୀଙ୍କ ପୂଜା। ଆଉ କିଛି ଦିନର ଅପେକ୍ଷା। ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠିବ ଘଣ୍ଟଘଣ୍ଟା ଢୋଲ ଓ ମହୁରୀର ତାଳେ ତାଳେ ମୁଖରିତ ହେବ ବ୍ୟାସନଗର ସହର। ଧୂପ ଓ ଝୁଣାରେ ମହକି ଉଠିବ ପୁରପଲ୍ଲୀ। ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଆଗମନ କରିବେ ମାଆ ଜଗତ୍ ଜନନୀ କାଳୀ ମାଆ। ଶରତ ଋତୁ ଆଗମନରେ ସବୁଆଡେ ପାର୍ବଣର ମାହୋଲ ଧିରେ ଧିରେ ପବନର ସ୍ପର୍ଶରେ କାଶତଣ୍ଡୀ ଫୁଲର ସୌନ୍ଦର୍ଯ୍ୟ ସବୁଆଡେ ଖେଳିଯାଇଛି। ଅପେକ୍ଷାର ଅନ୍ତ ଘଟାଇ ଧରାପୃଷ୍ଠକୁ ବିରାଜିବେ ଜଗତଜନନୀ ମା'କାଳୀ। ମା'ଙ୍କ ଆଗମନକୁ ନେଇ ସବୁଆଡେ ଏବେ ଖୁସିର ଆସର ଜମିଲାଣି। ଯାଜପୁର ଜିଲ୍ଲା ଐତିହାସିକ କଳା ସଂସ୍କୃତିର ମାଟି ବ୍ୟାସନଗର ଠାରେ ଚଳିତବର୍ଷ ମହା ଆଡମ୍ବରରେ ଅନୁଷ୍ଠିତ ହେବ ମାଆ କାଳୀଙ୍କ ପୂଜା। ଯାଜପୁର ଜିଲ୍ଲାର ପ୍ରସିଦ୍ଧ ତଥା ବ୍ୟାସନଗର ସହରର ଗଣପର୍ବ ମାଆ ଶ୍ୟାମାକାଳୀଙ୍କ ଉତ୍ସବ। ଏନେଇ ବ୍ୟାସଦେବ ଟାଉନ୍ ହଲ୍ ଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକଟି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ତେବେ ଚଳିତ ବର୍ଷ ବ୍ୟାସନଗର ସହରର କାଳୀପୂଜା ଉତ୍ସବ ବେଶ୍ ଆଡମ୍ବରରେ ହେବ, ପ୍ରଶାସନ ତରଫରୁ କଡ଼ା ସୁରକ୍ଷା ଯୋଗାଇ ଦିଆଯିବ ଏବଂ ୧୯ ଗୋଟି ପୂଜା ମଣ୍ଡପ ତରଫରୁ ଆସିଥିବା ବିଦ୍ୟୁତ, ପାଣି, ରାସ୍ତା, ଆଲୋକ, ଡ୍ରେନ୍ ମରାମତି ଓ ସଫେଇ ଓ ସୁରକ୍ଷା ବ୍ୟବସ୍ଥା ଭଳି ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରାଯିବ ବୋଲି ଶ୍ରୀ ନନ୍ଦ କହିଥିଲେ। ଚୋରଦା, ଚାନ୍ଦମା, କହ୍ନେଇପୁର, ଧବଳଗିରି, କଲେଜ ଛକ, ଅରୀୟାନ କ୍ଲବ, ରାଧାନାଥ ମାର୍ଗ, ବ୍ୟାଙ୍କଷ୍ଟ୍ରିଟ୍, ଗୋପବନ୍ଧୁ ନଗର, ଷ୍ଟେସନ୍‌ବଜାର, ସାପଗାଡ଼ିଆ, ନହକା, ଷ୍ଟିଲ୍‌ସିଟି, ଦଳା, କୋପଣ୍ଡ, ପିଠ ଦେବୀ ମାଆ କାଳୀ ଧବଳଗୀରୀ, ବେନାର, ନୂଆ ମାର୍କେଟ୍ ଓ ନୂତନ କରି ଏ ବର୍ଷ ହୋଇଥିବା କମିଟି ମାଆ ଶ୍ୟାମାକାଳୀ ପୂଜା କମିଟି ସତ୍ୟନଗର, ଧବଳଗିରି ମିଶି ମୋଟ୍ ୧୯ ଗୋଟି ମାଆଙ୍କ ମେଢ଼ ହେବ। ଏହି ଗଣପର୍ବ ଚଳିତ ମାସ ୮ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ପାଳନ ହେବ ଏବଂ ୧୮ ତାରିଖ ଶେଷ ଦିନରେ ମେଲଣ ଉତ୍ସବ ବେଶ୍ ଧୂମ୍‌ଧାମ୍‌ରେ ପାଳନ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଏସ୍.ପି ସୁପ୍ରସନ ମଲ୍ଲିକ, ଯାଜପୁର ରୋଡ ଏସ୍.ଡି.ପି.ଓ ଶରତ ଚନ୍ଦ୍ରପାତ୍ର, ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପୁହାଣ, ଯାଜପୁର ରୋଡ଼ ଥାନାଧିକାରୀ ଆଶିଷ କୁମାର ସାହୁ, ବ୍ୟାସନଗର ପୌରପରିଷଦ ଭାରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ବଳ, ଚୋରଦା କାଳୀପୂଜା କମିଟି ସଭାପତି ପ୍ରମୋଦ କୁମାର ରାଉତ ଓ ସଂପାଦକ ଶିଶିର କୁମାର ରାଉତ ପ୍ରମୁଖ ଶହ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ତେବେ ସହରର ୧୯ ଗୋଟି ପୂଜା ମଣ୍ଡପର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ରହିଥିବା ସଂଗେ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଉପସ୍ଥିତ ରହିଥିଲେ।



# ସମ୍ଭାବ୍ୟ ବାତ୍ୟାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଭର୍ଚ୍ଚୁଆଲ୍ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଆସନ୍ତା ୨୭ ଓ ୨୮ ତାରିଖ ହେବାକୁ ଥିବା ବାତ୍ୟା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା (ସାଧାରଣ), ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ), ଉପଜିଲ୍ଲାପାଳ ଅରୁଣକୁମାର ନାୟକଙ୍କ ସହିତ ଜିଲ୍ଲାଯୋଗାଣ ଓ ବେସାମରିକ ଅଧିକାରୀ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀ, ପୂର୍ତ୍ତ ବିଭାଗ, ଆର୍.ଡି, ଜିଲ୍ଲାଯୋଗାଣ ଅଧିକାରୀ, ଅଗ୍ନିଶମ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ସମସ୍ତ ଅଧିକାରୀ ନିଜ ନିଜର କର୍ମଚାରୀ ମାନଙ୍କ ସହିତ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ରହିବାକୁ ଆଲୋଚନା କରାଯାଇଛି। ବାତ୍ୟା ସମୟରେ କୌଣସି ଅଧିକାରୀ ବିନା ଅନୁମତିରେ କାର୍ଯ୍ୟାଳୟ ଛାଡିପାରିବେ ନାହିଁ। ଏଥିସହିତ ବାତ୍ୟାର ସମୟରେ ଅଧିକାରୀମାନେ ନିଜ ନିଜର କର୍ତ୍ତବ୍ୟ ନିଷ୍ଠାପର ସହ ପାଳନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ

# ବରିଷ୍ଠ ଶିକ୍ଷାବିତ୍ ଦାଶରଥି ଦାସଙ୍କୁ ଭେଟିଲେ କେଏମ୍‌ସି ମେୟର

**କଟକ, ନ୍ୟୁଜ୍ ବ୍ୟୁରୋ**



ବରିଷ୍ଠ ନାଗରିକଙ୍କ ସହ ସମ୍ପର୍କ ସ୍ଥାପନ ଓ ସେମାନଙ୍କ ସୁଖଦୁଃଖ ବୁଝିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ଜାରି ରହିଥିବା 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ ଅଧୀନରେ ମେୟର ସୁବାସ ସିଂହ ବରିଷ୍ଠ ଶିକ୍ଷାବିତ୍ ଦାଶରଥି ଦାସଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ମେୟର ଶ୍ରୀ ସିଂହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା, ପାରିବାରିକ କୁଶଳ ଓ ବର୍ତ୍ତମାନର ଜୀବନଯାପନ ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କ ସହ ଆତ୍ମୀୟତାପୂର୍ଣ୍ଣ ଆଲୋଚନା କରିଥିଲେ। ସୌଜନ୍ୟମୂଳକ ସାକ୍ଷାତ୍‌କାର ସମୟରେ ମେୟର ଶ୍ରୀ ସିଂହ ଶ୍ରୀ ଦାସଙ୍କ ଦୀର୍ଘଦିନର ଅନୁଭୂତି, ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ସମାଜ ପ୍ରତି ତାଙ୍କର ଦୃଷ୍ଟିକୋଣ ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଶିକ୍ଷା ଓ ସାମାଜିକ ଜୀବନରେ ଦୀର୍ଘ ଅନୁଭୂତି ହାସଲ କରିଥିବା ବରିଷ୍ଠ ବ୍ୟକ୍ତିତ୍ୱଙ୍କ ମତାମତ ଶୁଣିବା ସହ ସେମାନଙ୍କ ଜୀବନ ଯାତ୍ରାରୁ ଶିକ୍ଷଣୀୟ ଦିଗଗୁଡ଼ିକୁ ଜାଣିବା ଏହି ସାକ୍ଷାତ୍‌କାରର ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା। କଟକ ମହାନଗର ନିଗମର ଏହି ଜନସମ୍ପର୍କ ଭିତ୍ତିକ ପଦକ୍ଷେପ ମାଧ୍ୟମରେ ସହରର ବରିଷ୍ଠ ନାଗରିକ, ଶିକ୍ଷାବିତ୍, ସାହିତ୍ୟିକ, ସଂସ୍କୃତି ପ୍ରେମୀ ଓ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ବ୍ୟକ୍ତିତ୍ୱଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଉଛି। ଏପରି ପଦକ୍ଷେପ ବରିଷ୍ଠ ନାଗରିକଙ୍କ ମନୋଭାବ, ଅନୁଭୂତି ଓ ମତାମତକୁ ଗୁରୁତ୍ୱ ଦେବା ସହ ସେମାନଙ୍କ ସହ ପ୍ରଶାସନର ସମ୍ପର୍କକୁ ଅଧିକ ନିବିଡ଼ କରିବାରେ ସହାୟକ ହେବ।

# ଡିଜେ ଗାଡ଼ି ଟାୟାର ଫାଟି ଜଣେ ମୃତ, ୧୦ ଆହତ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ମାଥିଲି ନିକଟରେ ବଡ଼ ଦୁର୍ଘଟଣା। ଟାୟାର୍ ଫାଟିଯିବାରୁ ଦୁର୍ଘଟଣାଗ୍ରସ୍ତ ହେଲା ଡିଜେ ଗାଡ଼ି। ଏଥିରେ ୧୦ରୁ ଅଧିକ ଜଣ ଆହତ ହୋଇଥିବା ବେଳେ ଜଣକର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ଦୁର୍ଘଟଣାର ତଦନ୍ତ କରୁଛି ମାଥିଲି ପୋଲିସ। ସୂଚନା ଅନୁଯାୟୀ, ଧର୍ମଗଡ଼ରୁ ମାଲକାନଗିରି ଅଭିମୁଖେ ଆସୁଥିବା ଡିଜେ ଗାଡ଼ିଟି ମାଥିଲି ନିକଟ ଅଁଳାଯୋଡ଼ି ପାଖରେ ଦୁର୍ଘଟଣାର ଶିକାର ହୋଇଛି। ସକାଳ ପ୍ରାୟ ୭ଟା ସମୟରେ ମାଲକାନଗିରି ଆସୁଥିବା ଡିଜେ ଗାଡ଼ିର ଟାୟାର ଫାଟିଯିବାରୁ ଏହି ଅଘଟଣ ଘଟିଥିବା ଜଣାପଡିଛି। ଦୁର୍ଘଟଣାରେ ୧୦ରୁ ଅଧିକ ଜଣ ଆହତ ହୋଇଥିବାବେଳେ, ସେମାନଙ୍କୁ ଚିକିତ୍ସା ପାଇଁ ମାଥିଲି ଡାକ୍ତରଖାନାକୁ ନିଆଯାଇଛି। ତେବେ ଆହତଙ୍କ ଅବସ୍ଥା ଓ ଦୁର୍ଘଟଣାର ତଦନ୍ତ କରୁଛି ମାଥିଲି ପୋଲିସ।

# ପ୍ରଶାସନ ଶୁଣିଲାନି:ନିଜ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଗାଁ ରାସ୍ତା ମରାମତି ପାଇଁ ବାରମ୍ବାର ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କଲେ ହେଲେ କୌଣସି ସୁଫଳ ମିଳିଲାନି। ଶେଷରେ ବାଧ୍ୟ ହୋଇ ନିଜ ପକେଟ୍‌ରୁ ଟଙ୍କା ଖର୍ଚ୍ଚ କରିବା ସହ ଶ୍ରମଦାନ କରି ଗାଁ ରାସ୍ତା ମରାମତି କରିବାକୁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ପଙ୍ଗାରସିଂହ ପଞ୍ଚାୟତର କୁରାଡ଼ିଲୋ ଗ୍ରାମରେ। ଗ୍ରାମର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ବିଭିନ୍ନ ସମୟରେ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଥିଲା। ରାସ୍ତାରେ ଥିବା ଖାଲଖମାରେ ପାଣି ଜମି ରହିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଏପରିକି ନିକଟସ୍ଥ ପଙ୍ଗାରସିଂହ ଗାଁର କୁନିକୁନି ପିଲାମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଥିବା ରାସ୍ତାରେ ପଡ଼ି ଆହତ ହେଉଛନ୍ତି। ଦୈନିକ ଯାତାୟାତରେ ରାସ୍ତା ଗ୍ରାମବାସୀଙ୍କ ପାଇଁ ମରଣ ଯନ୍ତା ପାଲଟିଥିଲା। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ। ମାତ୍ର ରାସ୍ତା ମରାମତି ନେଇ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି। ଶେଷରେ ଅନ୍ୟ ଉପାୟ ନପାଇ ଗ୍ରାମବାସୀ ନିଜେ ରାସ୍ତା ମରାମତି କରିବାକୁ ନିଷ୍ପତ୍ତି ନେଲେ। ଏଥିପାଇଁ ନିଜ ପକେଟ୍‌ରୁ ଅର୍ଥ ଖର୍ଚ୍ଚ କରିବା ସହ ସମୂହ ଶ୍ରମଦାନ କରି ରାସ୍ତା କାମରେ ଲାଗିପଡ଼ିଲେ। ଏହି କାର୍ଯ୍ୟରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଗାଁର ଯୁବକ, ମହିଳା ଓ ବୃଦ୍ଧବୃଦ୍ଧା ସମସ୍ତେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଗାଁର ରାସ୍ତାକୁ ନିଜେ ମରାମତି କରି ଗ୍ରାମବାସୀ ଏକତା ଓ ସାମୂହିକ ଉଦ୍ୟମର ଉଦାହରଣ ଜିଲ୍ଲାରେ ସୃଷ୍ଟି କରିଛନ୍ତି। ତେବେ ଗ୍ରାମାଞ୍ଚଳର ରାସ୍ତା ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ଯେତେବେଳେ ଲୋକଙ୍କୁ ନିଜେ ଅର୍ଥ ଖର୍ଚ୍ଚ କରି ଶ୍ରମଦାନ କରିବାକୁ ପଡୁଛି, ସେତେବେଳେ ସ୍ଥାନୀୟ ପ୍ରଶାସନର ଭୂମିକାକୁ ନେଇ ଏଠାରେ ପ୍ରଶ୍ନ ଉଠୁଛି। ଏବେ ସମ୍ପୃକ୍ତ ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ କେବେ ପଦକ୍ଷେପ ନେଉଛି, ତାହାକୁ ଅପେକ୍ଷା କରିଛନ୍ତି ଗ୍ରାମବାସୀ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ / ୮ | ୭ | ଶୁକ୍ର୬ / କେତୁ୫ |
| ୧୦ବୃମ | ୨୭ / ୧୨ | ୪ |
| ୧୧ / ରାହୁ / ୧୨ | ଶୁବୁରଲ ୧ | ୩ / ୨ |

ସନ- ୧୪୩୪ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୨୫।୧୦।୨୦୨୬, କାର୍ତ୍ତିକ ଦ୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୪୫।୪୮ ଚନ୍ଦ୍ରୋଦୟ- ଦିଘ୪।୩୨।୩୧**

ଚତୁର୍ଦ୍ଦଶୀ ଦିଘ ୧୧।୫୮ ପର୍ଯ୍ୟନ୍ତ। ରେବତୀ ନକ୍ଷତ୍ର ସଂଘ ୭।୨୫ ପର୍ଯ୍ୟନ୍ତ। ମୀନ ଚନ୍ଦ୍ର ସଂଘ ୭।୨୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। ସଂଘ ୭।୨୫ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ଧନୁ ରାଶିର। ସଂଘ ୭।୨୫ ଗତେ ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୫୮ ଗତେ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୩୬ ଗତେ ଦିଘ ୮।୫୨ ମଧ୍ୟେ। ଦିଘ ୧୨।୫୮ ଗତେ ଦିଘ ୨।୫୭ ମଧ୍ୟେ। **ପର୍ବୋତ୍ସବ-** କୁମାର ପୂର୍ଣ୍ଣିମା, ଶ୍ରୀଗଜଲକ୍ଷ୍ମୀ ପୂଜା।



**ମେଷ:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହେବେ। ଭାତୃ ବିବାଦ ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ସୁଖ ଶାନ୍ତିରେ କଟିବ। ଯାତ୍ରା କଷ୍ଟଦାୟକ ହେବ। ଅଯଥା ଦୂରଯାତ୍ରା କରିପାରନ୍ତି।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଆୟର ପରିମାଣ ବଢ଼ିବ। ଭ୍ରମଣ ସହିତ ଦେବ ଦର୍ଶନର ସୁଯୋଗ ରହିଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମାଲିମୋକଦ୍ଦମାରେ ଜୟ ଲାଭ କରିବେ। ମନ ଭଲ ରହିବ।



**ମିଥୁନ:** ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ବାକି ଥିବା କାମ ଭଲରେ ହୋଇଯିବ। ଦୂରଯାତ୍ରା କରିପାରନ୍ତି। ଆୟ ମଧ୍ୟମ ଧରଣର ହେବ। ଘରେ ଆନନ୍ଦର ଲହରୀ ଛୁଟିବ। ଦେହ ଓ ମନ ଭଲ ରହିବ।



**କର୍କଟ:** ଅନ୍ୟମାନେ ଆନଣଙ୍କ ପ୍ରତି ସହାନୁଭୂତି ଦେଖାଇବେ। ଦେହ ଓ ମନ ଭଲ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭ ହେବ। ରୋଜଗାର ସ୍ଥିର ରହିବ। ପରିବାରରେ ଶାନ୍ତି ଅବ୍ୟାହତ ରହିବ।



**ସିଂହ:** କର୍ମକ୍ଷେତ୍ରରେ କାମ ଅଟକି ରହିପାରେ। ବନ୍ଧୁ ଅଚିହ୍ନା ବ୍ୟବହାର କରିବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଆମୋଦ ପ୍ରମୋଦରେ ଦିନ କଟିବ।



**କନ୍ୟା:** ବନ୍ଧୁ ମିଳନରୁ ବାଦ୍ ରହିବେ। ବ୍ୟବସାୟରେ ଲାଭବାନ୍ ହେବେ। ରୋଜଗାରର ପରିମାଣ ବଢ଼ିବ। ଘରେ ସୁଖ ଓ ଶାନ୍ତିରେ ଦିନ କାଟିବେ। ମହିଳାମାନେ ସୁଖୀ ହେବେ। ମନ ଭଲ ରହିବାର ସୂଚନା।



**ତୁଳା:** ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ। ରାଗର ପରିମାଣ ବଢ଼ିବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନୀୟ। ଆର୍ଥିକ ସ୍ଥିତି ଭଲ ରହିବ। ଗୃହେ ସନ୍ତୋଷ ଲାଭ ହେବ।



**ବିଛା:** ଆଜି ଆପଣଙ୍କର କୌଣସି କାମ ନିମନ୍ତେ ଚିନ୍ତା ଗ୍ରସ୍ତ ହେବେ। ନିଜର ଆଚାର ଓ ବ୍ୟବହାରରେ ସଂଯମ ରକ୍ଷା କରନ୍ତୁ। ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ ଜଞ୍ଜାଳ ଓ ଅଶାନ୍ତି ଦେଖାଦେବ। ମନ ଅସ୍ଥିର ରହିବ।



**ଧନୁ:** ଆଜି ଆପଣଙ୍କର ଦିନଟି ଭଲ ନୁହେଁ। ଏଣୁ ସାବଧାନ ରହିବେ। କର୍ମକ୍ଷେତ୍ରରେ ନିନ୍ଦା ଓ ଅପବାଦ ଦେଖାଦେବ। ରୋଜଗାର ସ୍ଥିର ରହବ। ପରିବାରରେ ଅଶାନ୍ତି ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ମହିଳାମାନେ ଗର୍ବୀ ହେବେ।



**ମକର:** ମନ ପ୍ରସନ୍ନ ରହିବେ। କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ। ରୋଜଗାରର ପରିମାଣ ବଢ଼ିବ। ଘରେ ଖୁସି ବଜାୟ ରହିବ। ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ। କଚେରି ମାମଲାରେ ଶୁଣାଣି ସାପେକ୍ଷଜନିତ ହେବ।



**କୁମ୍ଭ:** କର୍ମକ୍ଷେତ୍ରରେ ସହକର୍ମୀମାନେ ଅସନ୍ତୁଷ୍ଟ ହେବେ। ଏଣୁ ମାନସିକ ଚିନ୍ତା ଲାଗି ରହିବ। ପାରିବାରିକ ସୁଖ ସମ୍ମାନ ଲାଭ କରିବେ। ନିଜର ଇଚ୍ଛା ନଥାଇ ମଧ୍ୟ ଭ୍ରମଣ କରିବେ। ଆୟ ପୂର୍ବ ପରି ରହିବ।



**ମୀନ:** କର୍ମକ୍ଷେତ୍ରରେ ଉତ୍ସାହିତ ହୋଇ ସମସ୍ତ କାର୍ଯ୍ୟ କରିପାରନ୍ତି। ଆୟ କମ୍ ହେବ। ଖର୍ଚ୍ଚର ପରିମାଣ ବଢ଼ି ଚାଲିବ। ସତ କଥା କହି ଅପ୍ରିୟ ହେବେ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ମନ ଭଲ ରହିବ।

# ଚାକିରି ନାଁରେ ଠକେଇ:ଜଣେ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଓପିଏସ୍‌ସିରେ ଚାକିରି ଦେବା ବାହାନାରେ ୬.୨ ଲକ୍ଷ ଠକେଇରେ ନିମଖଣ୍ଡ ପୋଲିସ ଜଣକୁ ଗିରଫ କରିଛି। ଶୁଭଶ୍ରୀ ବେହେରା (ଲୋଚାପଡା)ଙ୍କୁ ଓପିଏସ୍‌ସିରେ ବଡ ଚାକିରି ଦେବା ଲୋଭ ଦେଖାଇ ଅକ୍ଟୋବର ୨୦୨୫ରୁ ମାର୍ଚ୍ଚ ୨୦୨୬ ଭିତରେ ୟୁପିଆଇରେ ୬,୨୦,୦୦୦ ଟଙ୍କା ନେଇଥିଲା ଶୁଶାନ୍ତ ସ୍ୱାଇଁ। ସିଲେକ୍ସନ୍ ଲିଷ୍ଟ ହ୍ୱାଟ୍ସଆପ୍‌ରେ ପଠାଇଥିଲା। ଏହି ଅଭିଯୋଗରେ ପୋଲିସ ପକ୍ଷରୁ କେସ୍ ନଂ ୨୨୨/୧୨.୦୭.୨୬ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଟୁକୁନା ସ୍ୱାଇଁ ଓରଫ ସୁଶାନ୍ତ ସ୍ୱାଇଁ (୨୮), ରମ୍ଭା, ବର୍ତ୍ତମାନ ନୀଳାଞ୍ଚଳ ନଗର ୬ ଲେନ୍ ଅଞ୍ଚଳର। ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମୋବାଇଲ୍ ଓ ହ୍ୱାଟ୍ସଆପ୍ ଚାଟ୍ ପ୍ରିଣ୍ଟ ଜବତ କରାଯାଇଛି।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୨୬।୧୦।୨୦୨୬, କାର୍ତ୍ତିକ ଦ୧୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୪୬।୧୩ ଚନ୍ଦ୍ରୋଦୟ- ସଂଘ୫।୧୫।୪୬**

ପୂର୍ଣ୍ଣିମା ଦିଘ ୯।୪୩ ପର୍ଯ୍ୟନ୍ତ। ଅଶ୍ୱିନୀ ନକ୍ଷତ୍ର ସଂଘ ୫।୪୩ ପର୍ଯ୍ୟନ୍ତ। ମେଷ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୯।୪୩ ଗତେ ପାଣିକଖାରୁ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୪୯ ଗତେ ଦିଘ ୭।୧୫ ମଧ୍ୟେ। ଦିଘ ୮।୫୩ ଗତେ ଦିଘ ୧୧।୦୯ ମଧ୍ୟେ। **ପର୍ବୋତ୍ସବ-** ଅଶ୍ୱିନ ପୂର୍ଣ୍ଣିମା, କାର୍ତ୍ତିକେୟ ଜନ୍ମ, କାର୍ତ୍ତିକ ବ୍ରତ ଆରମ୍ଭ।

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

# ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୭୨୧.୦୨ ବିଲିୟନକୁ ଖସିଲା

ଭାରତର ଅର୍ଥନୈତିକ ସ୍ଥିତି ଏବଂ ବୈଦେଶିକ ବାଣିଜ୍ୟ କ୍ଷେତ୍ର ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଦ୍ୱାରା ପ୍ରଦତ୍ତ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ କ୍ରମାଗତ ହ୍ରାସ ଘଟିବାରେ ଲାଗିଛି । ଅକ୍ଟୋବର ୧୬ରେ ଶେଷ ହୋଇଥିବା ସପ୍ତାହରେ ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ପ୍ରାୟ ୫ ବିଲିୟନ ଡଲାରର ହ୍ରାସ ଘଟିଛି । ଏହି ହ୍ରାସ ଫଳରେ ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇ ୭୨୧.୦୨ ବିଲିୟନ ଡଲାରକୁ ଖସିଆସିଛି । ସୂଚନାଯୋଗ୍ୟ ଯେ, ଏହାର ପୂର୍ବ ସପ୍ତାହରେ ମଧ୍ୟ ବୈଦେଶିକ ମୁଦ୍ରା ଭଣ୍ଡାରରୁ ୮.୫୭୮ ବିଲିୟନ ଡଲାର କମିଯାଇ ଏହା ୭୨୬.୦୨୭ ବିଲିୟନ ଡଲାର ରହିଥିଲା । ଚଳିତ ବର୍ଷ ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଏକ ଅଭୂତପୂର୍ବ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଥିଲା, ଯାହାକି ୭୮୫.୭୦୬ ବିଲିୟନ ଡଲାରରେ ପହଞ୍ଚିଥିଲା । ମାତ୍ର ସେହି ସର୍ବୋଚ୍ଚ ଶିଖର ତୁଳନାରେ ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଏଥିରେ କ୍ରମାଗତ ହ୍ରାସ ଘଟିଥିବା ପରିଲକ୍ଷିତ ହୋଇଛି । ଅକ୍ଟୋବର ୧୬ ସପ୍ତାହରେ ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ମୁଖ୍ୟ ଅଂଶ ହୋଇଥିବା ବିଦେଶୀ ମୁଦ୍ରା ପରିସମ୍ପତ୍ତିରେ ବଡ଼ଧରଣର ହ୍ରାସ ଘଟିଛି । ଏହା ୫.୭୫୮ ବିଲିୟନ ଡଲାର ହ୍ରାସ ପାଇ ମୋଟ ୫୯୧.୮୪୭ ବିଲିୟନ ଡଲାରକୁ ଖସିଆସିଛି । ଅନ୍ୟପକ୍ଷରେ, ଦେଶର ସୁନା ଭଣ୍ଡାର କ୍ଷେତ୍ରରେ ଏକ ଆଶ୍ୱସ୍ତିକର ବୃଦ୍ଧି ଘଟିଛି । ସମାନ ସପ୍ତାହରେ ସୁନା ଭଣ୍ଡାର ୭୦.୬ କୋଟି ଡଲାର ବୃଦ୍ଧି ପାଇ ମୋଟ୍ ୧୦୫.୮ ବିଲିୟନ ଡଲାରରେ ପହଞ୍ଚିଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ସନାତନ

ହେ ଶୁଦ୍ଧିଜନ ସତ୍ୟ ହିଁ ସନାତନ,ସତ୍ୟ ହିଁ ଧର୍ମ,ସତ୍ୟ ହିଁ ଶିଷ୍ୟର ଭୂଷଣ, ସତ୍ୟ ହିଁ ଭକ୍ତର ଭକ୍ତି,ସତ୍ୟ ହିଁ ଅହିଂସା ରୂପକ ଅଗ୍ନି । ସତ୍ୟ ହିଁ ଶାଶ୍ୱତ । ସତ୍ୟ ହିଁ ସାହିତ୍ୟ, ସତ୍ୟ ହିଁ ନାରାୟଣ। ସତ୍ୟ ହିଁ ଧ୍ରୁବ । ସତ୍ୟ ହିଁ ବିବେକ, ସତ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ, ସତ୍ୟ ହିଁ ଗୀତା, ଭାଗବତ, ବେଦ, ପୁରାଣକୁ ସ୍ୱୀକୃତି ଦେଇଛି। ସତ୍ୟ ହିଁ ଚୈତନ୍ୟ ତେଣୁ ସବୁବେଳେ କୁହେ ଯାହାର ନାହିଁ ଆୟତନ, ତାହାର ନାମ ସନାତନ । ତେଣୁ ସତ୍ୟର ଆୟତନ ନାହିଁ । ସତ୍ୟ ହିଁ ଗୁରୁ, ସତ୍ୟ ହିଁ ପ୍ରେମ, ସତ୍ୟହିଁ ସକଳ ସୃଷ୍ଟିର ରହସ୍ୟ,ତେଣୁ ହେ ଭକ୍ତ ହେ ଶିଷ୍ୟ ସତ୍ୟ ହିଁ ସାର, ସତ୍ୟ ହିଁ ନିର୍ଜୀବ କୁ ସଜୀବ କରିଥାଏ। ସତ୍ୟ ହିଁ ମାନବ ସମାଜର ଯେଉଁ ଦିନ ମୂଳମନ୍ତ୍ର ହେବ, ସେହିଦିନ ଜାଣିବ ଯେ ରାମରାଜ୍ୟ ଜଗତରେ ବିସ୍ତାର କରିଛି । ସତ୍ୟଯୁଗ ପ୍ରବେଶ କରିଛି । ସତ୍ୟ ହିଁ ଆଲୋକ,ସତ୍ୟର ଗତିକୁ ଯେ ଲକ୍ଷ୍ୟ ରଖି ଚାଲେ ସେ ହିଁ ଚତୁର। ସେ ହିଂ ଈଶ୍ୱରଙ୍କର ଭାଷାକୁ ବୁଝିପାରେ ସେହିଁ ଆତ୍ମାର ତତ୍ତ୍ୱକୁ ଉପଲବ୍ଧ କରିପାରେ । ସେହିଁ ସୃଷ୍ଟିର ନିର୍ଯ୍ୟାସ ହୋଇଥାଏ। ସେହିଁ ବିଶ୍ୱର ଅମୃତ ତେଣୁ ଅମୃତର ଅନ୍ୱେଷଣରେ ଯେ ଯାଇଛି ସେହିଁ ସୃଷ୍ଟିର ରହସ୍ୟକୁ ବୁଝିପାରିଛି । ତେଣୁ ହେ ଭକ୍ତ ସତ୍ୟକୁ ଆଧାର କରି ମାନବ ସମାଜର କଲ୍ୟାଣ କରିଚାଲିଲେ ନିଶ୍ଚୟ ବିଶ୍ୱ କଳି କବଳରୁ ଉଦ୍ଧାର ପାଇପାରିବ । ସବୁକ୍ଷେତ୍ରରେ ସବୁ ମୂହୂର୍ତ୍ତରେ ସତ୍ୟକୁ ଜାବୁଡି ଧର ନିଶ୍ଚୟ ତୁମେ ଅମର ହୋଇଯିବ। ଯିଏ ଅସତ୍ୟକୁ ଅଧାର କରିଥାଏ ସେ ବିଷୟାରୂପକ ବିଷକୁ ଗ୍ରାସ କରି ଜଗତରୁ ନିଶ୍ଚିନ୍ନ ହୋଇଯାଏ । ଆଉ ଯେ ସତ୍ୟକୁ ଆଧାର କରି ଚାଲେ ସେ ଅମୃତକୁ ଭକ୍ଷଣ କରି ଅମର ହୋଇଯାଏ ଏହି ବିଶ୍ୱରେ । ହରି ଓଁ ।

# କୁଆଁର ପୁନେଇଁ ଜହ୍ନଗୋ ଫୁଲ ବଉଳବେଣୀର ସାମାଜିକ ପ୍ରତିବଦ୍ଧତା



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ଜହ୍ନ ବା ଚନ୍ଦ୍ର ସହିତ ଧର୍ମ, ସଂସ୍କୃତି, ପରମ୍ପରା, ଲୋକକଥା, ଆସ୍ଥା, ବିଶ୍ୱାସ, ବିଜ୍ଞାନ, ସାହିତ୍ୟ ଆଦି ଅତି ନିବିଡ ଭାବରେ ସଂପର୍କିତ। ସଭ୍ୟତା ଓ ସଂସ୍କୃତି ସର୍ବଦା ଜହ୍ନକୁ ନେଇ ତଲ୍ଲିନ ଓ ବିମୋହିତ। ଆକାଶର ନିର୍ମଳ ଜହ୍ନ କରେ ବିଭୋର ଓ ବିମୁଗ୍ଧ। ଜହ୍ନର ମନଲୋଭା ଅପୂର୍ବ ଶୋଭା ରାଜି କରିଥାଏ ବିସ୍ମିତ ଓ ଶାଶ୍ୱତ। ହିନ୍ଦୁ ଧର୍ମରେ ଜହ୍ନକୁ ଦେବତା ରୂପେ ସ୍ୱୀକାର କରାଯାଇ ପୂଜାର୍ଚ୍ଚନା କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ହିନ୍ଦୁ ଧର୍ମ ଶାସ୍ତ୍ରରେ ଚନ୍ଦ୍ରର ବର୍ଣ୍ଣନା ଅତି ଚମତ୍କାର ଓ ହୃଦୟସ୍ପର୍ଶୀ। ସାଗର ମନ୍ଥନ ସମୟରେ ଲକ୍ଷ୍ମୀ ଦେବୀ ଓ ଚନ୍ଦ୍ର ଦେବଙ୍କର ଆବିର୍ଭାବ ହୋଇଥିଲା, ତେଣୁ ଲକ୍ଷ୍ମୀ ଠାକୁରାଣୀ ଜଗତର ମାତା ହୋଇଥିବାରୁ ଚନ୍ଦ୍ର ଆମ୍ଭମାନଙ୍କର ମାମୁଁ ଅଟନ୍ତି। ଜହ୍ନଙ୍କୁ ନେଇ ଅନେକ ପୌରାଣିକ ବର୍ଣ୍ଣନା ରହିଛି। ଚନ୍ଦ୍ରଙ୍କ ସହିତ ପୃଥିବୀର ସଂପର୍କ ଅତି ନିବିଡ। ଏଥିଲାଗି ରାଶିର ସୃଷ୍ଟି। ଜନ୍ମ ନେଉଥିବା ଜୀବ ଚନ୍ଦ୍ରଙ୍କ ପ୍ରଭାବରୁ ତାଙ୍କର ରାଶି କଣ ହେବ ତାର ଫଳାଫଳ ଚନ୍ଦ୍ରଙ୍କ ଠାରୁ ଜାଣିହୁଏ। ରବି ଗ୍ରହ ଜଗତରେ ଶ୍ରେଷ୍ଠ ଓ ରାଶି ହେଉଛନ୍ତି ଚନ୍ଦ୍ର। ଚନ୍ଦ୍ର ସୁନ୍ଦର ପୁରୁଷ ହୋଇଥିବାରୁ ଦକ୍ଷ ପ୍ରଜାପତି ତାଙ୍କର ୨୭ ଜଣ କନ୍ୟାଙ୍କୁ ତାଙ୍କ ସହିତ ବିବାହ ଦେଇଥିଲେ। ଚନ୍ଦ୍ରଙ୍କ ଲାଗି ତିଥି ସୃଷ୍ଟି ହୁଏ। ତିଥିରୁ ପର୍ବ-ପର୍ବାଣୀ ସୃଷ୍ଟି। ଚନ୍ଦ୍ରଙ୍କ ପାଇଁ ମାସ ସୃଷ୍ଟି ହୋଇଥାଏ। ଯାହାକୁ ଚନ୍ଦ୍ରମାସ କୁହାଯାଏ। ପ୍ରେମ, ଶୀତଳତା, ନିର୍ମଳ, ସୌନ୍ଦର୍ଯ୍ୟ ଓ ସୌଭାଗ୍ୟର ପ୍ରତୀକ ରୂପେ ସମାଜରେ ହିନ୍ଦୁମାନେ ଗ୍ରହଣ କରିଛନ୍ତି ଚନ୍ଦ୍ରଙ୍କୁ। ଭଲ ଘର ଓ ବର ସହିତ ସୁନ୍ଦର ମନର ମଣିଷ ପାଇବା ପାଇଁ କୁଆଁରୀମାନେ ଜହ୍ନଙ୍କୁ ପୂଜା କରିଥାନ୍ତି। କବି ଓ ଲେଖକମାନଙ୍କର ସୃଜନୀରେ ଜହ୍ନକୁ ନେଇ ରହିଛି ଅନେକ ଭାବ, ଭକ୍ତି, ରସ, ପ୍ରେମ ଓ ତତ୍ତ୍ୱ। ଜହ୍ନ ଦେଖିଲେ ମନରେ ଆସେ ପବିତ୍ରତା, ପୁଲକ, ଶାନ୍ତି ଓ ବିଭୋର କରି ଦେବାର ସାମର୍ଥ୍ୟ, ଜହ୍ନ ସୁନ୍ଦର, ଶୀତଳ ଓ ଶାନ୍ତ କୁଆଁରୀମାନେ ଜହ୍ନକୁ ଦେଖି ଜହ୍ନପରି ସାଥୀଟିଏ ପାଇବା ପାଇଁ ପୂଜା କରିଥାନ୍ତି। ଜହ୍ନକୁ ଦେଖି ପୂଜା କରିବାର ଏକ ନିଆରା ଓଡିଆ ପରମ୍ପରା ହେଉଛି ଜହ୍ନିଓଷା ଓ କୁମାର ପୂର୍ଣ୍ଣିମା। ସୂର୍ଯ୍ୟୋଦୟ ପୂର୍ବରୁ କୁମାରୀ ଝିଅମାନେ କୁଲାରେ ବିଭିନ୍ନ ଭୋଗ ସାମଗ୍ରୀ ଧରି ଆଞ୍ଜୁଳି ଟେକିଥାନ୍ତି। କୁମାର ପୂର୍ଣ୍ଣିମାରେ କୁମାରୀମାନେ ସନ୍ଧ୍ୟାରେ ନିର୍ମଳ ଚାନ୍ଦ ଦର୍ଶନ କରିବା ସହିତ ପୂଜା କରିଥାନ୍ତି ଅତି ଆଗ୍ରହ ଓ ଶ୍ରଦ୍ଧାରେ। କୁମାର ପୂର୍ଣ୍ଣିମା କାର୍ତ୍ତିକେୟଙ୍କର ଜନ୍ମଦିନ। ଚିର କୁମାର ଶ୍ରେଷ୍ଠ ପୁରୁଷ ଏବଂ ଦେବତାମାନଙ୍କର ସେନାପତି ହୋଇଥିବାରୁ ସମ୍ଭବତଃ ତାଙ୍କ ଉଦ୍ଦେଶ୍ୟରେ କୁମାର ପୂର୍ଣ୍ଣିମା ସୃଷ୍ଟି। ଅତି ଶୁଚିବନ୍ତ, ସୁକୁମାର, ଶୌର୍ଯ୍ୟ, ବୀର୍ଯ୍ୟ, ଶକ୍ତି, ସାମର୍ଥ୍ୟ ଓ ଐଶ୍ୱର୍ଯ୍ୟର ପ୍ରତୀକ ଅଟନ୍ତି କୁମାର କାର୍ତ୍ତିକେୟ। ତାଙ୍କ ଭଳି ପୁରୁଷଙ୍କୁ ଜୀବନସାଥୀ ଭାବେ ପାଇବା ନିମନ୍ତେ କୁମାରୀମାନେ କୁମାରପୂର୍ଣ୍ଣିମାରେ ଜହ୍ନ ପୂଜା କରିଥାନ୍ତି ବୋଲି ସଂସ୍କୃତି ଗବେଷକମାନେ ମତ ରଖିଥାନ୍ତି। ଶରଦ ଆକାଶରେ ସୁନିର୍ମଳ ଜହ୍ନ, କାଶତଣ୍ଡିର ସୁନ୍ଦରହସ, ପାର୍ବଣ ମୁହୂର୍ତ୍ତ, ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ କୁମାରୀମାନଙ୍କ ମନରେ ସୃଷ୍ଟି କରେ ଆଶା, ଆକାଂକ୍ଷା, ଉଦ୍ଦୀପନା ଓ ଉତ୍ସାହ। କୁମାର କାର୍ତ୍ତିକେୟଙ୍କ ପରି ଦିବ୍ୟ ପୁରୁଷଙ୍କୁ ସ୍ୱାମୀ ରୂପେ ପାଇବା ଆଶା ମନରେ ରଖି କୁମାରୀମାନେ ଅତି ନିଷ୍ଠା ଓ ଆଗ୍ରହ ସହିତ କୁମାରୋତ୍ସବ ପାଳନ କରନ୍ତି। ଏହା ଏକ ମାସ ଧରି ଚାଲିଥାଏ। ଭାଦ୍ରବ ପୂର୍ଣ୍ଣିମା, ଇନ୍ଦୁ ପୂର୍ଣ୍ଣିମା ବା ଭାଗବତ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଆଶ୍ୱିନ ପୂର୍ଣ୍ଣିମା ବା କୁମାର ପୂର୍ଣ୍ଣିମାରେ ପରିସମାପ୍ତି ହୁଏ। କୁମାରୀମାନେ ପ୍ରତିଦିନ ସନ୍ଧ୍ୟାରେ ବୃନ୍ଦାବତୀ ଚଉରାମୂଳରେ ଜହ୍ନି ଓଷା ପାଳନ କରନ୍ତି। ଏହି ଓଷା ଉଦ୍‌ଯାପନ ହୋଇଥାଏ କୁମାର ପୂର୍ଣ୍ଣିମା ଦିନ। ପ୍ରତିଦିନ ଆଶ୍ୱିନ ମାସର ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କୁମାରୀମାନେ ଗ୍ରାମ ଦାଣ୍ଡରେ ବିଭିନ୍ନ ପ୍ରକାର ଖେଳ ଓ ଫୁଲ ବଉଳ ବେଣୀ ଗୀତର ଆସର ଜମିଥାଏ। ପୁଚି, ବାଗୁଡି, କବାଡି, ଦଉଡିଡିଆଁ, ବୋହୂଚୋରି ଇତ୍ୟାଦି ଖେଳିଥାନ୍ତି। ଏହି ଖେଳ କୁମାରୀମାନଙ୍କ ମନ ଓ ଶରୀର ଗଠନ ପାଇଁ ଏକାନ୍ତ ଆବଶ୍ୟକ। କୁମାରୀମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏହି ଖେଳ ମାନଙ୍କର ବହୁ ଉପଯୋଗୀ ରହିଛି। କୁମାରୀମାନଙ୍କର ସୁଲଳିତ କଣ୍ଠରୁ ଭାସିଆସେ ଫୁଲ ବଉଳବେଣୀ ଗୀତ ଯାହା କୁମାରୋତ୍ସବର ମୁଖ୍ୟ ଆକର୍ଷଣ। ଏହି ଗୀତର ରଚୟତା କେଉଁ ଅଜଣା ବ୍ୟକ୍ତି ବିଶେଷ ଅଟନ୍ତି। ପିଢି ପରେ ପିଢି ମନେ ରଖି ପୁରୁଷାନୁକ୍ରମେ ଏହାକୁ ଆବୃତି କରାଯାଇ ଆସୁଅଛି। ରଜ ଦୋଳି, ଡାଲଖାଇ, ହୁମା ବଉଳି, କରମାସାନି, ଘୋଡାନାଚ ଗୀତ, ପ୍ରଭୃତି ଲୋକଗୀତ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ। ଅନ୍ତରଙ୍ଗ ସାଙ୍ଗମାନଙ୍କ ସହିତ ଆମ୍ବ ବଉଳ ଦେବା ନେବା ମାଧ୍ୟମରେ ବଉଳ ବସିଥାନ୍ତି। ବେଣୀ ପରି ତାହାକୁ ଚକ୍ରାକୃତିରେ ଯୋଡି ଧଳା ଫୁଲ ତରାଟରେ ଚକା ଜହ୍ନ ପରି ତୋରା ଦିଶୁଥିବାରୁ ବଉଳବେଣୀ କୁହାଯାଉଅଛି। କେହି କେହି କୁହନ୍ତି କୁମାରୀମାନଙ୍କର ଗୀତରେ ଫୁଲ ବଉଳବେଣୀ ଏକ ଘୋଷା, କୋଇଲିରେ, ଜାମୁ କୋଳିରେ, ରସରକେଳିରେ, ଇତ୍ୟାଦି ସମ୍ବୋଧନ ମୂଳକ ପଦ ଲୋକଗୀତରେ ଦେଖିବାକୁ ମିଳେ। ଅନ୍ୟାନ୍ୟ ଲୋକଗୀତ ପରି ଫୁଲ ବଉଳବେଣୀରେ ସାମାଜିକ ପ୍ରତିବଦ୍ଧତା, ଲୋକ ଚଳଣି ଓ ପରମ୍ପରା ଏଥିରେ ପ୍ରମୁଖ ସ୍ଥାନ ପାଇଛି। ଲୋକଗୀତ ମାନଙ୍କ ମଧ୍ୟରେ ଫୁଲ ବଉଳବେଣୀର ଗ୍ରହଣୀୟତା ବହୁ ଗୁରୁତ୍ୱ ରଖେ। ଲୋକଙ୍କର ଜୀବନ ଶୈଳିର ସୁନ୍ଦର ଉପସ୍ଥାପନା ଫୁଲ ବଉଳବେଣୀ ଗୀତରେ ଉପଯୁକ୍ତ ସ୍ଥାନ ପାଇଛି। କୁମାରୀମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ପୁଚି ଖେଳର ଗୁରୁତ୍ୱକୁ ପ୍ରତିପାଦନ କରେ ଫୁଲ ବଉଳବେଣୀଗୀତ। ପୁଚି ଖେଳ ବିଭିନ୍ନ ପ୍ରକାର ଯଥା- ଠିଆପୁଚି, ବସାପୁଚ ଇତ୍ୟାଦି। ପୁଚି ସଂମ୍ପର୍କରେ ଫୁଲ ବଉଳ ବେଣୀ ଗୀତରେ ଉଲ୍ଲେଖ ଅଛି ।-

"କୁଆଁରପୁନେଇଁ ଜହ୍ନଗୋ ଫୁଲ ବଉଳବେଣୀ
କୁଆଁରୀମାନେ ଯେ ପୁଚି ଖେଳୁଛନ୍ତି
ଝୁଣ୍ଟିଆ ଶବଦ ଶୁଣଗୋ ଫୁଲ ବଉଳବେଣୀ"

ପୁଚି ଖେଳକୁ ଭିତ୍ତିକରି ଅନ୍ୟ ଏକ ସୁନ୍ଦର ଗୀତ ଯାହାକୁ କୁମାରୀମାନେ ଏହି ଅବସରରେ ଗାନ କରିଥାନ୍ତି, ତାହା ହେଲା-

"କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ
କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ
ପୁଚି ଖେଳିବାକୁ ମନ ଗୋ ଫୁଲ ବଉଳ ବେଣୀ

ଅନ୍ୟ ଏକ ପୁଚି ଖେଳ ଗୀତ ଯାହା ଲୋକ ମୁଖରେ ଅତି ପରିଚିତ। ଏହି ଲୋକପ୍ରିୟ ପୁଚି ଗୀତଟି ଗାଇ କୁମାରୀମାନେ ପୁଚି ଖେଳ ଆରମ୍ଭ କରିଥାନ୍ତି। ମନ ଓ ହୃଦୟକୁ ରୋମାଞ୍ଚିତ କରିଥିବା ଏହି ଗୀତଟି ହେଲା-

ଠିଆ ପୁଚି ନାରଙ୍ଗ
ଗୋଡ ଦୁଇଟା ସାରଙ୍ଗ
ସାରଙ୍ଗ ବାଡିକୁ ଯାଇଥିଲି
ସାରଙ୍ଗ କୋଳି ଆଣିଥିଲି
ଅଧେ କଲି କଞ୍ଚା
ଅଧେ କଲି ଭଜା
ମୋ ଭାଇଟି ରାଜା
ମୋ ଭାଉଜ ରାଣୀ
ହିଡ ତଳେ ଯେଉଁ ଗହୀର କୁଅ
କିଏ କାଢି ଦେବ ପାଣି

ଓଡିଶାର ଏକ ବିଶେଷ ପର୍ବ ଭାବରେ କୁମାରପୂର୍ଣ୍ଣିମାର ସ୍ୱତନ୍ତ୍ର ପରିଚୟ ରହିଛି। କୁମାର ପୂର୍ଣ୍ଣିମା ଗୀତର ଅନ୍ୟ ଏକ ଦିଗ ଏହା ରୂପ, ଗୁଣ, ସୌନ୍ଦର୍ଯ୍ୟ ପ୍ରଭୃତିକୁ ଅତି ପ୍ରାଞ୍ଜଳ ଓ ମନଲୋଭା ଢଙ୍ଗରେ ପରିବେଷଣ କରିଥାଏ। ବିଭିନ୍ନ ଅଞ୍ଚଳର ଶାଢି, ଚୁଡି, ଅଳଙ୍କାର ମାନଙ୍କର ଉତ୍କର୍ଷତା ଏହି କୁମାର ପୂର୍ଣ୍ଣିମା ଲୋକଗୀତ ମାଧ୍ୟମରେ ଏହା ଉପଯୁକ୍ତ ଭାବରେ ସ୍ଥାନ ପାଇଛି। ଏହା ଓଡିଆତ୍ୱର ମହିମା ମଣ୍ଡନ କରୁଅଛି। ଆମ ସାମାଜିକ ଜୀବନକୁ କୁଆଁର ପୁନେଇଁ ଗୀତ ଅନେକାଂଶରେ ପ୍ରଭାବିତ କରୁଅଛି ଏଥିରେ ଦ୍ୱିମତ ନାହିଁ। ତେଣୁ କୁଆଁର ପୁନେଇଁ ଗୀତରେ ଏ ସମ୍ପର୍କରେ ସୁନ୍ଦର ବର୍ଣ୍ଣନା ରହିଛି।

ଶାହାଡା ମୂଳରେ ଇଶ ଗୋ ଫୁଲ ବଉଳବେଣୀ
ଆହୁରି ବୋହୂଙ୍କୁ ସୁନ୍ଦର ଦିଶଇ
ମସ୍ତିକରେ ମଥାମଣି ଗୋ ଫୁଲ ବଉଳବେଣୀ
ଜହ୍ନ ପଡେ ବଙ୍କା-ବଙ୍କା ଗୋ ଫୁଲ ବଉଳ ବେଣୀ
ଆହୁରି ବୋହୂଙ୍କୁ ସୁନ୍ଦର ଦିଶଇ
କଇଳାଶପୁର ଶଙ୍ଖା ଗୋ ଫୁଲ ବଉଳବେଣୀ

ସାଧାରଣ ଲୋକଙ୍କ ମନ, ପ୍ରାଣ ଓ ହୃଦୟରେ କୁଆଁର ପୁନେଇଁ ଗୀତ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ। ଏହି ଗୀତରେ ଭାବ, ରସ, ଆବେଦନ ଓ ନିବେଦନ ଅତି ମନମୁଗ୍ଧକର, ଯାହା ଶ୍ରୋତା ଓ ଦର୍ଶକର ହୃଦୟକୁ ତଲ୍ଲୀନ କରି ରଖିଥାଏ। ଏହି ଗୀତ ଶରୀରରେ ଏକ ଶିହରଣ ସୃଷ୍ଟିକରେ କାରଣ ସମାଜର ପ୍ରତ୍ୟେକ ବ୍ୟବସ୍ଥା ରୀତି, ନୀତି, ପ୍ରଥା, ବିଶ୍ୱାସ ଓ ପରମ୍ପରା ଏଥିରେ ମହତ୍ତର ସ୍ଥାନ ପାଇଥାଏ। ସମାଜ ଓ ସଂସ୍କୃତି ସହିତ ପ୍ରକୃତି ପୂଜାକୁ ଉତ୍ସାହିତ କରିଥାଏ। ଫୁଲ ବଉଳବେଣୀ ଗୀତରେ ଫୁଲ, ଫଳ, ବୃକ୍ଷ, ସୂର୍ଯ୍ୟ, ଚନ୍ଦ୍ର, ତାରା ଇତ୍ୟାଦି ଅତି ମାର୍ମିକ ଶୈଳିରେ ଉପସ୍ଥାପନା କରାଯାଇଥାଏ। ଏହି ମର୍ମରେ କୁଆଁର ପୁନେଇଁ ଗୀତରେ କରମଙ୍ଗା, ରଙ୍ଗେଣୀ, କାକୁଡିଲତା, ଗର୍ଭଣା ପ୍ରଭୃତି ବୃକ୍ଷଲତାଙ୍କ କଥା ଉଲ୍ଲେଖ ଅଛି। ଏହି ମର୍ମରେ ବର୍ଣ୍ଣନା ଅଛି-

ଦିବସେ ସୁନ୍ଦର ଖରା ଗୋ ଫୁଲ ବଉଳବେଣୀ
ନୀଳ କଇଁ ଶୋଭା ରାତି ଅଧ ବେଳେ
ମୁକୁତା ବିଛାଡେ ତାରା ଲୋ ଫୁଲ ବଉଳ ବେଣୀ

ଆଧ୍ୟାତ୍ମିକ ଭାବ, ଭକ୍ତି, ଅଧାରିତ ଗୋପଲୀଳା, ଯଶୋଦାଙ୍କ ବାତ୍ସଲ୍ୟ ମମତା ଓ ଅନ୍ୟାନ୍ୟ ପ୍ରସଙ୍ଗ ଏହି ଗୀତରେ କୁମାରୀମାନେ ଅତି ମର୍ମସ୍ପର୍ଶୀ ଶୈଳିରେ ଗାନ କରିଥାନ୍ତି। କୁଆଁର ପୁନେଇଁ ଗୀତରେ କୃଷ୍ଣ ଭାବନା ଓ ଚେତନା ସାଧାରଣ ଜନତା କମଳରେ ଭାବ ପ୍ରବଣତା ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ପ୍ରେମ ଭକ୍ତିର ଉନ୍ମାଦନା ଯାହା ଶ୍ରଦ୍ଧାଳୁ ଓ କୁମାରୀମାନଙ୍କ ହୃଦୟକୁ ସ୍ପର୍ଶ କରିଥାଏ। ଏହା ଥାଏ କୁଆଁର ପୁନେଇଁ ଗୀତରେ। ତେଣୁ କୁମାରୀମାନଙ୍କ କଣ୍ଠରୁ ଶୁଭୁଥାଏ-

ଯଶୋଦା ଧନ ଶଙ୍ଖାଳି ଗୋ ଫୁଲ ବଉଳବେଣୀ
କେତେ କଉତୁକ ଗୋପ କଟକରେ
କରୁଛନ୍ତି ବନମାଳୀ ଗୋ ଫୁଲ ବଉଳବେଣୀ

ପ୍ରେମ, ପ୍ରଣୟ, ସୁନ୍ଦରତା, ଆବେଗ, ଅନୁରାଗର କାଳଜୟୀ ବାର୍ତ୍ତା। କୁମାରୀମାନେ ମୁକ୍ତ କଣ୍ଠରେ ଶରଦର ଜ୍ୟୋସ୍ନାବିଧୌତ ରାତ୍ରରେ କୁମାର ପୁନେଇଁ ଗୀତରେ ଗାନ କରିଥାନ୍ତି। ଏଥିରେ ସମର୍ପଣ ଭାବ ଓ ନିସର୍ତ୍ତ ଭଲ ପାଇବାର ସନ୍ଦେଶ ଥାଏ ମାନବ ସମାଜକୁ। ଏହି ଗୀତରେ ତନୁ ମନ ପୁଲକିତ ହେବା ସହିତ ଏହାର କାଳଜୟୀ ସ୍ରଷ୍ଟାଙ୍କ ପ୍ରତି ସ୍ୱତଃ ପ୍ରବୃତ୍ତ ଭାବରେ ମଥାନତ ହୋଇଥାଏ, କୁମାରୀମାନେ ଗାଇଥାନ୍ତି-

ଦେଖତା ସୁନ୍ଦର ପଣକୁ ଫୁଲ ବଉଳବେଣୀ
କେତେ ଯେ ସୁନ୍ଦର ହୋଇନଥିବେଟି
କୋଟି ଜୁହାର ତା ଗୁଣକୁ ଫୁଲ ବଉଳବେଣୀ
କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ
କଇଁ ପରି ଆମ କୁଆଁରୀଙ୍କ ମନ
ନେଇଗଲା କଳାକୃଷ୍ଣ ଗୋ ଫୁଲ ବଉଳ ବେଣୀ

କୁଆଁର ପୁନେଇଁ ଗୀତରେ ଅଛି ଜୀବନ, ଜିଜ୍ଞାସା, ସମର୍ପଣ ଓ ଉଦାର ଭାବ, ସରଳ, ସୁନ୍ଦର ଓ ସାବଲୀଳ ଭାବ, ସମାଜ, ସଂସ୍କୃତି, ପ୍ରକୃତି ଓ ଧର୍ମ ବିଶ୍ୱାସ ସମସ୍ତଙ୍କୁ ସାଦରେ ଗ୍ରହଣ କରିଛି ଏହି ଲୋକପ୍ରିୟ ଗୀତ। କୁମାରୀମାନଙ୍କୁ ଭବିଷ୍ୟତ ଜୀବନ ଗଠନ ଓ ସୁନାଗରିକ ହେବାରେ ଯଥେଷ୍ଟ ପ୍ରେରଣା ଯୋଗାଇଥାଏ। ସଚେତନ, ସମ୍ବେଦନ, ଭକ୍ତି, ମାନବିକତା, ପ୍ରଭୃତି ଉଦାର ଗୁଣାବଳୀ ଶିଖାଇଥାଏ କୁଆଁର ପୁନେଇଁ ଗୀତ। ପ୍ରେମ, ଆନନ୍ଦ, ଲୋକଶିକ୍ଷା, ସାମାଜିକ ଚେତନା, ପ୍ରଭୃତିର ଏକ ମାଇଲଖୁଣ୍ଟ ଅଟେ କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ ଗୀତ।

# ଜାତିସଂଘ ଅଛି କାହିଁକି

ବିନୋଦ
ଭୁବନେଶ୍ୱର
ମୋ- ୯୪୩୭୧୬୪୭୬୪

ବିଶ୍ୱ ସଭ୍ୟତା ଲାଗି ଯୁଦ୍ଧ ଜରୁରୀ କି ? ବିନା ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ କି ? ଯୁଦ୍ଧ ଲାଗି କାହିଁକି ସଂକଟଗ୍ରସ୍ତ ବିଶ୍ୱରେ ଏକ ମାନସିକତା ପ୍ରକାଶ ପାଉଛି ? ଶକ୍ତିଶାଳୀ ରାଷ୍ଟ୍ର କବଳରେ ପୃଥିବୀ ନା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଲାଗି ରହିଥିବା ଅନ୍ତର୍ଜାତୀୟ ସଂସ୍ଥା ବିଫଳ ? ଇତିହାସ ଅନୁସାରେ ବିଶ୍ୱରେ ଖ୍ରୀଷ୍ଟପୂର୍ବ ୨୫୦୦ରୁ ବର୍ତ୍ତମାନ ସୁଦ୍ଧା ୧୦ ହଜାରରୁ ଅଧିକ ଯୁଦ୍ଧ ଘଟିଛି । ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ପ୍ରାୟ ୩୦୦ ପ୍ରମୁଖ ଯୁଦ୍ଧ ଘଟିଛି ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ । ବର୍ତ୍ତମାନ ସୁଦ୍ଧା ସମଗ୍ର ମାନବ ଇତିହାସରେ ଯୁଦ୍ଧ ଯୋଗୁ ପ୍ରାଣ ହରାଇଲେଣି ପ୍ରାୟ ୬୦ କୋଟି ଲୋକ । ଏଥିରେ ରହିଛି ୨ଟି ବିଶ୍ୱଯୁଦ୍ଧ । ଖ୍ରୀ ୧୭୦୦ରୁ ବର୍ତ୍ତମାନ ଯାଏ ଘଟିଥିବା ଯୁଦ୍ଧରେ ଗଲାଣି ପ୍ରାୟ ୪୦ କୋଟି ଜୀବନ । ତଥାପି ବିଶ୍ୱରେ ଏବେ ରୁଷ-ୟୁକ୍ରେନ, ପଶ୍ଚିମ ଏସିଆ ସଂକଟ ଜାରି ରହିଛି । ଆହୁରି କିଛି ଦେଶରେ ଗୃହଯୁଦ୍ଧ ଲାଗି ରହିଛି । ପ୍ରଶ୍ନ ଉଠୁଛି ଯେଉଁ ବିଶ୍ୱର ନେତୃତ୍ୱ ନେବା ଲାଗି ବା ଶାନ୍ତି ପ୍ରତିଷ୍ଠା ଲାଗି ଜାତିସଂଘ ଗଠିତ ହୋଇଥିଲା ସେହି ସଂଗଠନ କରୁଛି କ'ଣ? ପ୍ରାୟ ୨୦୦ ରାଷ୍ଟ୍ରର ନେତୃତ୍ୱ ନେବାକୁ ଜାତିସଂଘ କାହିଁକି ଅକ୍ଷମ ? ଏହାର ସାମଗ୍ରିକ ବିଫଳତା ମୂଳରେ ଦାୟୀ କିଏ? ଆନ୍ତର୍ଜାତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ରକ୍ଷା ଲାଗି ୨୬ ଜୁନ୍ ୧୯୪୫ରେ ଗଠିତ ହୋଇଥିଲା ମିଳିତ ଜାତିସଂଘ। ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଲା ବିଶ୍ୱର ସବୁଠାରୁ ଏକଛତ୍ରବାଦୀ, ପୁଞ୍ଜିବାଦୀ, ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ନ୍ୟୁୟର୍କରେ ରହିଛି ଏହାର ମୁଖ୍ୟାଳୟ। ଜାତିସଂଘ ଅଧୀନରେ ରହିଛି ୬ଟି ବିଭାଗ- ସାଧାରଣ ଆସେମ୍ବ୍ଲି, ନିରାପତ୍ତା ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ, ଅନ୍ତର୍ଜାତୀୟ ନ୍ୟାୟାଳୟ, ସେକ୍ରେଟାରିଏଟ ଓ ଟ୍ରଷ୍ଟିସିପ୍ କାଉନସିଲ। ସାଧାରଣ ଆସେମ୍ବ୍ଲି ଅଧୀନରେ ରହିଛି ୟୁନିସେଫ, ଜାତିସଂଘ ଜନସଂଖ୍ୟା ପାଣ୍ଠି ଇତ୍ୟାଦି । ବିଶ୍ୱରେ ଗତ ଚାରି ଦଶନ୍ଧି ଧରି ଦେଖାଯାଇଆସିଥିବା କୌଣସି ଗୋଟିଏ ଯୁଦ୍ଧର ଅନ୍ତ ଘଟାଇବାରେ ଜାତିସଂଘ ଭୂମିକା ନିର୍ବାହ କରିନାହିଁ। ବର୍ତ୍ତମାନ ଜାରି ରହିଥିବା ରୁଷ-ୟୁକ୍ରେନ ଯୁଦ୍ଧ, ଆମେରିକା-ଇରାନ ଯୁଦ୍ଧକୁ ଅଟକାଇବାରେ ଜାତିସଂଘ ସକ୍ଷମ ହୋଇପାରିନାହିଁ। କେବଳ ନାମକୁ ମାତ୍ର କିଛି ବିବୃତି ଦେଇ କିମ୍ବା ଏକ ପ୍ରସ୍ତାବ ଗୃହୀତ କରାଇଦେଇ ଜାତିସଂଘ ନିଜ ଭୂମିକା ଶେଷ କରୁଛି । ତଥାକଥିତ ଭିଟୋ କ୍ଷମତା ବି ଜାତିସଂଘକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରିବାରେ ସକ୍ଷମ ହୋଇଛି। ଯଦି ଯୁଦ୍ଧ ଆବଶ୍ୟକ ନାହିଁ ତେବେ କାହାରି ହାତରେ ଭିଟୋ କ୍ଷମତା ବି ଦରକାର ନାହିଁ। ସମ୍ପ୍ରତି ବିଶ୍ୱ ଏକରକମ ଦୁଇ ଭାଗରେ ବିଭକ୍ତ ହୋଇଛି । ଗୋଟିଏ ଗୋଷ୍ଠୀ ଆମେରିକା ନେତୃତ୍ୱ ଓ ଅନ୍ୟ ଏକ ଗୋଷ୍ଠୀ ଚୀନ ନେତୃତ୍ୱକୁ ଭରସା କରୁଛନ୍ତି। ତଥାପି ଆମେରିକା କୌଣସି ବଡ଼ ନିଷ୍ପତ୍ତି ବିରୋଧରେ ଚୀନ ସ୍ୱର ଉତ୍ତୋଳନ ନ କରିବା ଦୁର୍ଭାଗ୍ୟର ବିଷୟ। ଇରାନ ଉପରେ ଆମେରିକାର ହମଲା ଏବଂ ଚୀନର ନୀରବଦ୍ରଷ୍ଟା ଭୂମିକା ଏହାର ଜ୍ୱଳନ୍ତ ଉଦାହରଣ। ଭେନେଜୁଆଲା ପରି ଏକ ତୈଳ ସମୃଦ୍ଧ ତଥା ନିରୀହ ରାଷ୍ଟ୍ର ଉପରେ ଆମେରିକା ବର୍ବର ଆକ୍ରମଣ କରି ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଅପରାଧୀ ସଜାଇ ନିଜ ଦେଶକୁ ନେଇଗଲା। ଭେନେଜୁଆଲାର ତଥାକଥିତ କାମଚଲା ରାଷ୍ଟ୍ରପତି ବୋଲି ଟ୍ରମ୍ପ ଲଜ୍ଜିତ ବୟାନ ଦେଲେ। ବିଶ୍ୱର ପ୍ରାଣକେନ୍ଦ୍ର କୁହାଯାଉଥିବା ହର୍ମୁଜ ପ୍ରଣାଳୀ ଆମେରିକାର ବୋଲି ଟ୍ରମ୍ପ ଦାବି କଲେ। ତଥାପି ନୀରବ ଜାତିସଂଘ, ଚୀନ, ରୁଷ, ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ବ୍ରିଟେନ ଆଦି ଶକ୍ତିଶାଳୀ ରାଷ୍ଟ୍ର। ବିଶ୍ୱରେ ଆଣବିକ ଅସ୍ତ୍ର ପ୍ରତିଯୋଗିତା ଶୀର୍ଷରେ ପହଞ୍ଚିଛି। ରୁଷ ନିକଟରେ ୫,୪୦୦, ଆମେରିକା ନିକଟରେ ୫,୨୦୦, ଚୀନ ନିକଟରେ ୬୦୦, ଫ୍ରାନ୍ସ ନିକଟରେ ୨୯୦, ବ୍ରିଟେନ ନିକଟରେ ୨୨୫, ଭାରତ ନିକଟରେ ୧୯୦, ପାକିସ୍ତାନ ନିକଟରେ ୧୭୦, ଇସ୍ରାଏଲ ନିକଟରେ ୯୦ , ଉତ୍ତର କୋରିଆ ନିକଟରେ ୫୦ ଆଣବିକ ଯୁଦ୍ଧାସ୍ତ୍ର ରହିଛି। ହେଲେ ନା ଜାତିସଂଘ ଏହି ପ୍ରତିଯୋଗିତା ଅଟକାଇପାରୁଛି ନା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା ବା ଆଇଏଇଏ କିଛି କରିପାରୁଛି।

ଜାତିସଂଘ ଗଠନ ପରେ ପରେ ୧୯୪୭ରୁ ଆରମ୍ଭ ହୋଇଥିଲା ଆମେରିକା ଓ ସୋଭିଏତ ରୁଷିଆ ମଧ୍ୟରେ ଶୀତଳ ଯୁଦ୍ଧ ଯାହା ୧୯୯୧ ଯାଏ ଚାଲିଥିଲା। ସାରା ପୃଥିବୀରେ ଏହାର ପ୍ରଭାବ ପଡ଼ିବା ସହ ଗୋପନ ଆଣବିକ ପ୍ରତିଯୋଗିତା ଚାଲିଥିଲେ ବି ନା ଜାତିସଂଘ ନା ଆଇଏଇଏ କିଛି କରିପାରିଲେ। ୧୯୪୫ରୁ ଆଜିଯାଏ ବିଶ୍ୱର ୩୦ରୁ ଅଧିକ ରାଷ୍ଟ୍ର ଉପରେ ଆମେରିକା ଏକପାଖିଆ ଆକ୍ରମଣ କରିଛି। ଏସିଆ, ମଧ୍ୟପ୍ରାଚ୍ୟ, ଲାଟିନ ଆମେରିକା, ୟୁରୋପ, ଆଫ୍ରିକା ଆଦିରେ ନିଜର ସାମରିକ ଏକଛତ୍ରବାଦ ଚଳାଇଛି। ଉତ୍ତରକୋରିଆ, ଭିଏତନାମ, ଇରାକ, ଇରାନ, କୁଏତ, ଆଫଗାନିସ୍ତାନ, ସିରିଆ, ୟେମେନ, କାମ୍ବୋଡ଼ିଆ, ଲାଓସ, ପାକିସ୍ତାନ, ଲିବ୍ୟା, ଡୋମିନିକାନ, କ୍ୟୁବା, ଗୁଏଟମାଲା, କଙ୍ଗୋ, ସୁଡାନ, ବୋସନିଆ, ଏଲ ସାଲଭାଡର, ଭେନେଜୁଏଲା, ଗ୍ରେନେଡା, ନିକାରାଗୁଆ, ୟୁଗୋସ୍ଲୋଭିଆ, ସର୍ବିଆ, ପାନାମା ଆଦି ରାଷ୍ଟ୍ର ଉପରେ ଆମେରିକା ଆକ୍ରମଣ କରି ସେ ଦେଶର ଗଣତାନ୍ତ୍ରିକ ସରକାରଙ୍କୁ ଉତଖାତ କରି ନିଜର କଣ୍ଢେଇ ସରକାର ପ୍ରତିଷ୍ଠା କରିଛି। ଏହି ସବୁ ଦେଶଗୁଡ଼ିକର ପ୍ରାକୃତିକ ସମ୍ପଦ, ତୈଳ ଆଦି ନିଜ ସ୍ୱାର୍ଥରେ ବ୍ୟବହାର କରି ନିଜର ପୁଞ୍ଜି ବଜାରକୁ ଶକ୍ତିଶାଳୀ କରିଛି। ତଥାପି ଜାତିସଂଘ ନୀରବ। ଜାତିସଂଘ ଗଠନ ବେଳେ ଯେଉଁ ପ୍ରମୁଖ ଘୋଷଣାନାମା ରହିଥିଲା ସେଗୁଡ଼ିକ ହେଲା- ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା, ଯୁଦ୍ଧ ବନ୍ଦ କରିବା, ସବୁ ରାଷ୍ଟ୍ରଙ୍କୁ ସମାନ ଦୃଷ୍ଟିରେ ଦେଖିବା, କୌଣସି ରାଷ୍ଟ୍ରର ସ୍ୱାଧୀନତା ବା ଭୂଖଣ୍ଡ ଲାଗି ସାମରିକ ବଳ ପ୍ରୟୋଗ ନ କରିବା, ମାନବାଧିକାରର ସୁରକ୍ଷା, ବିଶ୍ୱଶାନ୍ତି ପ୍ରତି ବିପଦ ସୃଷ୍ଟି କରୁଥିବା ପଦକ୍ଷେପରେ ନିରାପତ୍ତା ପରିଷଦ ଅବିଳମ୍ବେ ହସ୍ତକ୍ଷେପ କରିବା, ବିଶ୍ୱ ମାନବ ସମାଜର ସ୍ୱାସ୍ଥ୍ୟ, ଶିକ୍ଷାର ମାନ ବୃଦ୍ଧି କରିବା, ଦେଶ-ଦେଶ ମଧ୍ୟରେ ସୃଷ୍ଟି ହେଉଥିବା ଆଇନଗତ ବିବାଦର ସମାଧାନ ଲାଗି ଅନ୍ତର୍ଜାତୀୟ ନ୍ୟାୟାଳୟ ପ୍ରମୁଖ ଭୂମିକା ନେବା ଇତ୍ୟାଦି। ମାତ୍ର ବାସ୍ତବ ସ୍ଥିତି ଅଲଗା। ବିଶ୍ୱରେ ଯାହା ଘଟିଚାଲିଛି ତାହାର ବର୍ଣ୍ଣନା ଅନାବଶ୍ୟକ। ଜାତିସଂଘର ବିଭିନ୍ନ ବୈଠକରେ ଭାରତ ପରି ରାଷ୍ଟ୍ରମାନେ କେବଳ ତଥାକଥିତ ନିରପେକ୍ଷ ଭୂମିକା ନିର୍ବାହ କରନ୍ତି, ମାପିଚୁପି ବୟାନ ଦେଇଥାନ୍ତି। ଏପରିକି ଯୁଦ୍ଧ ବନ୍ଦ ଲାଗି କୌଣସି ସ୍ପଷ୍ଟ ମତ ବି ଦେଇ ଥାନ୍ତି।

କେବଳ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ଚାହୁଁ ବୋଲି ଗୋଟିଏ ଧାଡ଼ି କହିଦେଇ ଦାୟିତ୍ୱ ସାରି ଦିଅନ୍ତି। ଆଶ୍ଚର୍ଯ୍ୟର କଥା କୌଣସି ରାଷ୍ଟ୍ର ଆମେରିକା ବିରୋଧରେ ଜାତିସଂଘରେ ପାଟି ଖୋଲିବା ଦେଖାଯାଏ ନାହିଁ। ଯାହା ବି ସ୍ୱର ଉଠେ ତାହା ମୂଲ୍ୟହୀନ। କେବଳ ଏତିକି ନୁହେଁ, ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ). ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ(ଆଇସିଏଓ), ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ(ୟୁଏନଡିପି), ଅନ୍ତର୍ଜାତୀୟ କୃଷି ବିକାଶ ପାଣ୍ଠି (ଆଇଏଫଏଡି), ମିଳିତ ଜାତିସଂଘ ଶିଶୁ ପାଣ୍ଠି(ୟୁନିସେଫ), ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲଓ), ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମଏଫ), ଜାତିସଂଘ ଶାନ୍ତିରକ୍ଷକ(ୟୁଏନପିକେ), ବିଶ୍ୱବ୍ୟାଙ୍କ, ମିଳିତ ଜାତିସଂଘ ମହିଳାଙ୍କ ମର୍ଯ୍ୟାଦା ସଂକ୍ରାନ୍ତ କମିଶନ(ୟୁଏନସିଏସଡବ୍ଲୁ) ଆଦି ସଂଗଠନ ସର୍ବଦା ଆମେରିକା ସପକ୍ଷରେ ହିଁ କାମ କରିବା ଦେଖାଯାଉଛି। ଆମେରିକାର ବିନା ସମ୍ମତିରେ ଆଇଏମଏଫ ଟଙ୍କାଟିଏ ଖର୍ଚ୍ଚ କରିପାରି ନଥାଏ। ବଡ଼ କଥା ହେଉଛି ଜାତିସଂଘ, ବିଶ୍ୱବ୍ୟାଙ୍କ, ୟୁଏନଡିପି, ଆଇଏମଏଫ, ୟୁନିସେଫ, ୟୁଏନପିଏ ୟୁଏନପିକେ, ୟୁଏନସିଏସଡବ୍ଲୁ ପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ କେବଳ ଆମେରିକାରେ ହିଁ ରହିଛି।

ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଉପରେ ବସ୍ତୁତଃ କାହାର ନିୟନ୍ତ୍ରଣ ନାହିଁ। ସେମାନେ ବାରମ୍ବାର ଏନପିଟି, ସିଟିବିଟି ଆଦି ଚୁକ୍ତିକୁ ଅବମାନନା କରିଆସିଛନ୍ତି। ଏକ୍ଷେତ୍ରରେ ଜାତିସଂଘ ଆଉ ନୀରବଦ୍ରଷ୍ଟା ନରହି ନିଜକୁ ଶକ୍ତିଶାଳୀ କରୁ, ଭିଟୋ କ୍ଷମତାକୁ ଅନ୍ୟାନ୍ୟ ରାଷ୍ଟ୍ରକୁ ଦେବା ଦିଗରେ ପଦକ୍ଷେପ ନେଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## ଯୁବକଙ୍କୁ ନିର୍ମମ ହତ୍ୟା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

କବିସୂର୍ଯ୍ୟ ନଗର ଥାନା ମାଲ ଗୁଡ଼ିଆ ଛକରେ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ପ୍ରାୟ ତିନି ଜଣ ଯୁବକ ମୃତ ନାରାୟଣ ପ୍ରଧାନଙ୍କୁ ଡାକିନେଇ ହତ୍ୟା କରିଥିବା ଅଭିଯୋଗ ହୋଇଛି । ନାରାୟଣର ଘର ପୋଲସରା ଥାନା ଡୁବୁରୀ ଗାଁରେ । ଖବର ପାଇ କବିସୂର୍ଯ୍ୟ ନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଘଟଣାର ତଦନ୍ତ କରୁଛି । ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମେୟ କରୁଛି ।

## ସୋସିଆଲ୍ ମିଡ଼ିଆରେ ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ୍ କରି ଯୁବକ ଗିରଫ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଜଣେ ନାବାଳିକାର ଅଶ୍ଳୀଳ ଫଟୋ ସୋସିଆଲ୍ ମେଡ଼ିଆ ଆକାଉଣ୍ଟରେ ଭାଇରାଲ୍ କରିବା ସହ ନାବାଳିକାକୁ ନାନା ଧମକ ଚମକ ଦେବା ଓ ହଇରାଣ କରିବା ଅଭିଯୋଗରେ ଜଣେ ଯୁବକକୁ ଚୌଦ୍ୱାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧିନ ବାଣୀପଦା ଦୂର୍ଗା ସାହି ଗ୍ରାମର ନିରଞ୍ଜନ ସାମଲ । ପୋଲିସ ସୂଚନା ଅନୁଯାୟୀ ଉକ୍ତ ଅଭିଯୁକ୍ତ ଜଣକ ନାବାଳିକାର ଅଶ୍ଳୀଳ ଫଟୋକୁ ସୋସିଆଲ୍ ମେଡ଼ିଆରେ ଭାଇରାଲ୍ କରିବା ସହିତ ତାକୁ ନାନା ରକମର ହଇରାଣ କରୁଥିବା ନେଇ ନାବାଳିକାର ମା' ଗୁରୁବାର ଦିନ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ୬୯୫/୨୬ରେ ମାମଲା ରୁଜୁ କରି ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ ତା ଘରୁ ଗିରଫ କରିଥିଲା । ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରୀ ରହିଛି ।

## ୧୭୦ ବର୍ଷ ଧରି ପୂଜା ପାଇ ଆସୁଛନ୍ତି ତାଳଶ୍ରୀଗିଡ଼ା ଗାଁର ମାଁ ଦୁର୍ଗା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଉପକଣ୍ଠ ତାଳଶ୍ରୀଗିଡା ଗ୍ରାମରେ ପୂଜା ପାଉଥିବା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ଦୁର୍ଗା ବିଗତ ୧୭୦ ବର୍ଷ ଧରି ପୂଜା ପାଇ ଆସୁଛନ୍ତି । ପୂର୍ବରୁ ନିଜ ପିତୃପୁରୁଷ ସ୍ଥାପନ କରି ଦେବୀଙ୍କ ପୂଜା ଆରାଧନା କରିଆସୁଥିବା ପରମ୍ପରାକୁ ବର୍ତ୍ତମାନ ତାଙ୍କର ଦାୟାଦ ଗୁରୁ ଚରଣ ଦାଶ, ଭାଇ ଇଂ. ସତ୍ୟଜିତ ଦାଶ ଓ ତାଙ୍କ ଭାତୃଷ୍ପୁତ୍ର କୁନାଳ ଦାଶ ପ୍ରତି ବର୍ଷ ଦଶହରା ସମୟରେ ମାଁଙ୍କ ପୂଜା ସମ୍ପୂର୍ଣ୍ଣ ନିତି ନିୟମରେ ପାଳନ କରିଥାନ୍ତି । ୧୮୫୭ ମସିହା ଇଂରେଜ ଶାସନ ତଥା ରାଜା ରାଜୁଡ଼ା ଶାସନ ଓ ବହୁ ଆବହମାନ କାଳରୁ ମାଁଙ୍କ ସ୍ଥାପନ ଓ ପୂଜା ପ୍ରଥମେ ଗାଆଁର ଗୌନ୍ତିଆ ବାଳକୀ ଦାଶ, ଆରମ୍ଭ କରିଥିଲେ । ଗାଁର ଠାକୁରାଣୀଙ୍କୁ ଡାକିଲେ ଶୁଣୁଥିବା ଓ ଦୁଃଖ ଦୂର କରୁଥିବାର ବିଶ୍ୱାସ ରହିଛି । ଏଠାରେ ବହୁ ପୁରାତନ ଅସ୍ତ୍ର ଶସ୍ତ୍ର ମଧ ପୂଜା ପାଇ ଆସୁଛନ୍ତି । ଏହି ଧାରାକୁ ଆଗେଇ ନେଇଥିଲେ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଦାଶ, ପରେ ତାଙ୍କ ପୁତ୍ର ବୃନ୍ଦାବନ ଦାଶ, ପରେ ତାଙ୍କ ପୁତ୍ର ଗଜରାଜ ଦାଶ, ପରେ ତାଙ୍କ ପୁତ୍ର ଭାନୁ ପ୍ରତାପ ଦାଶ, ପରେ



ଗାଆଁର ଗୌନ୍ତିଆ ଋଷଭ କର ଓ ତାଙ୍କ ଧର୍ମପତ୍ନୀ ଜଞ୍ଜବତୀ କର ବିଧି ପାଳନ ପୂର୍ବକ ପୂଜା କାର୍ଯ୍ୟ କରିଆସୁଥିଲେ । ପରେ ତାଙ୍କ ଅନ୍ତେ ପୁତ୍ର ତଥା ତତ୍କାଳୀନ ବିଧାୟକ ଚିତ୍ତ ରଞ୍ଜନ କର, (ଦାଶ) ଓ ଶୈବଳିନୀ କର, ତାଙ୍କ ସ୍ୱର୍ଗବାସ ପରେ ଦୀର୍ଘ ତିରିଶ ବର୍ଷ ହେବ ତାଙ୍କ ସୁଯୋଗ୍ୟ ସନ୍ତାନ ଇଂ. ଗୁରୁ ଚରଣ ଦାଶ ଏବଂ ତାଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ଦାଶ ମାଁଙ୍କ ପୂଜା ଆରାଧନା କରିଆସୁଛନ୍ତି । ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ପ୍ରତିବର୍ଷ ଧୂମ୍‌ଧାମ୍‌ରେ ପୂଜା କାର୍ଯ୍ୟ ସମାହିତ ହୋଇଥାଏ । ଏହା ସହିତ ପ୍ରତିବର୍ଷ ତାଳଶ୍ରୀଗିଡା ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ମେଟ୍ରିକ୍ ଟପ୍ପର ଦୁଇ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଚିତ୍ତରଞ୍ଜନ କର ମେମୋରିଆଲ୍ ସାର୍ଟିଫିକେଟ୍ ଓ ନଗଦ ରାଶି ପୁରସ୍କାର ପ୍ରଦାନ କରାଯାଇଥାଏ । ବର୍ତ୍ତମାନ ମୁଖ୍ୟ ପୂଜକ ଭାବରେ ପଣ୍ଡିତ ଦଧିବାବନ ମିଶ୍ର ଓ ସୁଦାମ ମିଶ୍ର ବିଧିବିଧାନ ଓ ସମ୍ପୂର୍ଣ୍ଣ ନିତି ନିୟମ ପାଳନ ପୂର୍ବକ ପ୍ରତିବର୍ଷ ଶରତକାଳୀନ ତିନି ରାତ୍ର ବିହିତ ଆଶ୍ୱିନ ଶୁକ୍ଳ ପକ୍ଷ ସପ୍ତମୀ ଦିନ କଳସ ଆବାହନ, ଅଷ୍ଟମୀରେ ଅଷ୍ଟମୀ ପୂଜା ଓ ଭାଇ ଜିଉନ୍ତିଆ, ନବମୀରେ ସନ୍ଧି ପୂଜା ଓ ନବ କୁମାରୀ ପୂଜା ଏବଂ ଦଶମୀଦିନ ଚଣ୍ଡୀ ହୋମ, ବିସର୍ଜନ ଓ ଅପରାଜିତା ପୂଜା ଆଦି କାର୍ଯ୍ୟ କରିଆସୁଛନ୍ତି ।

## ଫୁଟପାଥ୍ ଅଭାବରୁ ଦୁର୍ଦ୍ଦଶା, ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ଲୋକେ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ମଧୁସୂଦନ ଛକରୁ ମା' ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଫୁଟ୍‌ପାଥ୍ ନିର୍ମାଣ ସହ ପେଭର୍ ବ୍ଲକ ବିଛାଇବା ଏବଂ ନିର୍ଦ୍ଦିଷ୍ଟ ଦୂରତାରେ ସିମେଣ୍ଟ ବେଞ୍ଚ ସ୍ଥାପନ କରିବାକୁ ଦାବି ହୋଇଛି । ଏହି ରାସ୍ତାରେ ପ୍ରତିଦିନ ପ୍ରାତଃଭ୍ରମଣ କରୁଥିବା ସହରବାସୀଙ୍କ ସମେତ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସହରର ଅନେକ ଲୋକ ସକାଳେ ପ୍ରାତଃ ଭ୍ରମଣ ପାଇଁ ଏହି ରାସ୍ତାକୁ ସୁବିଧାଜନକ ମନେ କରୁଛନ୍ତି । ମାତ୍ର ସକାଳୁ ଏହି ରାସ୍ତାରେ ବିଭିନ୍ନ ବିଦ୍ୟାଳୟର ବସ୍, ଶ୍ରମିକଙ୍କୁ କର୍ମକ୍ଷେତ୍ରକୁ ନେଉଥିବା ଯାନବାହନ, ବାଇକ୍, କାର୍ ଓ ଅଟୋ ଚଳାଚଳ କରୁଥିବାରୁ ପାଦଚାରୀଙ୍କ ପାଇଁ ରାସ୍ତା ଉପରେ ଚାଲିବା ବିପଦପୂର୍ଣ୍ଣ ହୋଇପଡୁଛି । ଅନ୍ୟପକ୍ଷରେ, ରାସ୍ତା ପାର୍ଶ୍ୱରେ ଉପଯୁକ୍ତ ଫୁଟ୍‌ପାଥ୍ ନଥିବାରୁ ପ୍ରାତଃ ଭ୍ରମଣକାରୀଙ୍କୁ ଅସୁବିଧା ଭୋଗିବାକୁ ପଡୁଛି । ଯେଉଁଠି ପାଦଚଲା ରାସ୍ତା ରହିଛି, ସେଠାରେ ମଧ ଖାଲଖମା ଓ ପଥର ପଡ଼ିଥିବାରୁ ଚାଲିବା କଷ୍ଟକର ହେଉଛି । ବିଶେଷକରି ବରିଷ୍ଠ ନାଗରିକମାନେ ପ୍ରାତଃ ଭ୍ରମଣ ସମୟରେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ସମୟ ଚାଲିବା ପରେ ଥକ୍କା ଅନୁଭବ କଲେ ବିଶ୍ରାମ ନେବା ପାଇଁ ରାସ୍ତା ପାର୍ଶ୍ୱରେ କୌଣସି ବ୍ୟବସ୍ଥା ନାହିଁ । ଫଳରେ କେତେକଙ୍କୁ ବାଧ ହୋଇ ରାସ୍ତା ଉପରେ ବସିବାକୁ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଉପଯୁକ୍ତ ଫୁଟ୍‌ପାଥ୍ ନିର୍ମାଣ କରି ପେଭର ବ୍ଲକ୍ ବିଛାଇବା ସହ ନିର୍ଦ୍ଦିଷ୍ଟ ଦୂରତାରେ ସିମେଣ୍ଟ ବେଞ୍ଚ ସ୍ଥାପନ କରିବାକୁ ସହରବାସୀ ଦାବି କରିଛନ୍ତି । ଏଥିସହ ବେଞ୍ଚ ଉପରେ ଛାତ କିମ୍ବା ସେଡ୍‌ର ବ୍ୟବସ୍ଥା କରାଗଲେ ପ୍ରାତଃ ଭ୍ରମଣକାରୀଙ୍କ ସମେତ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ମଧ ଉପକୃତ ହୋଇପାରିବେ । ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ରାସ୍ତାରେ ଫୁଟ୍‌ପାଥ୍ ନିର୍ମାଣ ସହ ବିଶ୍ରାମ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ଦିଗରେ ବ୍ରଜରାଜନଗର ପୌର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ପୂର୍ବତଟ ରେଳବାଇ ପକ୍ଷରୁ ଜନସମ୍ବାଦ କାର୍ଯ୍ୟକ୍ରମ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**




ଯାଜପୁର ଜିଲ୍ଲାର ଯାଜପୁର କେନ୍ଦୁଝର ରୋଡ ରେଳ ଷ୍ଟେସନ୍ ପରିସରରେ ଗୁରୁବାର 'ରେଳ ଜନସମ୍ବାଦ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ରେଳ ବିଭାଗର ନିର୍ଦ୍ଦେଶାନୁକ୍ରମେ ଷ୍ଟେସନ୍‌ରେ ଥିବା ବିଭିନ୍ନ ଅଭାବ ଓ ସମସ୍ୟା କଣ ରହିଛି ଏବଂ ଏହାର ସମାଧାନ ପାଇଁ କଣ କରାଯାଇପାରିବ ଏନେଇ ରେଳଯାତ୍ରୀ ଓ ଜନସାଧାରଣଙ୍କ ଲିଖିତ ମତାମତ ନିଆଯାଇଥିଲା । ରେଳଯାତ୍ରୀ ମାନେ ବିଭିନ୍ନ ସ୍ଥାନକୁ ଯାତାୟାତ ସମୟରେ ଷ୍ଟେସନ୍ ପରିସରରେ ବହୁ ଅସୁବିଧା ଯେପରି ପିଇବା ପାଣି, ଶୌଚାଳୟ, ଯାତ୍ରୀ ବିଶ୍ରାମଗାର, ଷ୍ଟେସନ୍‌ର ଆଧୁନିକରଣ ସହ ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ପ୍ଲାଟ୍‌ଫର୍ମକୁ ଯିବାପାଇଁ ଲିଫ୍ଟ ଓ ସ୍ୱୟଂ ଚାଳିତ ସିଡ଼ିର ବ୍ୟବସ୍ଥା ଏବଂ ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ହୁଇଲ୍ ଚେୟାର ବ୍ୟବସ୍ଥା, ଷ୍ଟେସନ୍ ସମ୍ମୁଖରେ ପର୍ଯ୍ୟାପ୍ତ ପାର୍କିଂ ଏବଂ ୫ନଂ ପ୍ଲାଟ୍‌ଫର୍ମ ପରିସରରେ ଆଉ ଏକ ଟିକେଟ୍ କାଉଣ୍ଟର୍ ଷ୍ଟେସନ୍‌ରେ ଆବଶ୍ୟକ ଜରୁରୀ ଥିବା ଭଳି ଅନେକ ଯାତ୍ରୀମାନେ ନିଜର ମତାମତ ପ୍ରଦାନ କରିଥିଲେ । ପ୍ରାୟ ୨୩ରୁ ଉର୍ଦ୍ଧ୍ୱ ମତାମତ ବିଭାଗୀୟ ଅଧିକାରୀମାନଙ୍କ ହସ୍ତଗତ ହୋଇଥିଲା । ତେବେ ଏହି ମତାମତକୁ କେନ୍ଦ୍ର ରେଳ ବିଭାଗକୁ ଅବଗତ କରାଯିବ ଏବଂ ଯଥାଶୀଘ୍ର ଏହାର ତର୍ଜମା କରି ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ତେବେ ଷ୍ଟେସନ୍ ପରିଚାଳକ ଏସ୍.ଏସ୍ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳବାଇ ଏ.ଡି.ଇ.ଏନ୍ ରାକେଶ କୁମାର, ସି.ଏଚ୍.ଆଇ ରଞ୍ଜନ କୁମାର, ସି.ଟି.ଆଇ ଅକ୍ଷୟ କୁମାର ବେହେରା, ଏସ୍.ଏସ୍.ଇ.ଟି ବିରଞ୍ଚିନାରାୟଣ ପଣ୍ଡା, ଜେ.ଇ ଓ୍ୱର୍କ ଆଦିତ୍ୟ ସ୍ୱାଇଁ ଏବଂ ଷ୍ଟେସନ୍ ପରାମର୍ଶଦାତା କମିଟି ସଭ୍ୟ ସଦାଶିବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ପରାମର୍ଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାର ଗଣପର୍ବ ଓଡ଼ିଶା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେଉଛି । ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ଶତବାର୍ଷିକ ପାଳନ ଅବସରରେ କେନ୍ଦ୍ରାପଡା ସହର ଏବଂ ଆଖପାଖ ଅଞ୍ଚଳରେ ହେଉଥିବା ଗଜଲକ୍ଷ୍ମୀ ପୂଜା ପାଇଁ ପୂଜା କମିଟି ପକ୍ଷରୁ ବଡ ବଡ ତୋରଣମାନ ନିର୍ମାଣ ଦ୍ରୁତ ଗତିରେ ଚାଲିଥିବା ବେଳେ ଏହି ଗଣପର୍ବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପୂଜାକମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ସ୍ଥାନରେ ମେଲୋଡି, ଡ୍ରାମା ଓ ଡ୍ୟାନ୍ସ ଇତ୍ୟାଦି କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତୁତି କରାଯାଉଛି । ପୂଜା କମିଟି ପକ୍ଷରୁ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ଭୋଗ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏଥିସହିତ ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ ପୌର ପ୍ରଶାସନ ପକ୍ଷରୁ ରାସ୍ତାଘାଟ ଆଲୋକୀକରଣ, ପାନୀୟ ଜଳ ପାଇଁ ବ୍ୟବସ୍ଥା କରାଯାଇଛି । ପୂଜା କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଏହି ପୂଜାକୁ ଉପଭୋଗ କରିବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କାମନା କରାଯାଇଛି ।

## ଲୁଟ୍ ମାମଲାରେ ଜଣେ ଗିରଫ:ବାଇକ୍ ଓ ମୋବାଇଲ୍ ଜବତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଲୁଟ୍ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ୍ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବାପୁଜି ନଗର ରାଜ ରାଜପୁତ (୨୨) । ସୂଚନା ଅନୁଯାଇ ମାଲକନଗିରି ଜିଲ୍ଲାର ବଳଭଦ୍ର ଖରା ଜୟପୁରରେ ବସ୍‌କୁ ଅପେକ୍ଷା କରିଥିବା ସମୟରେ ଜଣେ ଯୁବକ ଆସି ଛାଡି ଦେବି କହି ବାଇକ୍‌ରେ ବସାଇ ଏକ ନିଛାଟିଆ ସ୍ଥାନକୁ ନେଇଥିଲେ । ସେଠାରେ ଧମକ ଦେଇ ମୋବାଇଲ ଓ ୫ ଶହ ଟଙ୍କା ଲୁଟ୍ କରିଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୩୬୭/୨୬ ମାମଲା ରୁଜୁ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି ଅଭିଯୁକ୍ତ ଠାରୁ ବାଇକ ଓ ମୋବାଇଲ ଜବତ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି ।

## ପାତାଳୀ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ପାତାଳୀ ଶ୍ରୀକ୍ଷେତ୍ର ନାଏକପଡ଼ା ପରିସରରେ ବୁଧବାର ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଓ ଦିବ୍ୟ ଭଜନ ସମାରୋହ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଭକ୍ତିମୟ ପରିବେଶ ମଧ୍ୟରେ ଭଜନ ସମାରୋହ ଅନୁଷ୍ଠିତ ହେବାସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଜୟ ଜଗନ୍ନାଥ ଧ୍ୱନିରେ ପୀଠ ପରିସର ଆଧ୍ୟାତ୍ମିକ ଭାବଧାରାରେ ମୁଖରିତ ହୋଇଉଠିଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜଗନ୍ନାଥ ସଂସ୍କୃତି ଗବେଷକ ବିଶ୍ୱେଶ୍ୱର ପୃଷ୍ଟି, ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ପାତାଳୀ ଶ୍ରୀକ୍ଷେତ୍ର ନାୟକପଡା କମିଟିର ସଭାପତି ଶରତ କୁମାର ପ୍ରଧାନ, ପୁରୀ ସ୍ଥିତ ଓଡ଼ିଶା ସର୍ଭିସ ସେଣ୍ଟର୍ ଫର୍ ଦିବ୍ୟାଙ୍ଗ ପିପୁଲର ସଭାପତି ବିଭୁତି ଭୂଷଣ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ, ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ଓ ଅତିଥିମାନଙ୍କ ସଂକ୍ଷିପ୍ତ ଅଭିଭାଷଣ ପରେ ଦୃଷ୍ଟିବାଧିତ କଳାକାରମାନଙ୍କ ଦ୍ୱାରା ଜଗନ୍ନାଥ ଭଜନ ପରିବେଷଣ କରାଯାଇଥିଲା । ମହାପ୍ରଭୁଙ୍କ ଏହି ବେଶ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ଦୃଷ୍ଟିବାଧିତ କଳାକାରଙ୍କ ଭଜନ ପରିବେଷଣ ଏହି ମହୋତ୍ସବର ଏକ ପ୍ରମୁଖ ଆକର୍ଷଣ ପାଲଟିଛି । ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା, ମହାନ ସଂସ୍କୃତି ଓ ପରମ୍ପରାର ପ୍ରଚାରପ୍ରସାର ସହ ସମାଜରେ ଭାଇଚାରା, ସଦ୍‌ଭାବନା ଓ ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ପ୍ରସାର କରିବା । ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ ମାଧ୍ୟମରେ ଭକ୍ତମାନେ ଜଗନ୍ନାଥ ସଂସ୍କୃତିର ବିବିଧତା ଓ ମହାତ୍ମ୍ୟକୁ ଅନୁଭବ କରିବାର ସୁଯୋଗ ପାଉଛନ୍ତି । ଭଜନ ଓ କୀର୍ତ୍ତନର ସୁମଧୁର ସ୍ୱର ଭକ୍ତଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିବା ସହ ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଏହି ସପ୍ତାହବ୍ୟାପୀ ମହୋତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଓ ଦେବୀ ମା' ସୁଭଦ୍ରାଙ୍କ ବିଭିନ୍ନ ମନୋରମ ବେଶ ଦର୍ଶନ ସହ ଭକ୍ତିରସାତ୍ମକ ଭଜନ ସମାରୋହ ଆୟୋଜନ କରାଯାଉଛି । ଏହାକୁ ନେଇ ବୌଦ୍ଧ ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି ।

## ସିଇସିଙ୍କ ଇସ୍ତଫା ଦାବିରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଇସ୍ତଫା, ଅବୈଧ ଏସ୍‌ଆଇଆର୍ (SIR) ବାତିଲ୍ କର, କଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକା ସଂଶୋଧନ କର, ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ୍ ବାତିଲ କର, ନିର୍ବାଚନ ଆୟୋଗର ସ୍ୱାଧୀନତା ଓ ସ୍ୱାୟତ୍ତତା ସୁନିଶ୍ଚିତ କର, ବ୍ୟାପକ ନିର୍ବାଚନ ସଂସ୍କାର ଆଣ, ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ କର, ନିର୍ବାଚନରେ ଅର୍ଥବଳ ଓ ବାହୁବଳର ପ୍ରଭାବ ବନ୍ଦ କର, ନିର୍ବାଚନ ପାଇଁ ସରକାରୀ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥାକୁ ପ୍ରାଥମିକତା ଦିଅ, ଗଣତନ୍ତ୍ର ବଞ୍ଚାଅ-ଭୋଟ୍ ଅଧିକାର ବଞ୍ଚାଅ, ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା କର ପ୍ରଭୃତି ଦାବିରେ ଦେଶବ୍ୟାପୀ ଆହୁତ ପ୍ରତିବାଦ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ପିପୁଲ୍ ଏଗେନଷ୍ଟ ଏସ୍‌ଆଇଆର୍ (ଏସ୍‌ଆଇଆର୍ ବିରୁଦ୍ଧରେ ଜନଗଣ), କେନ୍ଦ୍ରାପଡା ଜିଲ୍ଲା



ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହେଇଯାଇଛି । ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ଏକ ବିରାଟ ପଟୁଆର ତ୍ରିରଙ୍ଗା ଧରି ସଭା ସ୍ଥଳରେ ପହଞ୍ଚିଲା ପରେ ବୁଦ୍ଧିଜୀବୀ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ । ଏହି ସଭାରେ ସମନ୍ୱୟ (ପ୍ଲାଟ୍‌ଫର୍ମ) ସମିତିର ଆବାହକ ସାମାଜିକ କର୍ମୀ ଆଦିକନ୍ଦ ରାଉଳ ସମ୍ୟକ୍ ସୂଚନା ଦେଲାପରେ ବକ୍ତବ୍ୟ ରଖିଥିଲେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ଶ୍ରମିକ ନେତା ଜଗତ ଜୀବନ ଦାସ, ଫକୀର ଖଟୁଆ, ସିପିଆଇ ନେତା ବାବାଜୀ ଧଳ, ସିପିଆଇ(ଏମ୍‌ଏଲ୍) ନେତା ପ୍ରକାଶ ଚନ୍ଦ୍ର ମଲିକ, ନବନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲା ସଂଯୋଜକ ଦାସରଥୀ ସାହୁ, ସାମାଜିକ କର୍ମୀ ରଣାଧୀର ଜେନା, ପ୍ରଦୀପ୍ତ ମହାନ୍ତି, କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ବୈଷ୍ଣବ ସ୍ୱାଇଁ, ଗାନ୍ଧିବାଦୀ ଅଭିମନ୍ୟୁ ରାଉତ, ନାରିନେତ୍ରୀ ସୁହାନା ବେଗମ୍, ଛାତ୍ରନେତା ଆହ୍ୱାନ ରାଉତରାୟ, ତନ୍ମୟ ରାଉତ, ରଜ୍ଞ୍ଜୟ ମଲ୍ଲିକ, ସୋମନାଥ ବିଶ୍ୱାଳ, ମାନଭଞ୍ଜନ ପଣ୍ଡା, ଅଶୋକ ନାଥ, ଅଶୋକ ଦାସ, ବସନ୍ତ ମଲ୍ଲିକ, ଅମୀୟ ନାୟକ, କଂଗ୍ରେସ ଜିଲ୍ଲା ସମ୍ପାଦକ ସନ୍ତୋଷ ବେହେରା, ଭାଗିରଥି ଜେନା, ସତ୍ୟପ୍ରିୟ ସାମଲ, ଅଶ୍ୱିନୀ ପାତ୍ର, ହରିଶ ପଟ୍ଟନାୟକ ପ୍ରମୁଖ । କୃଷକ ନେତା ହୃଷିକେଶ ନାୟକ ଧନ୍ୟବାଦ ଦେଇଥିଲେ ।

## ୪୨ ଜୁଆ ଆଡ୍ଡା ଉପରେ ଚଢ଼ଉ:୨୫୦ ଜଣ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଥିବା ୪୨ଟି ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ଉ କରିଛି । ୨୫୦ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ପ୍ରାୟ ସାତ ଲକ୍ଷ ଟଙ୍କା ପୋଲିସ ଜବତ କରିଛି ।

## ବାରିପଦାରେ ଧୁମ୍‌ଧାମ୍‌ରେ ପାଳିତ ହେଲା ରାବଣପୋଡ଼ି ମହୋତ୍ସବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ପବିତ୍ର ବିଜୟା ଦଶମୀ ଅବସରରେ ବାରିପଦା ସହରର ମଧୁବନ ମିନି ଷ୍ଟାଡିୟମ୍ ପଡ଼ିଆରେ ରାବଣପୋଡ଼ି ମହୋତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଏହି ଅବସରରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଅତିଥି ଭବରେ ଯୋଗଦେଇ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ । ବାରିପଦା ସହରରେ ରାବଣପୋଡ଼ି ଆୟୋଜନର ଏକମାତ୍ର ମଧୁବନ ଠାରେ ଅନୁଷ୍ଠିତ ହୋଇଥିବାରୁ ଏହି ମହୋତ୍ସବକୁ ଦେଖିବା ପାଇଁ ସନ୍ଧ୍ୟାରୁ ମଧୁବନ ପଡ଼ିଆରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ରାତି ପ୍ରାୟ ସାଢ଼େ ୮ଟାରେ ଅତିଥିମାନେ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିବା ପରେ ବିଶାଳକାୟ ରାବଣ ପ୍ରତିମୂର୍ତ୍ତି ଜଳିଉଠିବା ସହିତ ବାଣ ରୋଶଣି ଆଲୋକ ମାଳା ଏବଂ ଶବ୍ଦରେ ସମଗ୍ର ଅଞ୍ଚଳ ଉଦ୍ଭାସିତ ହୋଇଉଠିଥିଲା । ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ଆୟୋଜକ କମିଟି, ବାରିପଦା ପୌରପରିଷଦ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କମିଟିର ଉପଦେଷ୍ଟା କଳିଙ୍ଗ କେଶରୀ ଜେନା, ସଭାପତି ରବିନ୍ଦ୍ର ଜେନା, ସାଧାରଣ ସମ୍ପାଦକ ପିଣ୍ଟୁ ମାଇତି, ଉପସଭାପତି ପ୍ରଶାନ୍ତ ବେହେରା, କୋଷାଧ୍ୟକ୍ଷ ମନୋଜ ସାମଲ, ସମ୍ପାଦକ ଜଗତଜୀବନ ରାମ, ଚିନ୍ମୟ ସିନ୍‌ହା, ଦେବେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ କମଳ ତୋସ୍ନିୱାଲ, ପରିଚାଳନା କମିଟି ସଦସ୍ୟ ସଞ୍ଜୟ ମାହାର୍ଣ୍ଣା, ସୋନୁ ରାମ, ଜନ୍ମେଜୟ ବେହେରା, ଶରତ ସ୍ୱାଇଁ, ପ୍ରିୟବ୍ରତ ଦଳେଇ, କାନ୍‌ହା ଦାସ, ସଞ୍ଜୟ ମହାନ୍ତ, ଅମିତ କୁମାର, ଅମିତ ରାମ, ସନ୍ତୋଷ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ଯାଜପୁରର ନୂତନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଅଭିନାଶ ସାଗର ଯାଜପୁର ଜିଲ୍ଲାର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ (SDIPRO) ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଯାଜପୁର ଠାରେ ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ସେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶାଳୟରେ ସୂଚନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଯାଜପୁର ଜିଲ୍ଲାରେ ପୂର୍ବରୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ସତ୍ୟବ୍ରତ ପାଣିଗ୍ରାହୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ସୂଚନା ଅଧିକାରୀ ଭାବେ ବଦଳି ହୋଇଥିଲେ । ଶ୍ରୀ ସାଗର ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ସାକ୍ଷାତ କରି ନିଜର ଯୋଗଦାନ ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶ୍ରୀ ସାଗରଙ୍କୁ ସ୍ୱାଗତ ଜଣାଇଥିଲେ ।

## ////////// ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ //////////

## 'ମହକ' ମାଧ୍ୟମରେ ଶିଶୁଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ସାଂସ୍କୃତିକ ଓ ସାହିତ୍ୟ ଶିଶୁ ମହୋତ୍ସବ ମହକ-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ମହାରାଜା ଉଚ୍ଚ ବିଦ୍ୟାଳୟ ଖୋଲା ମଞ୍ଚରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲିନା ବାବୁ, ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ୍, ଶିଶୁ ସହାୟତା କେନ୍ଦ୍ର ପ୍ରକଳ୍ପ ଅଧିକାରୀ ସୁଜିତ ମିଶ୍ର, ଅଣଅନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାପତିତ୍ୱ କରିଥିଲେ । ବରିଷ୍ଠ ଶିକ୍ଷକ ବ୍ରତାନନ୍ଦ ଭୋଇ ସଭା ପରିଚାଳନା କରିଥିଲେ ।



ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ ଯୋଗଦେଇ ବିଜୟୀ ଶିଶୁମାନଙ୍କୁ ମାନପତ୍ର ଓ ଫଳକ ଦେଇ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ଡକ୍ଟର ସମ୍ୟାରୂପା ରଥ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ, ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଆଦି ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ ବ୍ରତାନନ୍ଦ ଭୋଇ, ଗିରିଶ ଚନ୍ଦ୍ର ତ୍ରିପାଠୀ, ଇରାଦତ୍ତ ଖାଁ, ହେମନ୍ତ କୁମାର ସା, ଅଞ୍ଜଳୀ ନେଗୀ । ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟି ସଦସ୍ୟ/ ସଦସ୍ୟା, ଶିଶୁ ସହାୟତା କେନ୍ଦ୍ର କର୍ମଚାରୀ, ଉତ୍କଳ ବାଳାଶ୍ରମ କର୍ମଚାରୀ ଉପସ୍ଥିତ ଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଗୌତମ ମହାପାତ୍ର, ରୁଦ୍ରପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ଼, ଭାସ୍କର ଦାଶ, ମୃତ୍ୟୁଞ୍ଜୟ ସାହୁ, ଥବିର କାଳସେ, ଅନିଲ ମହଲା, ମାନିନୀ ମହାନ୍ତି, ସ୍ୱାଗତରାଜ ମିଶ୍ର, ଜିତେନ୍ଦ୍ର ମଣ୍ଡଳ ସହଯୋଗ କରିଥିଲେ ।

## ଖୋଲିବ ବହୁ ପ୍ରତୀକ୍ଷିତ ଆୟୁଷ ଡାକ୍ତରଖାନା

### ମାସ ଶେଷ ସୁଦ୍ଧା ଓପିଡ଼ି, ଡେପୁଟେସନ୍‌ରେ ୨ ଡାକ୍ତର ନିଯୁକ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବହୁ ପ୍ରତିକ୍ଷିତ ଆୟୁଷ ଡାକ୍ତରଖାନା ଖୋଲିବାକୁ ପଥ ପରିଷ୍କାର । ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନ କରାପଲ୍ଲୀରେ ବିଳମ୍ବରେ ହେଲେ ବି କୋଠା ନିର୍ମାଣ ସରିଛି ଏବଂ ପୂର୍ତ୍ତ ବିଭାଗ ଆୟୁଷ ମନ୍ତ୍ରଣାଳୟକୁ ହସ୍ତାନ୍ତର କରିସାରିଛି । ହସ୍ପିଟାଲ୍ ଖୋଲିବାକୁ ସମସ୍ତ ଅନୁମତି ମିଳିସାରିଥିବା ବେଳେ ଆଉଟ୍‌ଡ଼ୋର୍ ସେବା ଯୋଗାଇବା ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି ବୋଲି କହିଛନ୍ତି ସିଡ଼ିଏମ୍‌ଓ ଡ଼ା. ରେଣୁପ୍ରଭା ଶତପଥୀ । ଜଣେ ଆୟୁର୍ବେଦିକ ଓ ଜଣେ ହୋମିଓପ୍ୟାଥିକ ଡ଼ାକ୍ତରଙ୍କୁ ଡେପୁଟେସନ୍‌ରେ ଏଠାକୁ ଅଣାଯାଇଛି । ମାସଶେଷ ସୁଦ୍ଧା ଓପିଡ଼ି କାର୍ଯ୍ୟକ୍ଷମ କରି ରୋଗୀଙ୍କୁ ସେବା ଯୋଗାଇବାକୁ ଯୋଜନା ରହିଛି ବୋଲି ଡ଼ା. ଶତପଥୀ କହିଛନ୍ତି । ପରବର୍ତ୍ତୀ ସମୟରେ ଅନ୍ୟ କର୍ମଚାରୀ ନିଯୁକ୍ତି ଏବଂ ଇନ୍‌ଡ଼ୋର୍ କାର୍ଯ୍ୟକ୍ଷମ କରାଯିବ । ଡାକ୍ତରଖାନାରେ ଆଉ କିଛି ଭିତ୍ତିଭୂମି ଆବଶ୍ୟକ ରହିଛି ତାହା ପୂରଣ କରାଯାଉଛି ବୋଲି ସେ କହିଛନ୍ତି । ଗଞ୍ଜାମ ଜିଲ୍ଲା ସମେତ ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ଆୟୁଷ ଡ଼ାକ୍ତରଖାନା ପ୍ରତିଷ୍ଠା ନେଇ ୨୦୧୮ରେ ଘୋଷଣା କରିଥିଲା କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ । କରାପଲ୍ଲୀରେ ଡ଼ାକ୍ତରଖାନା ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲା । ୬ ବର୍ଷ ବିତିବା ପରେ ବି କୋଠା ନିର୍ମାଣ ସରୁନଥିବାରୁ ସମୟ ଭିତରେ ତାହା ଖୋଲିପାରିନଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ କୋଠା ନିର୍ମାଣ ହୋଇଛି । ପ୍ରଥମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନରେ ବିଳମ୍ବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଥିଲା । ହୋମିଓପ୍ୟାଥି, ଆୟୁର୍ବେଦିକ, ଫାର୍ମାସୀ, ପକ୍ଷାଘାତ, ଯୋଗ ଓ ଫିଜିଓଥେରାପି ସମେତ ବିଭିନ୍ନ ବୟସାଧିକ୍ୟ ରୋଗର ସଫଳ ଉପଚାର ନିମନ୍ତେ ୫୦ ଶଯ୍ୟା ବିଶିଷ୍ଟ ଏହି ଡ଼ାକ୍ତରଖାନା ଖୋଲିବାକୁ ନିଷ୍ପତି ନେଇଥିଲେ ସରକାର । ପ୍ରକଳ୍ପ ପାଇଁ ପ୍ରାରମ୍ଭରୁ ଜମି ଅଧିଗ୍ରହଣ ନେଇ ସମସ୍ୟା ଦେଖାଦେଇଥିଲା । ୧୨.୫ କୋଟି ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ୨୦୧୯ ମସିହାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ନିକଟରେ ଅଗ୍ନି ନିର୍ବାପକ ବ୍ୟବସ୍ଥାର କାମ ଓ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ପରିଚାଳନା କାର୍ଯ୍ୟ ଶେଷ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରିନ୍ସପାଲ୍ ଆକାଉଣ୍ଟାଟ ଜେନେରାଲ୍‌ଙ୍କୁ ଚିଠି ଲେଖାଯାଇ ପଦବୀ ସୃଷ୍ଟି ପାଇଁ ଅବଗତ କରାଯାଇଛି । ଆୟୁଷ ହସ୍‌ପିଟାଲ୍ ନିମନ୍ତେ ମେଡ଼ିକାଲ୍ ଅଧିକ୍ଷକ, ପଞ୍ଚକର୍ମ ବିଶେଷଜ୍ଞ, ହୋମିଓପ୍ୟାଥିକ୍, ମେଡ଼ିକାଲ୍ ଅଫିସର, ଆୟୁର୍ବେଦିକ ଚିକିତ୍ସା ଅଧିକାରୀ, ହୋମିଓପ୍ୟାଥି ମେଡ଼ିକାଲ୍ ଅଫିସର, ବରିଷ୍ଠ ନର୍ସିଂ ଅଧିକାରୀ, ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଲ୍ୟାବ୍ ଟେକ୍‌ନିସିଆନ୍, ବରିଷ୍ଠ ସହାୟକ, ଜୁନିୟର ଆସିଷ୍ଟାଣ୍ଟ, ପଞ୍ଚକର୍ମ ଟେକ୍‌ନିସିଆନ୍, ସ୍ୱାସ୍ଥ୍ୟକର୍ମୀ ଓ ସୁରକ୍ଷାକର୍ମୀ ଭଳି ବିଭିନ୍ନ ବର୍ଗର ମୋଟ୍ ୫୯ଟି ପଦବୀ ସୃଷ୍ଟି କରିବା ପାଇଁ କୁହାଯାଇଛି । ସେଥିରୁ ୩୩ଟି ପଦବୀ ନିୟମିତ ରହିଥିବା ବେଳେ ଆଉଟ୍‌ସୋର୍ସିଂ ଜରିଆରେ ୨୬ଟି ପଦବୀରେ କର୍ମଚାରୀଙ୍କୁ ଅବସ୍ଥାପିତ କରିବାକୁ ଯୋଜନା ରହିଛି । ସୂଚନାଥାଉକି, ବିଦ୍ୟୁତ୍ ଯୋଗାଣ ସମସ୍ୟା କାରଣରୁ ପ୍ରକଳ୍ପ ହସ୍ତାନ୍ତରରେ ଆହେତୁକ ବିଳମ୍ବ ହେଉଥିଲା । ଗଞ୍ଜାମ କୋଠାବାଡ଼ି ବିଭାଜନ-୨ ଅଧିକ୍ଷଣ ଯନ୍ତ୍ରୀ ସୁଦୀପ୍ତ ପାଣିଗ୍ରାହୀ କହିଛନ୍ତି ଯେ, କୋଠା ନିର୍ମାଣ ସରିଛି ଏବଂ ଆୟୁଷ ବିଭାଗକୁ ହସ୍ତାନ୍ତର ହୋଇସାରିଛି । ବିଦ୍ୟୁତ୍ ସଂଯୋଗ ଟେଣ୍ଡରରେ କେହି ଭାଗ ନେଉନଥିଲେ, ଯାହାଫଳରେ ବାରମ୍ବାର ଟେଣ୍ଡର ବାତିଲ୍ ହୋଇଥିଲା । ବିଦ୍ୟୁତ୍ ସଂଯୋଗ ବିଳମ୍ବ ହେବାରୁ କୋଠା ହସ୍ତାନ୍ତର ହୋଇପାରିନଥିଲା । ଏବେ ଦେଢ଼ମାସ ହେଲା କୋଠା ହସ୍ତାନ୍ତର ହୋଇସାରିଛି ।

# ହାତରେ ପିସ୍ତଲ ଧରିଲେ ନୀରଜ ଚୋପ୍ରା ଟ୍ରିଗର ଦବାଇ ଆରମ୍ଭ କଲେ ଖେଳ



**ନୂଆଦିଲ୍ଲୀ**

ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ତାଙ୍କ ହାତରେ ଭାଲା ବଦଳରେ ପିସ୍ତଲ ଦେଖିବାକୁ ମିଳୁଛି। ଏହା ଦେଖି ଅନେକ ଲୋକ ଆଶ୍ଚର୍ଯ୍ୟ ହୋଇଛନ୍ତି। ଯଦି ଆପଣ ମଧ୍ୟ ତାଙ୍କ ହାତରେ ପିସ୍ତଲ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି, ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ।

ନୀରଜ କୌଣସି ଭୁଲ ଉଦ୍ଦେଶ୍ୟରେ ପିସ୍ତଲ ଉଠାଇ ନଥିଲେ। ବରଂ ଶନିବାରି ହରିୟାଣାର ସୋନିପତରେ ଆୟୋଜିତ ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ କାର୍ଯ୍ୟକ୍ରମରେ ଦୌଡ଼ ପ୍ରତିଯୋଗିତାର ଶୁଭାରମ୍ଭ କରିବା ପାଇଁ ସେ ଷ୍ଟାର୍ଟିଂ ଗନ୍ ବ୍ୟବହାର କରିଥିଲେ।

ଭିଡିଓରେ ଦେଖାଯାଉଛି ଯେ ସମସ୍ତ ପିଲା ଏକ ଧାଡ଼ିରେ ଦୌଡ଼ିବା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଛନ୍ତି। ନୀରଜ ଚୋପ୍ରା ପିସ୍ତଲର ଟ୍ରିଗର ଦବାଇବା ମାତ୍ରେ ସମସ୍ତ ଖେଳାଳି ଦୌଡ଼ିବା ଆରମ୍ଭ କରିଥିଲେ। ତାଙ୍କର ଏହି ଅନ୍ଦାଜ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

ଦୁଇ ବର୍ଷ ଧରି ବ୍ରାଣ୍ଡ ଆମ୍ବାସାଡର ରହିବା ପରେ ନୀରଜ ଚୋପ୍ରା ଏବେ ଏହି ପଦକ୍ଷେପକୁ ପରିଚାଳନା କରୁଥିବା କମ୍ପାନି ଏସଡି ସ୍ପୋର୍ଟସ ଇଣ୍ଡିଆର ସହ-ମାଲିକ ହୋଇଛନ୍ତି। ତାଙ୍କର ଏହି ପଦକ୍ଷେପ ଦେଶର ବିଭିନ୍ନ ସ୍ଥାନର ପିଲାମାନଙ୍କୁ ଖେଳକୁଦ କରିବାର ଅଧିକ ସୁଯୋଗ ଦେବା ପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୋନିପତରେ ଏହି କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହା ଟୁର୍ଣ୍ଣାମେଣ୍ଟର ଚତୁର୍ଥ ବର୍ଷ। ଏଥିରେ ପ୍ରାୟ ଅଢ଼େଇ ଲକ୍ଷ ପିଲା ଅଂଶଗ୍ରହଣ କରୁଛନ୍ତି।

ସୋନିପତ ପୂର୍ବରୁ ହାଇଦ୍ରାବାଦ, ଅହମ୍ମଦାବାଦ, ପୁଣେ, ଚେନ୍ନାଇ ଓ ମୁମ୍ବାଇରେ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇସାରିଛି। ତେବେ ସୋନିପତରେ ପ୍ରଥମ ଥର ପାଇଁ ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ଆୟୋଜନ କରାଯାଉଛି।

ନୀରଜ ଚୋପ୍ରା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, "ହରିୟାଣା ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର ରହିବ। କାରଣ ଖେଳକୁଦରେ ମୋର ଯାତ୍ରା ଏଠାରୁ ହିଁ ଆରମ୍ଭ ହୋଇଥିଲା। ମୋର ବିଶ୍ୱାସ, ପ୍ରତ୍ୟେକ ପିଲାକୁ ଖେଳିବା, ନିଜର କ୍ଷମତାକୁ ଚିହ୍ନିବା ଏବଂ ବଡ଼ ସ୍ୱପ୍ନ ଦେଖିବାର ସୁଯୋଗ ମିଳିବା ଉଚିତ। ସେ କେଉଁଠାରୁ ଆସିଛି, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ମାଧ୍ୟମରେ ସେ ଅଧିକରୁ ଅଧିକ ପିଲାଙ୍କୁ ସୁଯୋଗ ଦେବାକୁ, ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବାକୁ ଏବଂ ଭାରତରେ କ୍ରୀଡ଼ା ସଂସ୍କୃତିକୁ ଆହୁରି ମଜବୁତ କରିବାକୁ ଚାହୁଁଛନ୍ତି। ଯେତେ ଅଧିକ ପିଲା ଖେଳକୁଦ ସହ ଯୋଡ଼ି ହେବେ, ଭବିଷ୍ୟତର ଚାମ୍ପିୟନ ମାନଙ୍କୁ ଖୋଜିବାର ସୁଯୋଗ ସେତେ ଅଧିକ ମିଳିବ। ସେମାନେ ବଡ଼ ବଡ଼ ମଞ୍ଚରେ ଦେଶର ପ୍ରତିନିଧିତ୍ୱ କରିପାରିବେ। ମୋ ନିଜ ରାଜ୍ୟରୁ ଏହି ପଦକ୍ଷେପ ଆରମ୍ଭ ହେଉଥିବା ଦେଖି ବହୁତ ଭଲ ଲାଗୁଛି।"

# ରୋମାଞ୍ଚକର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଧରାଶାୟୀ କଲା ଭାରତ

**କ୍ରାଏଷ୍ଟଚର୍ଚ୍ଚ**

ନ୍ୟୁଜିଲାଣ୍ଡ ମାଟିରେ ଭାରତୀୟ କ୍ରିକେଟ୍ ଟିମ୍ ଦମଦାର ପ୍ରଦର୍ଶନ କରିଛି। ଆଗଧାଡ଼ିର ଖେଳାଳିମାନେ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ନିମ୍ନକ୍ରମରେ ଥିବା ଯୁବ ବ୍ୟାଟରମାନେ ଭାରତ ପାଇଁ ବିଜୟ ଆଣି ଦେଇଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୪ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। କ୍ରାଏଷ୍ଟଚର୍ଚ୍ଚର ହାଗଲି ଓଭାଲରେ ୧୮୧ ରନର ବିଜୟ ଲକ୍ଷ୍ୟକୁ ଭାରତୀୟ ଟିମ୍ ୧୯.୫ ଓଭରରେ ୬ଟି ୱିକେଟ ହରାଇ ପୂରଣ କରିଛି। ଏଥି ସହିତ ଭାରତୀୟ ଦଳ ବର୍ତ୍ତମାନ ୨-୦ରେ ଆଗୁଆ ଅଛି।

ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମୁକାବିଲାରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଥାନ ଦିଆଯାଇଥିଲା। ଦଳର ଆଗଧାଡ଼ିର ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। ତେବେ ନ୍ୟୁଜିଲାଣ୍ଡ ଠାରୁ ତିଳକ ବର୍ମା ଏବଂ ନୀତିଶ କୁମାର ରେଡ୍ଡୀ ମ୍ୟାଚ୍ ଛଡ଼ାଇ ଆଣିଥିଲେ।

ଭାରତୀୟ ଟିମର ବିଜୟରେ ତିଳକ ବର୍ମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ନୀତିଶ କୁମାର ରେଡ୍ଡୀଙ୍କ ସହିତ ତିଳକ ମ୍ୟାଚର ଧାରାକୁ ବଦଳାଇ ଦେଇଥିଲେ। ଉଭୟ ସପ୍ତମ ୱିକେଟ୍ ପାଇଁ ୬୯ ରନର ଭାଗିଦାରୀ କରିଥିଲେ। ତିଳକ ୬ଟି ଚୌକା ଏବଂ ଗୋଟିଏ ଛକା ବଳରେ ଅପରାଜିତ ୫୧ ରନ୍ କରିଥିଲେ। ସେହିପରି ନୀତିଶ ୨୦୦ ଷ୍ଟ୍ରାଇକ୍‌ରେ



ଅପରାଜିତ ରହି ୨୬ ରନ୍ ସଂଗ୍ରହ କରିଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ଭାରତର ଆଗଧାଡ଼ିର ବ୍ୟାଟରମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। ପ୍ରାରମ୍ଭିକ ବ୍ୟାଟର ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମା ଯଥାକ୍ରମେ ୧୪ ଏବଂ ୨୭ ରନ୍‌ରେ ଆଉଟ୍ ହୋଇଥିଲେ। ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଠାରୁ ଯାହା ଆଶା କରାଯାଉଥିଲା, ତାହା ମିଳିପାରିଲା ନାହିଁ। ବୈଭବ ସୂର୍ଯ୍ୟବଂଶୀ (୪ରନ୍) ନାଥାନ ସ୍ମିଥଙ୍କ ବ୍ଲୁଡେରିଲ ମିଚେଲଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ୭ ରନ୍ ଏବଂ ଅକ୍ଷର ପଟେଲ ୧୧ ରନ୍ କରିଥିଲେ। ଯୁବ ବ୍ୟାଟର ନମନ ଧୀର ୧୭ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ବଳରେ ୩୧ ରନ୍ କରିଥିଲେ।

# ଦମ୍‌ଦାର ବିଜୟ ସହ ଫ୍ରେଞ୍ଚ ଓପନ ଫାଇନାଲରେ ପହଞ୍ଚିଲେ ପି.ଭି. ସିନ୍ଧୁ

**ପ୍ୟାରିସ୍**

ଜାପାନର ହୀନା ଆକେଚିଙ୍କ ବିପକ୍ଷରେ ରୋମାଞ୍ଚ ବିଜୟ ହାସଲ କରି ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ବ୍ୟାଡମିଣ୍ଟନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

ବର୍ଷରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସୁପର ୭୫୦ ଫାଇନାଲ। ଭାରତର ଏହି ୩୧ ବର୍ଷୀୟା ଷ୍ଟାର ଖେଳାଳି ଜୁଲାଇରେ ଜାପାନ ଓପନ ସୁପର ୭୫୦ ଟୁର୍ଣ୍ଣାମେଣ୍ଟ ଜିତିଥିଲେ। ବିଶ୍ୱର ୨୨ନମ୍ବର ଖେଳାଳି ଆକେଚିଙ୍କ ବିପକ୍ଷରେ ସେ ୨୧-୧୦, ୨୦-୨୨, ୨୧-୧୬ରେ ବିଜୟ ହାସଲ କରିଛନ୍ତି।

ଏହି ମ୍ୟାଚ ୧ ଘଣ୍ଟା ୧୩ ମିନିଟ ଧରି ଚାଲିଥିଲା। ଜାପାନର ୨୧ ବର୍ଷୀୟା ଆକେଚି ଚଳିତ ସପ୍ତାହ ପ୍ରାରମ୍ଭରେ ୱାଙ୍ଗ ଝି ୟି ଓ ପୁତ୍ରୀ କୁସୁମା ୱାର୍ଦାନୀଙ୍କୁ ହରାଇ ଦେଇଥିଲେ। ସିନ୍ଧୁ ଫାଇନାଲରେ କୋରିଆର ବିଶ୍ୱର ନମ୍ବର ୱାନ ଆନ୍ ସି ୟଙ୍ଗ୍‌ଙ୍କୁ ଭେଟିବେ।



## ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପ୍

# ବିଜୟରୁ ଭାରତର ଅଭିଯାନ, ଲାଓସ୍‌କୁ ୪-୨ରେ ହରାଇଲା

**ବକୁ**

ଆଜରବାଇଜାନରେ ଚାଲିଥିବା ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ମ୍ୟାଚ୍‌ରେ ଭାରତ ୪-୨ ଗୋଲ୍‌ରେ ଲାଓସ୍‌କୁ ମାତ୍ ଦେଇଛି। ମ୍ୟାଚର ସପ୍ତମ ମିନିଟ୍‌ରେ ମାକଡୋନିସ ଏନ୍ଗାଇରାଙ୍ଗବାମ୍‌ଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାର ୪ ମିନିଟ୍‌ରେ ଆର୍ ଲାଲରେମରୁଆତଫେଲା (୧୧ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ୨-୦ରେ ଆଗୁଆ ହୋଇଥିଲା।

ଏହା ପର ମିନିଟ୍‌ରେ ଲାଓସର ଆନ୍ନାଭିନ ଜାୟାସୋନ୍ (୧୨ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଦେବାରୁ ପ୍ରଥମାର୍ଦ୍ଧକୁ ୨-୧ରେ ନିଜ ଶେଷ ହୋଇଥିଲା। ୨୪ତମ



ମିନିଟ୍‌ରେ ସୌକସାଭନ ସିଲିସେଙ୍ଗ ଆଉ ଗୋଟିଏ ଗୋଲ୍ ଶୁଝି ସ୍ଥିତି ସମାନ କରିଥିଲେ। ତେବେ ୩୧ ମିନିଟ୍‌ରେ ଲାଲରେମରୁଆଫେଲା ଓ ୩୩ ମିନିଟ୍‌ରେ ସୌମଜିତ ସର୍କାର ଗୋଲ୍ କରି ଭାରତକୁ ବିଜୟ ଭେଟି ଦେଇଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର କାମେରନ ଓ ଗ୍ରେନାଡାକୁ ଭେଟିବ।

# ଆଜି ଦ୍ୱିତୀୟ ମହିଳା ଦିନିକିଆ

**ବଦଦୋରା**

ଭାରତ-ଜିମ୍ବାୱେ ମଧ୍ୟରେ ଏଠାରେ ଚାଲିଥିବା ତିନି ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ରବିବାର ଖେଳାଯିବ। ପ୍ରଥମ ମ୍ୟାଚକୁ ଘରୋଇ ଦଳ ୯ ୱିକେଟ୍‌ରେ ଜିତି ଶୃଙ୍ଖଳାରେ ଆଗୁଆ ରହିଛି। ଫଳରେ ଦ୍ୱିତୀୟ ଦିନିକିଆକୁ ଜିତି ସ୍ମୃତି ମନ୍ଧାନାଙ୍କ ଦଳ ଆଗୁଆ ଶୃଙ୍ଖଳା କବଜା କରିବାକୁ ଲକ୍ଷ୍ୟ ରଖିଛି।

ପ୍ରଥମ ମ୍ୟାଚ୍‌ରେ ପ୍ରତୀକା ରାୱଲଙ୍କ ଅପରାଜିତ ଶତକ ଓ ଶ୍ରୀ ଚରଣୀଙ୍କ ଚମତ୍କାର ବୋଲିଂ ଭାରତକୁ ସହଜ ବିଜୟ ଦେଇଥିଲା। ପ୍ରତୀକା ୯୬ ବଲ୍‌ରୁ ଅପରାଜିତ ୧୦୦ ରନ୍ କରିଥିବା ବେଳେ ଚରଣୀ ୨୩ ରନ୍‌ରେ ୪ ୱିକେଟ୍ ନେଇଥିଲେ। ଏହି ପ୍ରଦର୍ଶନ



ଭାରତୀୟ ଦଳର ଆତ୍ମବିଶ୍ୱାସ ବଢ଼ାଇଛି।

ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ମୂଳପୋଛ କରିଥିବା ଭାରତ ଦିନିକିଆରେ ମଧ୍ୟ ଆଧିପତ୍ୟ ବିସ୍ତାର କରିବାକୁ ଚାହିଁବ। ଅନ୍ୟପକ୍ଷରେ ଜିମ୍ବାୱେ ପ୍ରଥମ ମ୍ୟାଚ୍‌ରେ କରିଥିବା ତ୍ରୁଟିକୁ ସୁଧାରି ଭାରତକୁ ଟକ୍କର ଦେବାକୁ ପ୍ରୟାସ କରିବ।

ଭାରତ (ସମ୍ଭାବ୍ୟ ୧୧): ସ୍ମୃତି ମନ୍ଧାନା (ଅଧିନାୟିକା), ଶେଫାଳି ବର୍ମା, ପ୍ରତୀକା ରାୱଲ, ହରମନପ୍ରୀତ କୌର, ହର୍ଲିନ ଦେଓଲ, ତେଜଲ ହାସାବନିସ୍, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟକିପର), ଶ୍ରୀ ଚରଣୀ, କ୍ରାନ୍ତି ଗୌଡ଼, ଜିନ୍ତିମଣି କଲିତା।

ଜିମ୍ବାୱେ (ସମ୍ଭାବ୍ୟ ୧୧): ମୋଡେଷ୍ଟର ମୁପାଚିକୱା (ୱିକେଟକିପର), କେଲିସ୍ ଧଲୋଭୁ, ଚିପୋ ମୁଗେରି-ତିରିପାନୋ, ବିଲଭ୍ଡ ବିଜା, ଯୋସେଫିନେ ଏନକୋମୋ, ଶାର୍ନେ ମେୟର୍ସ, ନ୍ୟାଶା ଗ୍ୱାଞ୍ଜୁରା, ମିଚେଲି ମାଭୁଙ୍ଗା, ନମଭେଲୋ ଶିବାନ୍ଦା, ଫ୍ରାନ୍ସିସ୍କା ଚିପାରେ, ଓଲିନ୍ଦର ଚାରେ।

# ଯୁବ ଅଲିମ୍ପିକ୍ସରେ ଭାଗନେବେ ତନ୍ୱୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାସ ୩୧ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ସେନେଗଲର ଡାକରରେ ହେବାକୁ ଥିବା ଯୁବ ଅଲିମ୍ପିକ୍ସରେ ଭାଗନେବେ ଓଡ଼ିଆ ଝିଅ ତନ୍ୱୀ ପତ୍ରୀ। ବ୍ୟାଡମିଣ୍ଟନ ଲାଗି ଘୋଷିତ ଭାରତୀୟ ଦଳରେ ସେ ସ୍ଥାନ ପାଇଛନ୍ତି। ତନ୍ୱୀଙ୍କ ସହ ଏହି ଦଳରେ ଦେବ ରୁପ୍ରେଲିଆ ରହିଛନ୍ତି। ବିଶ୍ୱ କନିଷ୍ଠ ବ୍ୟାଡମିଣ୍ଟନ ବାଳିକା ମାନ୍ୟତାରେ ତନ୍ୱୀ ଅଷ୍ଟମରେ ଏବଂ ବାଳକ ବର୍ଗରେ ଦେବ ଚତୁର୍ଥରେ ରହିଛନ୍ତି। ତନ୍ୱୀ ବାଳିକା ଓ ଦେବ ବାଳକ ଏକକରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଭୟ ମଧ୍ୟ ଏକାଠି ମିଶ୍ରିତ ଯୁଗଳରେ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ ଯେ ଗତ ମାସରେ ଚେଙ୍ଗଡୁରେ ଆୟୋଜିତ ୧୫ ଓ ୧୭ ବର୍ଷରୁ କମ୍ ଏସୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ଏକକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୪ ସଂସ୍କରଣରେ ସେ ୧୫ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ ପାଇଥିଲେ।

# ୧୧ ବର୍ଷ ପରେ ଫୁଟବଲ୍‌କୁ ଫେରିବେ ରୋନାଲଡିନୋ

**ରୋମ୍**

ଫୁଟବଲପ୍ରେମୀଙ୍କୁ ଚକିତ କରି ବଡ଼ ପଡ଼ିଆକୁ ୧୧ ବର୍ଷ ପରେ ଫେରିବାକୁ ଯାଉଛନ୍ତି ବ୍ରାଜିଲର କିମ୍ବଦନ୍ତି ଖେଳାଳି ରୋନାଲଡିନୋ। ୪୬ ବର୍ଷୀୟ ଏହି ବିଶ୍ୱକପ୍ ବିଜେତା ନଭେମ୍ବର ୧୫ରେ ଇଟାଲୀର ତୃତୀୟ ଡିଭିଜନ୍ କ୍ଲବ୍ ରାଭେନ୍ନା ପକ୍ଷରୁ ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ ଫୋର୍ଲି ବିପକ୍ଷରେ ଖେଳିବେ।

ଏହି ମ୍ୟାଚ୍ ରାଭେନ୍ନାର ଷ୍ଟାଡିୟମ୍ ବ୍ରୁନୋ ବେନେଲିରେ ଏହି ଡର୍ବି ମ୍ୟାଚ୍ ଖେଳାଯିବ ବୋଲି କ୍ଲବ୍ ପକ୍ଷରୁ ଘୋଷଣା କରାଯାଇଛି। ବାର୍ସିଲୋନା ଓ ଏସି ମିଲାନ୍ ଭଳି କ୍ଲବ୍‌ରେ ଖେଳିଥିବା ରୋନାଲଡିନୋ ୨୦୦୨ରେ ବ୍ରାଜିଲକୁ ବିଶ୍ୱକପ୍ ଜିତାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

୨୦୦୫ରେ ସେ ବାଲନ୍ ଡି'ଓର୍



ପୁରସ୍କାର ପାଇଥିଲା ବେଳେ ୨୦୧୫ରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍ସ ପକ୍ଷରୁ ଶେଷ ପ୍ରତିଯୋଗିତାମୂଳକ ମ୍ୟାଚ୍ ଖେଳିଥିଲେ। ୨୦୧୮ରେ ରୋନାଲଡିନୋ ଅବସର ନେଇଥିଲେ। ଚଳିତ ବର୍ଷ ଜୁନ୍‌ରେ ରାଭେନ୍ନା ତାଙ୍କୁ ଦଳରେ ସାମିଲ କରିଥିଲା। ତାଙ୍କୁ କ୍ଲବର କିଛି ଅଂଶଧନ ମଧ୍ୟ ମିଳିଥିଲା। ଏହି କ୍ଲବ୍ ରୋନାଲଡିନୋଙ୍କ ବନ୍ଧୁ ଇଗ୍ନାଜିଓ ସିପ୍ରିଆନିଙ୍କ ମାଲିକାନାରେ ରହିଛି।

# ପୋଲାର୍ଡଙ୍କୁ ମିଳିଲା ମୁମ୍ବାଇ ଇଣ୍ଡିଆନ୍ସର ଗୁରୁଦାୟିତ୍ୱ

**ମୁମ୍ବାଇ**

ଆଇପିଏଲ୍ ୨୦୨୭ ପୂର୍ବରୁ ୱେଷ୍ଟଇଣ୍ଡିଜର ପୂର୍ବତନ ଅଲରାଉଣ୍ଡର କିରନ ପୋଲାର୍ଡ ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୫ଥର ଚାମ୍ପିୟନ ଦଳ ପକ୍ଷରୁ ଶନିବାର ଏହା ଘୋଷଣା କରାଯାଇଛି। ପୋଲାର୍ଡ ଗତ କିଛି ସିଜନ ହେଲା ମୁମ୍ବାଇ ଇଣ୍ଡିଆନ୍ସର ବ୍ୟାଟିଂ କୋଚ୍ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ମାହେଲା ଜୟବର୍ଦ୍ଧନେଙ୍କ ସ୍ଥାନରେ ତାଙ୍କୁ ଏହି ନୂଆ ନିଯୁକ୍ତି ମିଳିଛି।

ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ଅନ୍ୟତମ ସଫଳ ଦଳ ଭାବେ ବିବେଚନା କରାଯାଇଥାଏ। ଦଳ ଶେଷ ଥର ପାଇଁ ୨୦୨୦ରେ ଟାଇଟଲ ବିଜୟୀ ହୋଇଥିଲା। ୩୯ ବର୍ଷୀୟ ପୋଲାର୍ଡ ବିଶ୍ୱସାରା ଫ୍ରାଞ୍ଚାଇଜ୍ ଟି୨୦ ଲିଗ୍‌ରେ ଖେଳିଛନ୍ତି।



ଆଇପିଏଲ୍‌ରେ ସେ କେବଳ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳିଛନ୍ତି। ସେ ୨୦୦୯-୧୦ରେ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦାନ କରିଥିଲେ। ଦଳ ପକ୍ଷରୁ ଆଇପିଏଲରେ ଶେଷ ଥର ପାଇଁ ସେ ୨୦୨୨ ସଂସ୍କରଣରେ ଖେଳିଥିଲେ।

ଚଳିତ ବର୍ଷ ମେଜର ଲିଗ୍ କ୍ରିକେଟରେ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ତରଫରୁ ଖେଳିଥିଲେ। ପୋଲାର୍ଡ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ୧୮୯ ଆଇପିଏଲ୍ ମ୍ୟାଚ ଖେଳି ୧୬ ଅର୍ଦ୍ଧଶତକ ସହ ୩,୪୧୨ ରନ୍ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ ୧୪୭.୩୨ ଏବଂ ଆଭରେଜ ୨୮.୬୭ ରହିଥିଲା। ସେ ଆହୁରି ମଧ୍ୟ ୬୯ ୱିକେଟ ଅକ୍ତିଆର କରିଥିଲେ। ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ଫିଗର ୪/୪୪ ରହିଛି।

# ୬୦ ସେକେଣ୍ଡରେ ୧୪୬ ଥର ନି ଷ୍ଟ୍ରାଇକ୍

## ମିଳିଲା ଇଣ୍ଡିଆ ଓ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ପ୍ରମାଣପତ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

'ନି ଷ୍ଟ୍ରାଇକର୍ ଅଫ୍ ଇଣ୍ଡିଆ' ଭାବେ ପରିଚିତ ଓଡ଼ିଆ ପୁଅ ସଚିନ ବେହେରା ପୁଣି ଇତିହାସ ରଚିଛନ୍ତି। ପ୍ରତି ଗୋଡ଼ରେ ୧ କେଜି ଆଙ୍କଲ୍ ୱେଟ୍ ପିନ୍ଧି ମାତ୍ର ୧ ମିନିଟ୍ (୬୦ ସେକେଣ୍ଡ)ରେ ୧୪୬ ଥର ଫୁଲ୍-କଣ୍ଟାକ୍ଟ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଓ ଏସିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଇଣ୍ଡିଆ ଓ ଏସିଆ ବୁକ୍ ଅଫ୍ ରେକର୍ଡସ୍ ଦ୍ୱାରା ତାଙ୍କର ଏହି ରେକର୍ଡକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି, ଯାଞ୍ଚ ଓ ପଞ୍ଜୀକୃତ କରାଯାଇଛି। ଏଥିସହ ଶନିବାର (୨୦୨୬ ଅକ୍ଟୋବର ୨୪) ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ତରଫରୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି।

ଏହି ଐତିହାସିକ ରେକର୍ଡ ପ୍ରୟାସ ସମ୍ପୂର୍ଣ୍ଣ ସରକାରୀ ନିୟମାବଳୀ ସହିତ ଗତ ମାସ ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ଓଭରଅଲ୍ ସ୍ପୋର୍ଟସ୍ ଏକାଡେମୀଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରୟାସ ଜଣେ ସରକାରୀ ବିଶେଷଜ୍ଞ ସାକ୍ଷୀ, ସରକାରୀ ପ୍ରଫେସନାଲ୍ ପ୍ୟାଡ୍ ହୋଲ୍ଡର ଏବଂ ସରକାରୀ ଟାଇମ୍ କିପରଙ୍କ ଉପସ୍ଥିତିରେ କରାଯାଇଥିଲା। ସମ୍ପୂର୍ଣ୍ଣ ପ୍ରୟାସକୁ ରେକର୍ଡ ସଂଗଠନର ନିୟମ ଅନୁସାରେ ଏକାଧିକ କୋଣରୁ ଏଚଡି ଭିଡିଓ କ୍ୟାମେରାରେ ରେକର୍ଡ କରାଯାଇଥିଲା।




ସମସ୍ତ ଭିଡିଓ ପ୍ରମାଣ, ସାକ୍ଷୀ ଫର୍ମ ଏବଂ ଦସ୍ତାବିଜ ଯାଞ୍ଚ ପାଇଁ ପଠାଯାଇଥିଲା। ଯାଞ୍ଚ ପରେ, ସଚିନଙ୍କୁ ଗତ ମାସ ୨୬ ତାରିଖରେ ମେଲ୍ ଦ୍ୱାରା ଉଭୟ ଇଣ୍ଡିଆ ଓ ଏସିଆ ବୁକ୍ ଅଫ୍ ରେକର୍ଡସରୁ ସାର୍ଟିଫିକେଟ୍ ମିଳିଥିଲା। ଚଳିତ ବର୍ଷର ଏହି ନୂଆ ସଫଳତା ସହିତ, ସଚିନ ଇଣ୍ଡିଆ ଓ ଏସିଆ ବୁକ୍ ଅଫ୍ ରେକର୍ଡସର ଐତିହାସିକ ହାଟ୍ରିକ୍ ପୂରଣ କରିଛନ୍ତି। ସେ ନି ଷ୍ଟ୍ରାଇକର ତିନିଟି ଭିନ୍ନ ଭିନ୍ନ ବର୍ଗରେ ରେକର୍ଡ ରଖିଥିବା ଭାରତର ଏକମାତ୍ର ଆଥଲେଟ୍ ହୋଇଛନ୍ତି।

ପୂର୍ବରୁ ପ୍ରତି ଗୋଡ଼ରେ ୧ କେଜି ଆଙ୍କଲ୍ ୱେଟ୍ ପିନ୍ଧି ୧ ମିନିଟରେ ୧୦୩ ଥର ଫୁଲ୍-କଣ୍ଟାକ୍ଟ ଗୋଟିଏ ଗୋଡ଼ ନି ଷ୍ଟ୍ରାଇକ୍ ଏବଂ ପୁରୁଷ ବର୍ଗରେ ୫ କେଜି ଆଙ୍କଲ୍ ୱେଟ୍ ପିନ୍ଧି ୧ ମିନିଟରେ ୮୮ ଥର ଫୁଲ୍-କଣ୍ଟାକ୍ଟ ଗୋଟିଏ ଗୋଡ଼ ନି ଷ୍ଟ୍ରାଇକ୍ ରେକର୍ଡ ଉଭୟ ଇଣ୍ଡିଆ ଓ ଏସିଆ ବୁକ୍ ଅଫ୍ ରେକର୍ଡସ୍‌ରେ ରହିଛି। ଇଣ୍ଡିଆ ଓ ଏସିଆ ବୁକ୍ ଅଫ୍ ରେକର୍ଡସ୍ ପରେ ସଚିନଙ୍କ ପରବର୍ତ୍ତୀ ଲକ୍ଷ୍ୟ ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିବା ଏବଂ ଓଡ଼ିଶା ତଥା ଭାରତ ପାଇଁ ପଦକ ଜିତିବା।

# ବିରାଟ କୋହଲିଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଲେ ଡିସି କୋଚ୍

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ବିରୋଧରେ ପୁଣିଥରେ ଏକ ବଡ଼ ଅଭିଯୋଗ ଆସିଛି। ପୂର୍ବତନ ଭାରତୀୟ ସ୍ପିନର୍ ତଥା ଦିଲ୍ଲୀ କ୍ୟାପିଟାଲ୍ସର ସ୍ପିନ୍ ବୋଲିଂ କୋଚ୍ ଅମିତ ମିଶ୍ରା କୋହଲିଙ୍କ ନାମରେ ଏହି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ୨୦୧୭ ମସିହାରେ ଆହତ ହୋଇ ଦଳରୁ ବାହାରିବା ସମୟରେ କୋହଲି ତାଙ୍କୁ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଭରସା ଦେଇଥିଲେ, କିନ୍ତୁ ପରେ ଫିଟ୍ ହେବା ପରେ କଲ୍ କଲେ ମଧ୍ୟ କୋହଲି ତାଙ୍କୁ ଫୋନ୍ ଉଠାଇ ନ ଥିଲେ ବୋଲି ମିଶ୍ରା ପ୍ରକାଶ କରିଛନ୍ତି।

ଭାରତୀୟ ଦଳ ପାଇଁ ଅନେକ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଥିବା ୪୩ ବର୍ଷୀୟ ଲେଗ୍ ସ୍ପିନର୍ ଅମିତ ମିଶ୍ରା ଏକ ପଡକାଷ୍ଟରେ ଏହି କଥା କହିଛନ୍ତି। ପୂର୍ବତନ ବ୍ୟାଟ୍ସମ୍ୟାନ୍ ତଥା କମେଣ୍ଟେଟର ଆକାଶ ଚୋପ୍ରାଙ୍କ ପଡକାଷ୍ଟ 'ବୈଠ ଏଣ୍ଡ ବୋଲ୍'ରେ କଥାବାର୍ତ୍ତା ସମୟରେ ମିଶ୍ରା ଅଭିଯୋଗ କରିଛନ୍ତି ଯେ, କୋହଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଫିଟ୍ ହେବାମାତ୍ରେ ତାଙ୍କୁ ପୁଣି ଦଳରେ ନିଆଯିବ, କିନ୍ତୁ ପରେ ସେ କଥାକୁ ଏଡ଼ାଇ ଦେଇଥିଲେ ଏବଂ ଫୋନ୍ ମଧ୍ୟ ଉଠାଇ ନଥିଲେ।

ଅମିତ ମିଶ୍ରା କହିଛନ୍ତି, "ଯେତେବେଳେ ମୁଁ ଆହତ ହୋଇ ବାହାରକୁ ଯାଉଥିଲି, ସେତେବେଳେ ଅନିଲ ଭାଇ (ଅନିଲ କୁମ୍ବଲେ) କୋଚ୍ ଥିଲେ। ଅନିଲ ଭାଇ କହୁଥିଲେ ଯେ ଚିନ୍ତା କର ନାହିଁ, ଫିଟ୍ ହେବାମାତ୍ରେ ତୁମେ ସ୍ୱୟଂଚାଳିତ ଭାବେ ଫେରିଆସିବ। ସେତେବେଳେ ବିରାଟ କୋହଲି ଅଧିନାୟକ ହୋଇଥିଲେ। ମୁଁ କୋହଲିଙ୍କୁ ମଧ୍ୟ ପଚାରିଥିଲି ଯେ ଆଗକୁ କ'ଣ କରିବାକୁ ହେବ? ସେ କହିଥିଲେ, ଚିନ୍ତା କର ନାହିଁ, ଆପଣ ଫିଟ୍ ହୋଇଯାଆନ୍ତୁ। ଏହାପରେ ମୁଁ (ଫିଟ୍ ହୋଇ) ତାଙ୍କ ପାଖକୁ ଗଲି ଏବଂ ପଚାରିଲି ଯେ ଭାଇ ସ୍ଥିତି କ'ଣ? ସେତେବେଳେ ସେ କହିଥିଲେ ଯେ ମୁଁ ଆପଣଙ୍କୁ ୧୦ ଦିନ ମଧ୍ୟରେ ଜଣାଉଛି।"





# ଆୟୁଷ୍ମାନ ବାୟୋ ବନ୍ଦନା କାର୍ଡ ରେଜିଷ୍ଟ୍ରେସନ କାର୍ଯ୍ୟକ୍ରମ

ବରଗଡ଼, ନ୍ୟୁଜ ବ୍ୟୁରୋ

ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଓ ଉଭୟ ସହରାଞ୍ଚଳ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଯୁଗ୍ମ ପ୍ରଚେଷ୍ଟାରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଓ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ରେଜିଷ୍ଟ୍ରେସନ ଶିବିର ଶନିବାର ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି ଓ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି କେଦାର ମିଶ୍ର ଓ ସମ୍ପାଦକ ଗୋବିନ୍ଦ ଦାଶ ଅନ୍ୟ କର୍ମକର୍ତ୍ତାଙ୍କ ସହ ଉଭୟ ୟୁପିଏଚ୍‌ସିର ଦୁଇ ଜଣ ଡାକ୍ତର, ଚାରି ଜଣ ସ୍ୱାସ୍ଥ୍ୟ କର୍ମୀ, କମ୍ପ୍ୟୁଟର ସେବା ସଂସ୍ଥା ଓ ଶିବିର ସଂଯୋଜକଙ୍କୁ ସ୍ୱାଗତ କରିଥିଲେ । ଏହି ଜରାରୋଗ ସ୍ୱାସ୍ଥ୍ୟ



ଶିବିରରେ ରକ୍ତଚାପ, ମଧୁମେହ ଆଦି ସାମଗ୍ରୀକ ପରୀକ୍ଷା ଓ ଯାଞ୍ଚ ଚାରିଜଣ ସ୍ୱାସ୍ଥ୍ୟ କର୍ମୀ ପ୍ରଥମେ କରି ପରାମର୍ଶ ପାଇଁ ପଠାଉ ଥିଲେ ଓ ସେମାନେ ହେଲେ ରୋହିଣୀ ଚାନ୍ଦ, ପଙ୍କଜିନି ଗଇଂଟା , ରଞ୍ଜୁ ପ୍ରଧାନ ଓ ଶଶୀମୁଖୀ ସାହୁ ।

ଡାକ୍ତର ଆୟୁଷ୍ମାନ ସାହୁ ଓ ଡାକ୍ତର କେ ସାଇ ରାମ ରଞ୍ଜନ, ୟୁପିଏଚ୍‌ସ ୧ ଉଭୟ ମୁଖ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବରିଷ୍ଠଙ୍କୁ ପରୀକ୍ଷା ରିପୋର୍ଟ ଅନୁସାରେ ପରାମର୍ଶ ଓ ଔଷଧ ଦେବାର ବ୍ୟବସ୍ଥା ଥିଲା । ତୃତୀୟ ପର୍ଯ୍ୟାୟ ରେ ସତୁରି ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠଙ୍କ ଆୟୁଷ୍ମାନ୍ ୟୋ ବନ୍ଦନା କାର୍ଡର ଅନ ଲାଇନ ରେଜିଷ୍ଟ୍ରେସନ ବି ରମାକାନ୍ତ ସାହୁ ଓ ତାଙ୍କର ସହଯୋଗୀ କରୁଥିଲେ । ପୁରା ଶିବିର କାର୍ଯ୍ୟକ୍ରମର ସଂଯୋଜନା, ଜନ ସ୍ୱାସ୍ଥ୍ୟ ଅଫିସର ଚନ୍ଦ୍ରକାନ୍ତ ପଣ୍ଡା ସଞ୍ଚାଳନ କରିଥିଲେ । ଏହି ଶିବିରରେ ତିରିଶରୁ ଊର୍ଦ୍ଧ୍ୱ ସଭ୍ୟ ପରାମର୍ଶ ଲାଭ କରିଥିଲେ । ଏଗାର ଜଣଙ୍କ ଆୟୁଷ୍ମାନ କାର୍ଡ ରେଜିଷ୍ଟ୍ରେସନ ହୋଇଛି । ସଂଘର ସହଯୋଗ ଓ ପ୍ରସ୍ତୁତିକୁ ପ୍ରଶଂସା କରି ଖୁବ୍ ଶୀଘ୍ର କେବଳ ମହିଳା ମାନଙ୍କ ପାଇଁ ଏପରି ଶିବିର କରାଯିବାକୁ ଉଭୟ ୟୁପିଏଚ୍‌ସି ମୁଖ୍ୟ ଶ୍ରୀ ପଣ୍ଡା ଘୋଷଣା କରିଥିଲେ ।

# ବାତ୍ୟା ମୁକାବିଲା : ସମସ୍ତ ବିଭାଗକୁ ସତର୍କ ରହିବାକୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟାର ମୁକାବିଲା ଏବଂ ଧନଜୀବନ କ୍ଷୟକ୍ଷତି ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । କୃଷି, ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଜଳସମ୍ପଦ ବିଭାଗ ସମେତ ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍)କୁ ସଜାଗ ରଖାଯାଇଛି । ଜରୁରିକାଳୀନ ପରିସ୍ଥିତିରେ ତ୍ୱରିତ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସୁନିଶ୍ଚିତ କରିବା ସହ ଆବଶ୍ୟକ ମାନବସମ୍ବଳ ଓ ଯନ୍ତ୍ରପାତି ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ ଦିଆଯାଇଛି । ବାତ୍ୟା ଓ ବର୍ଷା ଯୋଗୁଁ ଫସଲର କ୍ଷୟକ୍ଷତି ହ୍ରାସ କରିବାକୁ କୃଷକମାନଙ୍କ ପାଇଁ ଆବଶ୍ୟକ ପରାମର୍ଶ ଜାରି କରାଯାଇଛି । ୮୦ରୁ ୮୫ ପ୍ରତିଶତ ପାଚିଥିବା ଧାନକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା ସହ ଅମଳ ହୋଇଥିବା ଫସଲକୁ ପଲିଥିନ୍ ରେ ଘୋଡ଼ାଇ ରଖିବାକୁ କୁହାଯାଇଛି । ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଜମିରେ ଥିବା ନାଳଗୁଡ଼ିକୁ ସଫା ରଖିବା ଏବଂ ସାର ଓ କୀଟନାଶକ ପ୍ରୟୋଗକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ପାଚିଥିବା ମକା, ମାଣ୍ଡିଆ, ମୁଗ, ବିରି, ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଓ ଅମଳ ଉପଯୋଗୀ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିବାକୁ କୁହାଯାଇଛି । ବର୍ଷା ପରେ ଜମିରୁ ଜଳ ନିଷ୍କାସନ, ପନିପରିବା ମାଞ୍ଚାକୁ ସୁଦୃଢ଼ କରିବା ଏବଂ ଫସଲରେ କୀଟ ଓ ରୋଗ ଚିହ୍ନଟ କରି ଉପଯୁକ୍ତ ଉପଚାର ଉପରେ ଗୁରୁତ୍ୱ ଦିଆଯାଇଛି । ସମ୍ଭାବ୍ୟ ବାତ୍ୟାର ପ୍ରଭାବକୁ ମୁକାବିଲା କରିବା, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାରକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କୁହାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ ଜିଲ୍ଲାରେ...

ସତର୍କ କରାଯାଇଛି । ପ୍ରଭାବିତ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ, ଔଷଧ ଓ ଚିକିତ୍ସା କିଟ୍ ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରେଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବିଶେଷକରି ରାସ୍ତାଘାଟରେ ପଡ଼ି ଅବରୋଧ ସୃଷ୍ଟି କରୁଥିବା ଗଛଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଜଣାଯାଇଛି । ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱୟ ରକ୍ଷା କରି ହୋଲ ଅଫ୍ ଗଭରମେଣ୍ଟ ଆପ୍ରୋଚ୍‌ରେ ବାତ୍ୟା ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅଗ୍ନିସେବା ଡିଜି, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ଏସଆରସି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କମିଶନରେଟ୍ ପୋଲିସ...

ରାସ୍ତା ବ୍ୟବହାର ସହ ଅତିରିକ୍ତ ସମୟ ହାତରେ ରଖିବାକୁ ପରାମର୍ଶ ଦିଆଯାଇଛି ।

ଯାତାୟାତରେ ଅସୁବିଧା ଏଡ଼ାଇବା ପାଇଁ ଯାତ୍ରୀ ଓ ଯାନଚାଳକମାନେ ନିଜ ଯାତ୍ରା ପୂର୍ବରୁ ଯୋଜନା କରିବା ସହ ଆବଶ୍ୟକସ୍ଥଳେ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କଡା ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିଛି କମିଶନରେଟ ପୋଲିସ । ସୁରକ୍ଷା ପାଇଁ ନିୟୋଜିତ ରହିବ ୫୭ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ୫ କମ୍ପାନୀ ସିଆରପିଏଫ ଫୋର୍ସ , ୨୦୦ ଅଫିସର ନିୟୋଜିତ ହେବେ ଯେଉଁଥିରେ ୧୦ ଜଣ ଏସପି ସାମିଲ ଅଛନ୍ତି । ଆଇନ ଶୃଙ୍ଖଳା, କ୍ରାଉଡ କଣ୍ଟ୍ରୋଲ, ଟ୍ରାଫିକ, ରୁଟ୍ ଲାଇନ୍, ସ୍କ୍ୱାର୍ଡ ଟିମକୁ ମିଶାଇ ସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି । ତାହା ଭିତରେ ଭିଭିଆଇପି ମୋମେଣ୍ଟ କରାଯିବ । ଲୋକେ କିପରି ପାଖରୁ ପ୍ରଧାନମନ୍ତ୍ରୀଙ୍କୁ ଦେଖି ପାରିବେ ତାହା ବ୍ୟବସ୍ଥା ରହିବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ।

## ଆଇନ ଶୃଙ୍ଖଳା...

ଇଣ୍ଡିମେଣ୍ଟ ଦଳମାନେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାମଲୀଳା ମୈଦାନରେ ରାଲି କରିବାକୁ ଥିବାବେଳେ ଏହା ପୂର୍ବରୁ ଶାହଙ୍କର ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି ।

## ପିଏମ୍ ଇ-ବସ୍ ...

ହେବ । ଏଥିପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଓ ଆଧୁନିକ ସଂସ୍ଥାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ନ୍ୟାସନାଲ ଅର୍ବାନ୍ କନକ୍ଲେଭ୍ -୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି । ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ ସମାବେଶୀ, ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧା ସୁଯୋଗରେ ସମୃଦ୍ଧ କରିବା ।

ସେ ଆହୁରି କହିଛନ୍ତି ଯେ, ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି । ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି । କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' (ବିକେପିପିଇଆର) ପ୍ରତିଷ୍ଠା କରାଯାଉଛି । ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନସିପ୍ ଗଠନ କରାଯାଉଛି ଏବଂ ନୂତନ ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପିଏମଏୱାଇ-ଅର୍ବାନ୍ ଅଧୀନରେ ୧.୫୩ ଲକ୍ଷ ଆବାସ ନିର୍ମାଣ ହୋଇଥିବା ବେଳେ ପିଏମଏୱାଇ ୨.୦ ଅନ୍ତର୍ଗତ 'ପିଏମଏୱାଇ ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ଆଗାମୀ ୫ ବର୍ଷରେ ୧୬୧୫ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି, ଯେଉଁଥିରେ ଇଡବ୍ଲୁଏସ୍ ହିତାଧିକାରୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି'ରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତ୍ତିଭୂମି ପାଇଁ ୬୦୦୦ କୋଟି ଟଙ୍କା, ୧୧ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳଯୋଗାଣ ଏବଂ ୧୬୦୦ କୋଟି ଟଙ୍କାର 'ସ୍ୱଚ୍ଛ ଓଡ଼ିଶା ଯୋଜନା' କାର୍ଯ୍ୟକାରୀ ହେଉଛି । ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନା ଜରିଆରେ ସ୍ୱଚ୍ଛ ସାଥୀମାନଙ୍କୁ ଆଧୁନିକ ମେସିନ, ସୁରକ୍ଷା ସରଞ୍ଜାମ, ଜୀବନ ବୀମା ଓ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉଛି ।

ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଚାଲିବାର ଅଧିକାର' ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, ସାଇକେଲ ଟ୍ରାକ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ । ରାଜ୍ୟର କ୍ରୁଟ୍ ନେଟୱାର୍କ ୨୦୧୮ରେ ୨୦୦ଟି ବସ୍‌ରୁ ଆରମ୍ଭ ହୋଇ ଆଜି ୭୬୦ଟି ବସ୍ ସହ ୧୩ଟି ରୁଟ୍‌ରେ ୭ଟି ସହରକୁ ସଂଯୋଗ କରୁଛି, ଯେଉଁଥିରେ ଦୈନିକ ୩.୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି । ଶନିବାର ପିଏମ୍ ଇ-ବସ୍ ସେବା ଅଧୀନରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ିହେବ । ବର୍ତ୍ତମାନ କ୍ରୁଟ୍ ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି । ନୂଆ ଇ-ବସ୍ ଆସିବା ପରେ ଆଉ ୧୭ଟି ସହରରେ ଇ-ବସ୍ ସେବା ପ୍ରଦାନ କରାଯିବ । ଏହି ସହର ଗୁଡ଼ିକ ହେଲା ବାରିପଦା, ଅନୁଗୋଳ, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର, ରାୟଗଡ଼ା, ଜୟପୁର, ଭଦ୍ରକ ଓ ବଲାଙ୍ଗୀର ସହରରେ ଇ-ବସ୍ ସେବା କାର୍ଯ୍ୟକାରୀ ହେବ । ଏହା ସହିତ 'ଓଡ଼ିଶା ଯାତ୍ରୀ ଆପ୍' ଜରିଆରେ ଡିଜିଟାଲ ଟିକେଟିଂ ସୁବିଧା ସହିତ ୯ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ ଯାତ୍ରା ହୋଇଛି, ଯେଉଁଥିରେ ଚାଳକମାନେ ବିନା କମିଶନ୍‌ରେ ୧୦୦% ଭଡ଼ା ପାଇ ୧୨ କୋଟି ଟଙ୍କାର ରୋଜଗାରକ୍ଷମ ହୋଇପାରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଅଙ୍କୁର ହ୍ୟାଣ୍ଡବୁକ୍' ଏବଂ 'ଟାଉନ୍ ପ୍ଲାନିଂ ହ୍ୟାଣ୍ଡବୁକ୍' ର ଉନ୍ମୋଚନ କରିବା ସହ ନୂତନ ନଗର ଉନ୍ନୟନ ନୀତିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ନାଗରିକଙ୍କ ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ପବିତ୍ର ଧାମ ପୁରୀରୁ ଆରମ୍ଭ ହୋଇଥିବା 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଆଜି ସଫଳତାର ସହ ୧୧ଟି ସହରକୁ ସମ୍ପ୍ରସାରିତ ହୋଇଛି । ଏଥିସହିତ ରାଜ୍ୟର ୧୧୪ଟି ସହରାଞ୍ଚଳରେ ଘରେ ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଏହି ମିଶନକୁ ସୁଦୃଢ଼ ଓ ସୁଚାରୁ ରୂପେ ପରିଚାଳନା କରିବା ପାଇଁ 'ଜଳସାଥୀ'ମାନଙ୍କୁ ସାମିଲ କରାଯିବା ସହ, ଜଳର ଗୁଣବତ୍ତା ନିୟମିତ ପରୀକ୍ଷା ଓ ଅନୁଧ୍ୟାନ ପାଇଁ ଆଇ.ଆଇ.ଟି ର ସହଯୋଗ ନିଆଯାଉଛି ।

ଏହି କନ୍‌କ୍ଲେଭ୍‌ରେ ନୀତି ଆୟୋଗର ସିଇଓ ଅନୁରାଗ ଜୈନ କହିଛନ୍ତି ଯେ, '୨୦୪୭ ମସିହା ସୁଦ୍ଧା ଭାରତର ୫୦ ପ୍ରତିଶତ ଜନସଂଖ୍ୟା ସହରାଞ୍ଚଳରେ ବାସ କରିବେ ଏବଂ ଏହି ୫୦ ପ୍ରତିଶତ ଜନସଂଖ୍ୟା ଦେଶର ମୋଟ ଜି.ଡି.ପି. ର ୭୫ ପ୍ରତିଶତ ଯୋଗଦାନ ଦେବେ,' ବୋଲି କହିଛନ୍ତି । ସେ ଆହୁରି କହିଛନ୍ତି ଯେ ସହରୀକରଣ ସୁସଂଗଠିତ ଓ ଯୋଜନାବଦ୍ଧ ଉପାୟରେ ହେବା ଅତ୍ୟନ୍ତ ଜରୁରୀ । ସୁଚିନ୍ତିତ ଓ ଯୋଜନାବଦ୍ଧ ସହରୀକରଣ ଦେଶର ଅର୍ଥନୈତିକ ବିକାଶ ଓ ପ୍ରଗତିକୁ ଗତିଶୀଳ କରୁଥିବା ବେଳେ ଅସଂଯୋଜିତ ଓ ବିଶୃଙ୍ଖଳିତ ସହରୀକରଣ ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ ।

କେନ୍ଦ୍ର ସରକାରଙ୍କ ସହରୀ ବିକାଶ ବିଭାଗ ସଚିବ ସତେନ୍ଦ୍ର ପାଲ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି କନ୍‌କ୍ଲେଭ୍‌ରେ କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ, ଓଡ଼ିଶା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଅଧିକାରୀ, ବିଶେଷଜ୍ଞ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଏଲ୍‌ନିନୋ : ପ୍ରଶାନ୍ତ...

ବେଳେ ଅଗଷ୍ଟରେ ଏହା ୨.୫ ଡିଗ୍ରୀକୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଆଶଙ୍କା କରାଯାଉଛି ଯେ ଏହା ସ୍ୱାଭାବିକ ଠାରୁ ପ୍ରାୟ ୩.୭ ଡିଗ୍ରୀ ସେଲସିୟସ୍ ଅଧିକ ରହିବ, ଯାହା ୨୦୧୫-୧୬ ମସିହାରେ ରେକର୍ଡ ହୋଇଥିବା ୨.୬ ଡିଗ୍ରୀର ସର୍ବୋଚ୍ଚ ରେକର୍ଡକୁ ବହୁ ପଛରେ ପକାଇ ଦେଇଛି ।

ଏହି ଅସ୍ୱାଭାବିକ ସାମୁଦ୍ରିକ ଉଷ୍ଣତା ଭାରତ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ରିପୋର୍ଟ ଅନୁଯାୟୀ, ଚଳିତ ୨୦୨୬ ମସିହାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ପ୍ରାୟ ୧୩ ପ୍ରତିଶତ ହ୍ରାସ ପାଇଛି । ଏହା ସହିତ ଡବ୍ଲ୍ୟୁଏମଓ ଚେତାବନୀ ଦେଇଛି ଯେ, ଆଗାମୀ ମାସଗୁଡ଼ିକରେ ସମଗ୍ର ଦକ୍ଷିଣ ଏସିଆ ଓ ଭାରତୀୟ ଉପମହାଦେଶରେ ସ୍ୱାଭାବିକ ଠାରୁ ଅଧିକ ଗରମ ବା ଅତ୍ୟଧିକ ପ୍ରତିକୂଳ ତାପମାତ୍ରା ଅନୁଭୂତ ହେବ । ଏଲ୍ ନିନୋ ସମ୍ପୂର୍ଣ୍ଣ ଭାବେ ବର୍ଷା ନିୟନ୍ତ୍ରଣ କରୁନଥିଲେ ମଧ୍ୟ ଏହି ପ୍ରଶାନ୍ତ ମହାସାଗରର ପ୍ରବଳ ଗରମ ଜଳରାଶି ଯୋଗୁଁ ଭାରତରେ ମରୁଡ଼ି, ଜଳକଷ୍ଟ ଏବଂ ପ୍ରଭାବଶାଳୀ ଗ୍ରୀଷ୍ମ ପ୍ରବାହର ଆଶଙ୍କା ବହୁଗୁଣିତ ହୋଇଛି ।

# ଜନ ବିଶ୍ୱାସ ରେଳ ନିୟମର କାର୍ଯ୍ୟକାରୀ ଅନୁପାଳନକୁ ସୁଦୃଢ଼ କରୁଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥ ଯାତ୍ରୀ ସୁରକ୍ଷା, ଜନସାଧାରଣଙ୍କ ସୁବିଧା, ପରିଚ୍ଛନ୍ନତା ଏବଂ ରେଳବାଇ ପରିସରରେ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ସୁନିଶ୍ଚିତ କରିବା ଦିଗରେ ଜନ ବିଶ୍ୱାସ ଅଧିନିୟମ, ୨୦୨୬ ଅନୁଯାୟୀ ରେଳ ନିୟମର ଅନୁପାଳନକୁ ଅଧିକ ସୁଦୃଢ଼ କରିଛି । ୧୯ ଜୁନ୍ ୨୦୨୬ ଠାରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ନିୟମ ଉଲ୍ଲଂଘନ ଅଭିଯୋଗରେ ପୂର୍ବତଟ ରେଳପଥ ପକ୍ଷରୁ ୧୯,୩୮୮ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଠାରୁ ରେଳବାଇ ଅଧିନିୟମ, ୧୯୮୯ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ମୋଟ ୧,୦୦,୬୮,୧୨୫ ଟଙ୍କା (ଏକ କୋଟିରୁ ଅଧିକ ଟଙ୍କା) ଜୋରିମନା ଆଦାୟ କରାଯାଇଛି । ଜନ ବିଶ୍ୱାସ ଅଧିନିୟମ, ୨୦୨୬ ଅନୁଯାୟୀ ରେଳବାଇ ଅଧିନିୟମ, ୧୯୮୯ର ବିଭିନ୍ନ ଧାରାରେ ସଂଶୋଧନ କରାଯାଇଛି । ସଂଶୋଧିତ ଦଣ୍ଡବିଧାନ ବ୍ୟବସ୍ଥା ମାଧ୍ୟମରେ ନିୟମ ପାଳନକୁ ପ୍ରୋତ୍ସାହିତ କରିବା ଏବଂ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବା ଏହାର ଉଦ୍ଦେଶ୍ୟ । ଏହି ବ୍ୟବସ୍ଥା ଗୁଡ଼ିକର କାର୍ଯ୍ୟକାରିତା ମାଧ୍ୟମରେ ପୂର୍ବତଟ ରେଳପଥ ବେଆଇନ କାର୍ଯ୍ୟକଳାପକୁ ନିରୁତ୍ସାହିତ କରିବା, ରେଳବାଇ ପରିସରରେ ଶୃଙ୍ଖଳିତ ଯାତାୟାତ ସୁନିଶ୍ଚିତ କରିବା ଏବଂ ଯାତ୍ରୀମାନଙ୍କ ସ୍ୱାର୍ଥର ସୁରକ୍ଷା ଦିଗରେ ପଦକ୍ଷେପ ନେଉଛି । ଏହି ଅଭିଯାନରେ ବେଆଇନ ଭାବେ ହକର କରିବା ଓ ସାମଗ୍ରୀ ବିକ୍ରୟ କରିବା, ରେଳବାଇ ପରିସରରେ ଅନଧିକୃତ ପ୍ରବେଶ ଓ ଅନଧିକୃତ ଭାବେ ରହିବା, ରେଳ କର୍ମଚାରୀଙ୍କ ଆଇନସମ୍ମତ ନିର୍ଦ୍ଦେଶ ଅବମାନନା କରିବା, ଅନ୍ୟ ବ୍ୟକ୍ତିଙ୍କ ନାମରେ ବୁକ୍ ହୋଇଥିବା ଟିକେଟ୍‌ରେ ଅନଧିକୃତ ଭାବେ ଯାତ୍ରା କରିବା ଏବଂ ମହିଳାଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ଅନଧିକୃତ ଭାବେ ପ୍ରବେଶ କରିବା ଭଳି ବିଭିନ୍ନ ନିୟମ ଉଲ୍ଲଂଘନ ବିରୋଧରେ ପଦକ୍ଷେପ ନିଆଯାଇଛି ।

# ଟାଟୁ ଖୋଲିଲା ମହିଳା ହତ୍ୟାକାଣ୍ଡର ରହସ୍ୟ, ଆନ୍ଧ୍ରରୁ ଅଭିଯୁକ୍ତ ଗିରଫ

କଟକ, ୨୪/୧୦ ନ୍ୟୁଜ ବ୍ୟୁରୋ

କଟକ କାଠଯୋଡ଼ି ନଦୀକୂଳରେ ମିଳିଥିବା ଅଜଣା ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଘଟଣାର ରହସ୍ୟ ଉନ୍ମୋଚନ କରିଛି କମିସନରେଟ୍ ପୁଲିସ । ମହିଳାଙ୍କ ହାତରେ ଥିବା ଟାଟୁ ହିଁ ତାଙ୍କ ପରିଚୟ ଖୋଜିବାରେ ପୁଲିସକୁ ଗୁରୁତ୍ୱପୂର୍ଣ୍ଣ ସୁରାକ ଦେଇଥିଲା । ଏହାକୁ ଆଧାର କରି ତଦନ୍ତ ଆଗକୁ ବଢ଼ାଇ ପୁଲିସ ହତ୍ୟା ଅଭିଯୁକ୍ତ ଜଳନ୍ଧର ବାଗ୍‌କୁ ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ଅନ୍ତର୍ଗତ ପୁତ୍ତୁର ସହରରୁ ଗିରଫ କରିଛି । ମୃତ ମହିଳା ଜଣକ କଳାହାଣ୍ଡି ଜିଲ୍ଲାର ଗୌରୀ ଭୋଇ ବୋଲି ଚିହ୍ନଟ ହୋଇଛନ୍ତି । ଗତ ଅକ୍ଟୋବର ୭ ତାରିଖରେ କଟକର ରାଜାବଗିଚା ନିକଟ କାଠଯୋଡ଼ି ନଦୀକୂଳରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ମହିଳାଙ୍କ ମୁଣ୍ଡକୁ ଅତି ନିର୍ମମ ଭାବେ ଆଘାତ କରାଯାଇଥିବା ବେଳେ ମୁହଁ ବିକୃତ ହୋଇଯାଇଥିଲା ଏବଂ ଆଖି ନଷ୍ଟ କରାଯାଇଥିଲା । ଫଳରେ ତାଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥିଲା । ଘଟଣାସ୍ଥଳରେ ଫରେନସିକ୍ ଟିମ୍ ତଦନ୍ତ କରିଥିଲା । ଏହି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇ ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ କହିଥିଲେ ଯେ ତଦନ୍ତକାରୀ ଦଳ ମୃତଦେହର ବିଭିନ୍ନ ଚିହ୍ନ ଓ ଶାରୀରିକ ବୈଶିଷ୍ଟ୍ୟକୁ ଯାଞ୍ଚ କରିଥିଲା । ଏହି ସମୟରେ ମହିଳାଙ୍କ ହାତରେ ଥିବା ଟାଟୁ ପୁଲିସର ନଜରକୁ ଆସିଥିଲା । ଟାଟୁରେ 'ଅବିନାଶ ଗୌରୀ' ଲେଖାଥିବା ବେଳେ ମହିଳାଙ୍କ ନାକରେ ଥିବା ଛୋଟ ନୋଥ ମଧ୍ୟ ତଦନ୍ତରେ ସହାୟକ ହୋଇଥିଲା । ଟାଟୁରେ ଲେଖାଥିବା ନାମକୁ ଆଧାର କରି ପୁଲିସ ସୋସିଆଲ ମିଡିଆରେ ଖୋଜାଖୋଜି କରିଥିଲା । ଏହି ସମୟରେ ଅବିନାଶ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଫେସବୁକ୍ ପ୍ରୋଫାଇଲ୍ ସାମ୍ନାକୁ ଆସିଥିଲା । ତାଙ୍କର କଳାହାଣ୍ଡି ଜିଲ୍ଲାର ନର୍ଲା ଅଞ୍ଚଳ ସହ ସମ୍ପର୍କ ଥିବା ଜଣାପଡ଼ିବା ପରେ ପୁଲିସ ନର୍ଲା ଥାନା ସହ ଯୋଗାଯୋଗ କରିଥିଲା । କଟକ ସହର ପୁଲିସ ଜିଲ୍ଲାର ସାଇବର ସେଲ୍ ମଧ୍ୟ ବିଭିନ୍ନ ବୈଷୟିକ ତଥ୍ୟ ଯାଞ୍ଚ କରିଥିଲା । ଏଥିରେ ଜରୁରୀକାଳୀନ ସହାୟତା ବ୍ୟବସ୍ଥାର କଲ୍ ରେକର୍ଡ, ହସ୍ପିଟାଲ୍ ରେକର୍ଡ ଏବଂ କଟକ, ଜଗତସିଂହପୁର ଓ କାମାରେଡ୍ଡି ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା । ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟକୁ ଯୋଡ଼ି ଅଭିଯୁକ୍ତର ଗତିବିଧି ଉପରେ ପୁଲିସ ନଜର ରଖିଥିଲା । ଶେଷରେ ସେ ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ଅନ୍ତର୍ଗତ ପୁତ୍ତୁର ସହରରେ ଥିବା ନେଇ ସୂଚନା ମିଳିଥିଲା । ସ୍ଥାନୀୟ ପୁଲିସର ସହଯୋଗରେ ତଦନ୍ତକାରୀ ଦଳ ତାକୁ ଗିରଫ କରିଥିଲା । କଟକ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଳନ୍ଧର ବାଗ୍ ପେସାରେ ଜଣେ ରାଜମିସ୍ତ୍ରୀ । ମହିଳାଙ୍କ ସ୍ୱାମୀ ଜେଲ୍ ଯିବା ପରେ ଅଭିଯୁକ୍ତଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ତେବେ ଅକ୍ଟୋବର ୭ ତାରିଖରେ ମହିଳାଙ୍କୁ କଟକ ଆଣିବା ପରେ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି । ଏହି ଜଘନ୍ୟ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଏବଂ ଘଟଣା ସମ୍ପର୍କିତ ଅନ୍ୟାନ୍ୟ ଦିଗ ନେଇ ପୁଲିସର ତଦନ୍ତ ଜାରି ରହିଛି ।

# ରାଜ୍ୟପାଳଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଶନିବାର ଦିନ ଲୋକଭବନରେ ରାଜ୍ୟପାଳ ଶ୍ରୀ ବ୍ରଜମୋହନ ରାମ ଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ କାର୍ଯ୍ୟ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଜନସ୍ୱାର୍ଥ ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

# କାଠଯୋଡ଼ିକୁ ଡେଇଁପଡ଼ିଲେ ଗୋରୁ ବୋଝେଇ ଗାଡ଼ିର ଚାଳକ

କଟକ, ନ୍ୟୁଜ ବ୍ୟୁରୋ

ଗୋରୁ ବୋଝେଇ ଗାଡ଼ିକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି । ପିଛା କରୁଥିବା କିଛି ଯୁବକଙ୍କୁ ଦେଖି ଗାଡ଼ି ଛାଡ଼ି କାଠଯୋଡ଼ି ନଦୀକୁ ଡେଇଁପଡ଼ିଲେ ଚାଳକ । ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବିଡ଼ାନାସୀ ଅଗ୍ନିଶମ ବାହିନୀ । ଦୀର୍ଘ ଚେଷ୍ଟା ପରେ ଚାଳକଙ୍କୁ ନଦୀରୁ ସୁରକ୍ଷିତ ଉଦ୍ଧାର କରାଯାଇ ପୋଲିସର ଜିମା ଦିଆଯାଇଛି । ସୂଚନା ଅନୁଯାୟୀ, ଗୋରୁ ବୋଝେଇ ଗାଡ଼ିଟି ରାସ୍ତାରେ ଯାଉଥିବା ବେଳେ କିଛି ଯୁବକ ଏହାକୁ ଅଟକାଇବା ପାଇଁ ପିଛା କରିଥିଲେ । ଏହି ସମୟରେ ଚାଳକ ହଠାତ୍ ଗାଡ଼ି ଛାଡ଼ି କାଠଯୋଡ଼ି ନଦୀକୁ ଡେଇଁପଡ଼ିଥିଲେ । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ଖବର ପାଇ ବିଡ଼ାନାସୀ ଅଗ୍ନିଶମ ବାହିନୀର କର୍ମଚାରୀମାନେ ତୁରନ୍ତ ନଦୀରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଉଦ୍ଧାର ହୋଇଥିବା ଚାଳକଙ୍କ ନାମ ଶେଖ୍ ଅବଦୁଲ ଶାହାଜାନ ବୋଲି ଜଣାପଡ଼ିଛି । ପରେ ତାଙ୍କୁ ପୋଲିସର ଜିମା ଦିଆଯାଇଥିଲା । ତେବେ ଚାଳକ କାହିଁକି ନଦୀକୁ ଡେଇଁଲେ, ଗାଡ଼ିରେ ଥିବା ଗୋରୁମାନଙ୍କୁ କେଉଁଠାକୁ ନିଆଯାଉଥିଲା ଏବଂ ଘଟଣାର ପ୍ରକୃତ କାରଣ କ'ଣ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ଏହି ସମସ୍ତ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରହିଛି ।

# ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଜେପି ସରକାରଙ୍କ କାମ କମ୍ କଥା ବେଶୀ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଗତ ୨୮ ମାସ ମଧ୍ୟରେ ବିପର୍ଯ୍ୟୟର ମୁକାବିଲା ଓ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସରକାରୀ ତଥ୍ୟ ଓ ବାସ୍ତବ ସ୍ଥିତି ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ବନ୍ୟା, ଭୂସ୍ଖଳନ ଓ ବାତ୍ୟା ଯୋଗୁଁ ଅନେକ ଜୀବନହାନି ଘଟିଥିବା ବେଳେ ରିଲିଫ୍ ବଣ୍ଟନରେ ବିଳମ୍ବ ଏବଂ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କ ପାଖରେ ସହାୟତା ପହଞ୍ଚାଇବାରେ ସରକାରଙ୍କ ପ୍ରସ୍ତୁତି ଓ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଥିବା କହିଛି ବିଜେଡି । ଆଜି ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି କହିଥିଲେ ଯେ, ଶ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ବିପର୍ଯ୍ୟୟ ପରିଚାଳନାକୁ ନେଇ ସାରା ବିଶ୍ୱରେ ପ୍ରଶଂସା ସାଉଁଟିଥିଲା ଓଡ଼ିଶା । ବିଜେଡି ସରକାରରେ 'ଜିରୋ କାଜୁଆଲିଟି' ମୁଖ୍ୟ ଲକ୍ଷ୍ୟ ଥିଲା, କିନ୍ତୁ ତାହା ଆଜି ଦୁର୍ବଳ ହେବାରେ ଲାଗିଛି । ବିପର୍ଯ୍ୟୟ ପରିଚାଳନାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ବିପର୍ଯ୍ୟୟ ପରିଚାଳନା କେବଳ ସରକାରୀ ଘୋଷଣା ଓ ବୈଠକରେ ସୀମିତ ରହିବା ଉଚିତ୍ ନୁହେଁ । ବିପର୍ଯ୍ୟୟ ପୂର୍ବରୁ ବ୍ୟାପକ ପ୍ରସ୍ତୁତି, ତ୍ୱରିତ ପଦକ୍ଷେପ ଏବଂ ପରବର୍ତ୍ତୀ ସମୟରେ ପ୍ରଭାବିତ ଲୋକଙ୍କୁ ରିଲିଫ୍, କ୍ଷତିପୂରଣ ଓ ଥଇଥାନ କରାଇବା ହେଉଛି ପ୍ରକୃତ ବିପର୍ଯ୍ୟୟ ପରିଚାଳନା । ୧୯୯୯ ମସିହାର ଭୟାବହ ସୁପର ସାଇକ୍ଲୋନ୍ ଅନୁଭୂତିରୁ ଶିକ୍ଷା ଗ୍ରହଣ କରି ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଠନ କରିଥିଲା ।

ଡ଼ ମହାନ୍ତି ଆହୁରି କହିଥିଲେ ଯେ, ବିଜେଡି ସରକାରରେ ରାଜ୍ୟରେ ଶହ ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବା ସହ ପାଣିପାଗର ପୂର୍ବାନୁମାନ ଆଧାରରେ ଆଗୁଆ ସତର୍କତା ଅବଲମ୍ବନ କରି ବିପଦସଙ୍କୁଳ ସ୍ଥାନରୁ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତର କରି ବିପର୍ଯ୍ୟୟ ମୁକାବିଲାର ରୋଲ୍ ମଡେଲ ସାଜିଥିଲା ଓଡ଼ିଶା । ଏହି ମଡେଲ ଯୋଗୁଁ ବାତ୍ୟା ସମୟରେ ଜୀବନହାନିକୁ ବ୍ୟାପକ ଭାବେ ହ୍ରାସ କରାଯାଇଥିଲା । 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତିକୁ ଆଧାର କରି ଓଡ଼ିଶା ଯେଉଁ 'ଜିରୋ କାଜୁଆଲିଟି' ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲା, ତାହା ଦେଶ ଓ ବିଦେଶରେ ଏକ ମଡେଲ୍ ଭାବେ ପରିଚୟ ହାସଲ କରିଥିଲା । ଏହା କେବଳ ଏକ ପ୍ରଶାସନିକ ସଫଳତା ନଥିଲା, ବରଂ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାର ଏକ ଦୃଷ୍ଟାନ୍ତ ଥିଲା । ବିଜେପି ସରକାର ରାଜନୈତିକ ପ୍ରଚାର ଓ ଘୋଷଣାରେ ସୀମିତ ନରହି ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ।

# ଜଳେଶ୍ୱର ନାବାଳିକା ଗଣ ଦୁଷ୍କର୍ମ ଓ ହତ୍ୟା ଘଟଣା

# ଅକ୍ଟୋବର ୨୭ରେ କଂଗ୍ରେସର ଜଳେଶ୍ୱର ବନ୍ଦ ଡାକରା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜଳେଶ୍ୱରର ପଶ୍ଚିମବାଡ଼ ସ୍ଥିତ ଦେବକୁମାର ଗାଁର ନବମ ଶ୍ରେଣୀରେ ପଢୁଥିବା ଝିଅକୁ ଧର୍ଷଣ ପରେ ହତ୍ୟା ଘଟଣାରେ କଂଗ୍ରେସ କ୍ରାଇମବ୍ରାଂଚ୍ ତଦନ୍ତ ଦାବି କରିବା ସହିତ ଆସନ୍ତା ଅକ୍ଟୋବର ୨୭ ତାରିଖରେ ୮ ଘଂଟିଆ ବନ୍ଦ ଡାକରା ଦିଆ ଯାଇଛି । ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୁଦର୍ଶନ ଦାସ କହିଲେ ଯେ ସେ ଝିଅ ପ୍ରତି ଜଘନ୍ୟ ଦୁଷ୍କର୍ମ ଓ ହତ୍ୟାର ମୂଳ କାରଣ । ଶାସକ ଦଳର ନେତାମାନଙ୍କ ପୋଲିସ ଉପରେ ପ୍ରଭାବ ମଧ୍ୟ ଏହି ଘଟଣାକୁ ପ୍ରଭାବିତ କରିଛି । ୧୬ ତାରିଖରୁ ୨୨ ତାରିଖ ଭିତରେ କେଉଁ ନେତାମାନେ ଆଇ ଆଇ ସି ଙ୍କୁ ଫୋନ କରିଛନ୍ତି ତାର ଯାଞ୍ଚ ହେବା ଜରୁରୀ ।ଏହି ଧର୍ଷଣ ଓ ହତ୍ୟା ପଛରେ ଜଣେ ନୁହଁ, ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି । ପ୍ରମାଣ ଲୁଚାଇବା ପାଇଁ ଯେଉଁ କେମିକାଲ ଓ ପଦ୍ଧତି ବ୍ୟବହାର କରାଯାଇଛ । ସେଥିପାଇଁ ଘଟଣାର କ୍ରାଇବ୍ରାଂଚ ତଦନ୍ତ ଦାବି କରିବା ସହିତ ଦୋଷୀ ପୋଲିସ ଅଧିକାରୀ ମାନଙ୍କୁ ବଦଳି ନୁହଁ, ସେମାନଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ ଶ୍ରୀ ଦାସ ଦାବି କରିଛନ୍ତି । ଡ ମନୀଷା ଦାଶ ପଟ୍ଟନାୟକ କହିଲେ ଯେ ଏହି ଘଟଣା ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ କାର୍ଯ୍ୟ ।ବାଲେଶ୍ୱର ସାଂସଦ ଓ ବିଜେପି ନେତ୍ରୀ ଏଥିପାଇଁ ପୋଲିସକୁ ଦାୟୀ କରିବା ଦୁର୍ଭାଗ୍ୟ ଜନକ । ପୋଲିସ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଛି । ସାଂସଦ ଶ୍ରୀ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ଦାୟୀ କାହିଁକି କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହା ସହିତ ମୃତକ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ମୃତ ଝିଅର ବଡ଼ ଭଉଣୀଙ୍କୁ ସରକାରୀ ଚାକିରି ଦେବାକୁ ସେ ଦାବି କରିଥିଲେ ।

# ଦୁଷ୍କର୍ମ କରିଥିବା ଅଭିଯୋଗରେ ସମ୍ପର୍କୀୟ ଦାଦା ଅଟକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜଧାନୀରେ ଲଜ୍ୟା । ଦୁଷ୍କର୍ମ କରିଥିବା ଅଭିଯୋଗରେ ସମ୍ପର୍କୀୟ ଦାଦା ଅଟକ । ମହିଳା ପୋଲିସ ଥାନାରେ ଲିଖିତ ଅଭିଯୋଗ ପରେ ଦାଦାକୁ ଅଟକ ରଖି ପଚରା ଉଚରା କରିଛି ମହିଳା ପୋଲିସ । ପୀଡ଼ିତା ଯୁବତୀଙ୍କୁ ଦୀର୍ଘ ଦିନ ଧରି ପାଖରେ ରଖି ଜୋରଜବରଦସ୍ତି ସମ୍ପର୍କ ରଖୁଥିଲା ଦାଦା । ଦାଦା ବିରୁଦ୍ଧରେ ପୀଡ଼ିତା ଯୁବତୀ ମହିଳା ଥାନାର ଦ୍ୱାରସ୍ଥ ହେବା ପରେ ଦାଦାକୁ ବାନ୍ଧିଛି ପୋଲିସ୍ ।

# ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜଗତସିଂହପୁର ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ ଜେ ସୋନାଲ ସଭାବନା ସଭାଗୃହରେ ଏକ ପ୍ରେସ୍ ବିବୃତ୍ତି ଆଗତ କରିଥିଲେ । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୬ ଅକ୍ଟୋବରରେ ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ ସୃଷ୍ଟି ହୋଇ ବାତ୍ୟାର ରୂପ ନେବା ସହ ସମୁଦ୍ର ମଧ୍ୟରେ ଗତି କରି ୨୭ ମଧ୍ୟରାତ୍ର କିମ୍ବା ୨୮ତାରିଖ ସକାଳ ସୁଦ୍ଧା କାକିନାଡା ଠାରେ ସ୍ଥଳଭାଗ ଛୁଇଁବ । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ଅରେଞ୍ଜ ୱାର୍ନିଙ୍ଗ ସହ ବର୍ଷା ଏବଂ ଘଣ୍ଟା ପ୍ରତି ୫୦



କିମି ରୁ ୬୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାର ଉପକୂଳବର୍ତ୍ତୀ ବାତ୍ୟା ପ୍ରବଣ ଅଞ୍ଚଳ ଯେପରି ବାଲିକୁଦା, ଏରସମା ଓ କୁଜଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳ ରେ କଚ୍ଚା ଘରେ ରହୁଥିବା ଲୋକ, ତଳିଆ ଅଞ୍ଚଳ, ଜଳମଗ୍ନ ହେବାର ଆଶଙ୍କା ଥିବା ଅଞ୍ଚଳ, ବିସ୍ଥାପିତ ଶ୍ରମଜୀବୀମାନଙ୍କୁ ନିରାପଦ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ପ୍ରସ୍ତୁତ ସରିଛି । ଏ ନେଇ ଶନିବାର ପୂର୍ବାହ୍ନରେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ, ସମସ୍ତ ଲାଇନ୍ ବିଭାଗ, ବିଡ଼ିଓ, ତହସିଲଦାରଙ୍କ ସମେତ ବରିଷ୍ଠ ଅଧିକାରଙ୍କ ସହ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଯାଇଛି । ଏଥିସହିତ ସମସ୍ତ ଜିଲ୍ଲାବାସୀ ଙ୍କୁ ଭୟଭୀତ ନ ହୋଇ, ଗୁଜବ ର ଶିକାର ନହୋଇ, ସତ୍ୟାସତ୍ୟ ଅନୁସନ୍ଧାନ ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହି ପ୍ରେସ ବିବୃତ୍ତି ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡେପୁଟି କଲେକ୍ଟର ଏମର୍ଜେନ୍ସି,ଏସ ଡି ପି ଓ,ଜଗତସିଂହପୁର, ଡି ଏସ ପି ଡି ଆଇ ବି, ଆଇ ଆଇ ସି, ଜଗତସିଂହପୁର ଙ୍କ ସମେତ ସମସ୍ତ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ପ୍ରତିନିଧି ଉପସ୍ଥିତ ଥିଲେ ।

ଭୁବନେଶ୍ୱର, ୨୫ ଅକ୍ଟୋବର, ରବିବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ୨୬ରୁ ହବିଷ ବ୍ରତ ଆରମ୍ଭ : ଶ୍ରୀକ୍ଷେତ୍ରରେ ୩ଟି କେନ୍ଦ୍ରରେ ରହିବେ ୨୪୦୦ ହବିଷ୍ୟାଳୀ



**ପୁରୀ, ୨୪/୧୦ ନ୍ୟୁଜ ବ୍ୟୁରୋ**
ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ମାସ ୨୬ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀରେ ୩ଟି କେନ୍ଦ୍ରରେ ୨୪୦୦ ହବିଷ୍ୟାଳୀ ମାଆମାନଙ୍କୁ ଉପଯୁକ୍ତ ଓ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କାର୍ତ୍ତିକ ମାସରେ ଏହାକୁ ଏକ ପବିତ୍ର ସେବା ଭାବେ ଗ୍ରହଣ କରି ମାଆମାନଙ୍କୁ ସହଯୋଗ କରିବାକୁ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ପରାମର୍ଶ ଦେଇଛନ୍ତି । ପୁରୀ ଟାଉନ ହଲ୍ ଠାରେ ହବିଷ ବ୍ରତ କାର୍ଯ୍ୟରେ ନିୟୋଜିତ ସ୍ୱେଚ୍ଛାସେବୀମାନଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ହବିଷ୍ୟାଳୀମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ । ଏସ୍‌ପି ପ୍ରତୀକ ସିଂ ଯୋଗ ଦେଇ ହବିଷ୍ୟାଳୀ ମାଆମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ ।
ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଶ୍ରୀମନ୍ଦିର ସୁରକ୍ଷା କମାଣ୍ଡର ତାପସ କୁମାର ଦାସ, ଅତିରିକ୍ତ ଏସ୍‌ପି ଡିଆଇବି ଦେବୀ ଶଙ୍କର ପ୍ରତାପ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସଦର ବିଡ଼ିଓ ସମ୍ବିତ ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ସୌମ୍ୟଶ୍ରୀ ପାଣିଗ୍ରାହୀ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଓଡ଼ିଶା ଆସିବେ ଜାପାନର ୧୦୦ ଜଣିଆ ପ୍ରତିନିଧି ଦଳ

## ନିବେଶ, ନିଯୁକ୍ତି ଓ ପର୍ଯ୍ୟଟନରେ ବଢ଼ିବ ସମ୍ଭାବନା

**ଭୁବନେଶ୍ୱର, ୨୪/୧୦ ନ୍ୟୁଜ ବ୍ୟୁରୋ**
ଓଡ଼ିଶା ଆସିବେ ଜାପାନ ସରକାରଙ୍କ ଶହେ ଜଣିଆ ପ୍ରତିନିଧି ଦଳ । ଜାପାନ ସହ ଓଡ଼ିଶାର ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ । ଆସନ୍ତା ମାସରେ ଓଡ଼ିଶା ଗସ୍ତରେ ଆସିବେ ଜାପାନର ଟଟୋରୀ ପ୍ରଦେଶର ପ୍ରାୟ ୧୦୦ ଜଣିଆ ପ୍ରତିନିଧି ଦଳ । ପ୍ରତିନିଧି ଦଳରେ ଟଟୋରୀ ପ୍ରଦେଶର ରାଜ୍ୟପାଳ ଶିଞ୍ଜି ହିରାଇଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀ, ଶିଳ୍ପପତି ଓ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ସାମିଲ ହେବେ । ଗସ୍ତ ସମୟରେ ଓଡ଼ିଶା ସରକାରଙ୍କ ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହେବ। ବିଶେଷ କରି ଶିକ୍ଷା, ବାଣିଜ୍ୟ, ପର୍ଯ୍ୟଟନ, ନିଯୁକ୍ତି ଏବଂ ବୈଷୟିକ ସହଯୋଗ ଭଳି



କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବା ନେଇ ଆଶା କରାଯାଉଛି । ଏହି ଗସ୍ତ ଦ୍ୱାରା ଓଡ଼ିଶାକୁ ନିବେଶ ଆକର୍ଷିତ କରିବା ସହ ଦୁଇପକ୍ଷଙ୍କ ମଧ୍ୟରେ ବ୍ୟାବସାୟିକ ସମ୍ପର୍କ ଓ ସହଭାଗିତାକୁ ନୂଆ ଦିଗ ମିଳିପାରେ। ଗସ୍ତ ପରେ ଓଡ଼ିଶା-ଜାପାନ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି । ଟଟୋରୀ ସରକାରଙ୍କ ଭାରତୀୟ ବ୍ୟବସାୟ ପରାମର୍ଶଦାତା କୁନା ଦାଶ ବି ଏହି ଗସ୍ତରେ ରହିଛନ୍ତି। ଏହି ଗସ୍ତ ଉଭୟ ଦେଶର ପର୍ଯ୍ୟଟନ ଶିଳ୍ପକୁ ଏକ ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଓଡ଼ିଶାରେ ଥିବା ବୌଦ୍ଧ କୀର୍ତ୍ତିରାଜି ଜାପାନର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ। ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇପାରିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଛନ୍ତି ।



ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତର ଅବ୍ୟବହିତ ପୂର୍ବରୁ ତାଙ୍କର ସୁରକ୍ଷା ପାଇଁ ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଠାରୁ ଲୋକ ଭବନ ପର୍ଯ୍ୟନ୍ତ କମିଶନରେଟ ପୋଲିସ ପକ୍ଷରୁ ଆୟୋଜିତ କାରକେଡ୍ ରିହର୍ସାଲ। (ଫଟୋ: ସମ୍ବାଦ କଳିକା)

# ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ

**ଜଗଦଲପୁର (ଛତିଶଗଡ଼), ୨୪/୧୦**
ଓଡ଼ିଶାର ଆଦିବାସୀ ଅଞ୍ଚଳରେ ବଢ଼ିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ମୁରିଆ ଦରବାର ଭଳି ପରମ୍ପରାର ଗୁରୁତ୍ୱ ତାଙ୍କ ନିଜ ପରିବାରର ଅନୁଭୂତି ସହ ଜଡ଼ିତ। ତାଙ୍କ ପିତା ଜଣେ ଗ୍ରାମ ମୁଖିଆ ଥିଲେ। ବସ୍ତର ଦଶହରାର ପାରମ୍ପରିକ ଉତ୍ସବରେ ଯୋଗଦେଇ ସେ ନିଜ ପିଲାଦିନର ସ୍ମୃତିକୁ ମନେ ପକାଇବା ସହ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁରିଆ ଦରବାର ଉତ୍ସବକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହି ଅନନ୍ୟ ଆଦିବାସୀ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ପାଇଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ସେ କହିଥିଲେ, "ମୁଁ ମଧ୍ୟ ଆପଣମାନଙ୍କ ମଧ୍ୟରୁ ଜଣେ। ମୁଁ ମଧ୍ୟ ଜଣେ ମାଝୀଙ୍କ



ଝିଅ। ଆଜି ବି ଆଦିବାସୀ ସମାଜର ଲୋକମାନେ ଏକାଠି ହୋଇ ସୁଖ ଓ ଶାନ୍ତିରେ ଜୀବନ ବିତାଉଛନ୍ତି, ନାଚୁଛନ୍ତି, ଗାଉଛନ୍ତି ଏବଂ ନିଜ ସଂସ୍କୃତିକୁ ସଂରକ୍ଷିତ ରଖିଛନ୍ତି। ଏହି ସଂସ୍କୃତି ଓ ପରମ୍ପରାକୁ ଜୀବିତ ରଖିଥିବାରୁ ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି।" ସ୍ଥାନୀୟ ବିବାଦର ସମାଧାନ ପାଇଁ ସମ୍ପ୍ରଦାୟଭିତ୍ତିକ ବ୍ୟବସ୍ଥାର ଉପଯୋଗ କରିବା ସହ ସମ୍ଭବ ହେଲେ ଦୀର୍ଘ ଆଇନଗତ ପ୍ରକ୍ରିୟାରୁ ଦୂରେଇ ରହିବାକୁ ରାଷ୍ଟ୍ରପତି ଲୋକଙ୍କୁ ଆହ୍ୱାନ ଦେଇଥିଲେ। ନିଜ ଅଭିଭାଷଣର ଶେଷରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାଂସ୍କୃତିକ ପରମ୍ପରାର ସୁରକ୍ଷା ସହ ପ୍ରଗତି ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ କହିଥିଲେ, "ସମୟ ସହ ଲୋକମାନେ ନିଜର ଚିନ୍ତାଧାରା ବଦଳାଇବା ଉଚିତ, କିନ୍ତୁ ନିଜ ପରମ୍ପରାକୁ ଛାଡ଼ିବା ଉଚିତ ନୁହେଁ।" ବିଶ୍ୱପ୍ରସିଦ୍ଧ ତଥା ଐତିହାସିକ 'ବସ୍ତର ଦଶହରା'ର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା ହେଉଛି ମୁରିଆ ଦରବାର। ବସ୍ତର ଦଶହରା ୭୫ ଦିନ ଧରି ପାଳନ କରାଯାଏ। ମୁରିଆ ଦରବାରକୁ ଏକ ପାରମ୍ପରିକ ଆଦିବାସୀ ସଭା, ଅର୍ଥାତ୍ 'ଆଦିମ ଜନଜାତିଙ୍କ ସଂସଦ' ଭାବେ ବିବେଚନା କରାଯାଏ। 'ରଥ ପରିକ୍ରମା' ବା ରଥ ଶୋଭାଯାତ୍ରା ପରେ ଏହି ସଭା ଅନୁଷ୍ଠିତ ହୁଏ। ଏହି ଅବସରରେ ଛତିଶଗଡ଼ର ରାଜ୍ୟପାଳ ରମେନ ଡେକା, ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ୨୩.୪ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ : ଜଣେ ଗିରଫ

**କଟକ, ୨୪/୧୦ ନ୍ୟୁଜ ବ୍ୟୁରୋ**
କଟକରେ ନିଶା କାରବାର ବିରୋଧରେ ଅବକାରୀ ବିଭାଗର ଚଢ଼ଉ ସମୟରେ ବଡ଼ ସଫଳତା ମିଳିଛି। ଇଆଇ ଆଣ୍ଡ ଇବି ୟୁନିଟ୍-୧ର ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଜଗତପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ସାହୁ କଲେଜ ନିକଟ ରାସ୍ତାରେ ଚଢ଼ଉ କରାଯାଇ ୨୨୭ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରାଯାଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ୨୩ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଗୋଟିଏ ଇ-ସ୍କୁଟି ଓ ଗୋଟିଏ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ବଇରୀ ଥାନା ଅନ୍ତର୍ଗତ ଛତିଆ ପୋଷ୍ଟ ଅଫିସ ଅଧୀନ ସୋଲାର ଗ୍ରାମର କେଶବ ଚନ୍ଦ୍ର ବେହେରା (୩୫)। ସେ ଯାଜପୁରରୁ କଟକକୁ ବ୍ରାଉନ୍ ସୁଗାର ପରିବହନ କରୁଥିବା ସମୟରେ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ତାକୁ ଧରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଅବକାରୀ ଅଧୀକ୍ଷକ ସମରଜିତ୍ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏବଂ ଉପ-ଅବକାରୀ ଅଧୀକ୍ଷକ ରୋଶନ



ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ଉ କରାଯାଇଥିଲା। ଘଟଣା ସଂକ୍ରାନ୍ତରେ ଏନ୍‌ଡିପିଏସ୍ ଆଇନ, ୧୯୮୫ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କଟକର ଜିଲ୍ଲା ଓ ଦୌରା ଜଜ୍-ତଥା-ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ତା'ର ଜାମିନ ଆବେଦନ ଖାରଜ ହେବା ପରେ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଚଢ଼ଉରେ ସବ୍-ଇନ୍ସପେକ୍ଟର ବଳବୀର ଗଡ଼ନାୟକ, ଏଏସ୍‌ଆଇ କିଶୋର କୁମାର ରାଉତ ଓ ସଞ୍ଜୀବ କୁମାର ମୁଣ୍ଡାଙ୍କ ସମେତ ମହିଳା କନଷ୍ଟେବଳ ରୋଜାଲିନ ପଟ୍ଟନାୟକ, କନଷ୍ଟେବଳ ଦେବାଶିଷ ବେହେରା, ଜଗନ୍ନାଥ ସାହୁ, ଶଙ୍କର୍ଷଣ ରାଉତ, ସୁମିତ କୁମାର ନାୟକ, ରଞ୍ଜିତ ସାହୁ ଏବଂ ଡ୍ରାଇଭର କୃଷ୍ଣ ମୋହନ ଦାସ ସାମିଲ ଥିଲେ। ଜିଲ୍ଲାକୁ ନିଶାମୁକ୍ତ ରଖିବା ସହ ବେଆଇନ ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଆଗାମୀ ଦିନରେ ମଧ୍ୟ ଚଢ଼ଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପ୍ରମୋଦ ଉଦ୍ୟାନ ପାଲଟିଛି ସରୀସୃପଙ୍କ ଆବାସସ୍ଥଳୀ

## ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି କୋଟି କୋଟି ଟଙ୍କାର ପ୍ରକଳ୍ପ

**ରାଜନଗର, ୨୪/୧୦ ନ୍ୟୁଜ ବ୍ୟୁରୋ**
କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ହଂସୁଆ ନଦୀ କୂଳରେ ନିର୍ମାଣ ହୋଇଥିଲା ବିଜୁ ପଟ୍ଟନାୟକ ଶିଶୁ ପ୍ରମୋଦ ଉଦ୍ୟାନ। ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ପ୍ରମୋଦ ଉଦ୍ୟାନ ଏବେ ଜଙ୍ଗଲ ପାଲଟିଛି। ରକ୍ଷଣାବେକ୍ଷଣା ଅଭାବରୁ ପାର୍କରେ ରଖାଯାଇଥିବା ବିଭିନ୍ନ ସାମଗ୍ରୀ ବି ଭାଙ୍ଗିରୁଜି ଗଲାଣି।




ରାଜନଗର ହଂସୁଆ ନଦୀକୂଳରେ ୨୦୧୯ -୨୦ରେ କୋଟିଏରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା ବିଜୁ ପଟ୍ଟନାୟକ ଶିଶୁ ପ୍ରମୋଦ ଉଦ୍ୟାନ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏଠାରେ ଲୋକଙ୍କ ଭିଡ଼ ଜମୁଥିଲା। ମାନସିକ ଅବସାଦ ଦୂର କରିବା ସହ ନିରୋଳାରେ କିଛି ମୁହୂର୍ତ୍ତ ବିତାଉଥିଲେ। ଶତାଧିକ ଶିଶୁଙ୍କ ମନୋରଞ୍ଜନର ମାଧ୍ୟମ ମଧ୍ୟ ପାଲଟିଥିଲା ଏହି ପାର୍କ। ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ। ସରୀସୃପଙ୍କ ବାସସ୍ଥଳୀ ପାଲଟିଛି ପାର୍କ। ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଥିବା ସାମଗ୍ରୀ ଭାଙ୍ଗିରୁଜି ଯାଇଥିବାବେଳେ ଅନେକ ସାମଗ୍ରୀ ଚୋରି ବି ହୋଇଗଲାଣି। ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ଏହି ପ୍ରମୋଦ ଉଦ୍ୟାନ ନିର୍ମାଣ ହେବା ପରେ ଗୋପାଳପୁର ପଞ୍ଚାୟତକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପ୍ରତିବର୍ଷ ପାର୍କର ରକ୍ଷଣାବେକ୍ଷଣା ଓ ମରାମତି ନାଁରେ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କାର ବିଲ୍ ବି ହେଉଛି। ଗତବର୍ଷ ମନରେଗାରେ ପାର୍କ ମରାମତି ପାଇଁ ୧ ଲକ୍ଷ ୧୧ ହଜାର ୯୩୨ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ମାତ୍ର କାମର ନାଁ ଗନ୍ଧ ନାହିଁ। ଏହାର ତଦନ୍ତ ସହ ପାର୍କର ପୁନରୁଦ୍ଧାର କରିବାକୁ ଦାବି ହୋଇଛି।

# ରେଳ ଧାରଣାରୁ ମିଳିଲା ଏଏସ୍‌ଆଇ ଜିତେନ୍ଦ୍ରଙ୍କ ମୃତଦେହ

**କଟକ, ୨୪/୧୦ ନ୍ୟୁଜ ବ୍ୟୁରୋ**
କଟକରେ ରେଳ ଧାରଣାରୁ ଜଣେ ପୋଲିସ ଏଏସ୍‌ଆଇଙ୍କ ମୃତଦେହ ଉଦ୍ଧାର ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକ ହେଉଛନ୍ତି ଜିତେନ୍ଦ୍ର ସାମନ୍ତରାୟ। ଶନିବାର କଟକ ଲିଙ୍କ୍ ରୋଡ୍ ନିକଟ କାଠଯୋଡ଼ି ରେଳ ଧାରଣାରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ଜିତେନ୍ଦ୍ର କଟକର ବିଡ଼ାନାସୀ ଅନ୍ତର୍ଗତ ଚହଟା ଅଞ୍ଚଳରେ ରହୁଥିଲେ। ତାଙ୍କ ନିଜ ଘର ବାଲୁଗାଁରେ ବୋଲି ଜଣାପଡ଼ିଛି। ସେ ୨୦୧୧ ମସିହାରେ କନଷ୍ଟେବଳ ଭାବେ ପୋଲିସ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ପ୍ରାୟ ପାଞ୍ଚ ମାସ ପୂର୍ବେ ତାଙ୍କୁ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସ୍‌ଆଇ) ପାହ୍ୟାକୁ ପଦୋନ୍ନତି ମିଳିଥିଲା। ବର୍ତ୍ତମାନ ସେ ବଇରୀସ୍ଥିତ ପୋଲିସ ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିଲେ। ରେଳ ଧାରଣାରୁ ଜଣେ ପୋଲିସ ଅଧିକାରୀଙ୍କ ମୃତଦେହ ମିଳିବା ପରେ ଘଟଣାକୁ ନେଇ ନାନା ପ୍ରଶ୍ନ ଉଠିଛି। ଏହା ଏକ ଦୁର୍ଘଟଣା ନା ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ଜଣାପଡ଼ିନାହିଁ। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତର ଅଗ୍ରଗତି ଓ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି। ଜିତେନ୍ଦ୍ରଙ୍କ ମୃତ୍ୟୁ ଖବର ପୋଲିସ ବିଭାଗ ଓ ପରିଚିତ ମହଲରେ ଶୋକର ଛାୟା ଖେଳାଇ ଦେଇଛି।










ଭୁବନେଶ୍ୱର : ସଦ୍ୟ ଅନୁଷ୍ଠିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା କଳାହାଣ୍ଡି, ଝାରସୁଗୁଡା, କେନ୍ଦ୍ରାପଡା, କେନ୍ଦୁଝର, କଟକ, ଭଦ୍ରକ, ଯାଜପୁର ଓ ନୟାଗଡ ଜିଲ୍ଲାର ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀମାନେ ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ସମ୍ଭାବ୍ୟ ବାତ୍ୟାକୁ ନେଇ କଟକରେ ହାଇଆଲର୍ଟ

**କଟକ, ୨୪/୧୦ ନ୍ୟୁଜ ବ୍ୟୁରୋ**
ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ କଟକ ଜିଲ୍ଲାରେ ପ୍ରଶାସନିକ ତତ୍ପରତା ବଢ଼ିଛି। ଧନଜୀବନର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୂନ୍ୟ ଜୀବନହାନି ଲକ୍ଷ୍ୟରେ ବହୁମୁଖୀ ପ୍ରସ୍ତୁତି ହାତକୁ ନିଆଯାଇଛି। ଏଥିପାଇଁ ତିନିଟି ଓଡ୍ରାଫ୍ ଟିମ୍ ଓ ୩୦୦ ଆପଦା ମିତ୍ରଙ୍କୁ ନିୟୋଜିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଅକ୍ଟୋବର ୨୬ରେ କଟକ ଜିଲ୍ଲା ପାଇଁ ହଳଦିଆ ସତର୍କ ସୂଚନା ଏବଂ ୨୭ ଓ ୨୮ ତାରିଖରେ କମଳା ସତର୍କ ସୂଚନା ଜାରି ହୋଇଛି। ପ୍ରବଳ ବର୍ଷା ସହ ପବନର ଆଶଙ୍କା ଥିବାରୁ ସମସ୍ତ ସମ୍ପୃକ୍ତ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି। ଆବଶ୍ୟକ ପରିସ୍ଥିତିରେ ଅକ୍ଟୋବର ୨୬ରୁ ବିପଦସଙ୍କୁଳ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଯୋଜନା ରହିଛି। ବିଶେଷକରି ମହାନଦୀ ଓ କାଠଯୋଡ଼ି ନଦୀ ଅବବାହିକାରେ ଥିବା ଗାଁଗୁଡ଼ିକ ଉପରେ ପ୍ରଶାସନର ସ୍ୱତନ୍ତ୍ର ନଜର ରହିବ। ମହାନଦୀ ଅବବାହିକାର ୪୭୪ଟି ଏବଂ କାଠଯୋଡ଼ି ଅବବାହିକାର ୨୩ଟି ଗାଁକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଚିହ୍ନଟ କରାଯାଇଛି। ଏଥିସହ ଜିଲ୍ଲାର ୫୩୬ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବା ସହ ଲୋକଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍ ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ନେଇ ବ୍ୟବସ୍ଥା ହେଉଛି। ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ଜଣେ ଲେଖାଏଁ ନୋଡାଲ ଅଫିସର ଦାୟିତ୍ୱରେ ରହିବେ। ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ଏଡ଼ାଇବା ଉପରେ ମଧ୍ୟ ଜୋର ଦିଆଯାଇଛି। କଟକ ମହାନଗର ନିଗମ ଅଞ୍ଚଳରେ ୩୦୦ରୁ ଅଧିକ ମୋଟର ପମ୍ପ ନିୟୋଜନ ସହ ଡ୍ରେନ୍ ସଫେଇ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସଜାଗ ରଖିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ନଦୀବନ୍ଧ ଓ କେନାଲ ବନ୍ଧର ମରାମତି ଉପରେ ଜଳସମ୍ପଦ ବିଭାଗକୁ ଗୁରୁତ୍ୱ ଦେବାକୁ କୁହାଯାଇଛି।ବାତ୍ୟା ସମୟରେ ଅସୁରକ୍ଷିତ ତୋରଣ, ଗେଟ୍ ଓ ହୋର୍ଡିଂ ଭାଙ୍ଗି ଦୁର୍ଘଟଣା ଘଟିବା ଆଶଙ୍କା ଥିବାରୁ ସେଗୁଡ଼ିକୁ ହଟାଇବା ପାଇଁ ୪୮ ଘଣ୍ଟାର ସମୟସୀମା ଦିଆଯାଇଛି। ନିର୍ଦ୍ଦେଶ ଅବମାନନା କଲେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ। ଗଜଲକ୍ଷ୍ମୀ ପୂଜା ପାଇଁ ତୋରଣ ନିର୍ମାଣ କରୁଥିବା କମିଟିଗୁଡ଼ିକୁ ଅସୁରକ୍ଷିତ ଢାଞ୍ଚା ନିର୍ମାଣରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି। ଅତ୍ୟାବଶ୍ୟକ ହେଲେ ପ୍ରବଳ ପବନ ସହ୍ୟ କରିପାରୁଥିବା ସୁରକ୍ଷିତ ଢାଞ୍ଚା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ପରେ ରାସ୍ତାରେ ଗଛ ଉପୁଡ଼ିବା, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ଓ ଯୋଗାଯୋଗ ବ୍ୟାହତ ହେବା ଭଳି ସମସ୍ୟାର ତୁରନ୍ତ ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ଓ ଟିପିସିଓଡିଏଲ୍‌ର ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ରହିବେ। ପରିସ୍ଥିତି ଉପରେ ନିରନ୍ତର ନଜର ରଖି ଆବଶ୍ୟକସ୍ଥଳେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରଶାସନ ଯୋଜନା କରିଛି।





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com